Daily Edition:
RNI No.ODIODI/2010/33791

ସୋମବାର, ୧୬ ଅକ୍ଟୋବର ୨୦୧୭
ଭାଗ ୮ ସଂଖ୍ୟା ୬୪

Bhubaneswar,
Monday, 16 October 2017
Volume VIII, Issue No 64

୮ ପୃଷ୍ଠା, ମୂଲ୍ୟ : ୨ ଟଙ୍କା

ଆଜିର ତିଥି :
କନ୍ୟା ୩୦ ଦିନ ; କାର୍ତ୍ତିକ କୃଷ୍ଣପକ୍ଷ ଦ୍ୱାଦଶୀ
୧୯୩୯ ଶକାବ୍ଦ,୧୪୨୩ ସାଲ, ସମ୍ବତ ୨୦୭୪

www.srutinews.com

ସତ୍ୟ ପଥ ଧାମହି

ଶ୍ରୁତି
SRUTI

ସତ୍ୟନିଷ୍ଠ ସୃଜନଶୀଳ ଦୈନିକ ସମ୍ବାଦପତ୍ର

ତାନଜିନ ଓପନ ଜିତିଲେ ସାରାପୋଭା

ପ୍ରସଙ୍ଗ Email : srutimedia@gmail.com

ସମ୍ଭାବ୍ୟ ବାତ୍ୟା ପାଇଁ ପୂର୍ଣ୍ଣ ପ୍ରସ୍ତୁତି କରିବା ଉଚିତ୍ ନୁହେଁ କି ?

୧୫/୧୦ ର ଉତ୍ତର

ଆର୍ଥିକ ପ୍ରୋତ୍ସାହନ ପାଇଲେ ଆମ ବିଶ୍ୱବିଦ୍ୟାଳୟଗୁଡିକ ବିଶ୍ୱସ୍ତରର ହୋଇ ପାରିବେ କି ?

ନା	୩୨%
ହଁ	୬୮%

ଭିତର ପୃଷ୍ଠାରେ

ମୋଦି, ଯୋଗୀ ସରକାରଙ୍କୁ ଏନଜିଟି ନିର୍ଦ୍ଦେଶ ସ୍ୱଚ୍ଛ ଗଙ୍ଗା ପାଇଁ କ'ଣ ପଦକ୍ଷେପ ନେଇଛ ଜଣାଅ

ଗୁରୁଦାସପୁର ଲୋକସଭା ଉପନିର୍ବାଚନ : କଂଗ୍ରେସକୁ ମିଳିଲା ବଡ ବିଜୟ


ଭାରତର ଶକ୍ତିକୁ ଚୀନ ବୁଝିଛି: ରାଜନାଥ

୪ ମାଓବାଦୀ ଗିରଫ

ମାଲକାନଗିରି, ୧୫/୧୦(ଶ୍ରୁ.ମି): ସୀମାନ୍ତ ଛତିଶଗଡ ରାଜ୍ୟ କାଙ୍କେର ଜିଲ୍ଲା କୋଇଲିବେଡା ଥାନା ପୁଲିସ ଓ ବିଏସ୍ଏଫ୍ ଯବାନମାନେ ଆଜି ମିଳିତ ଭାବେ ଆଲପରସ ଜଙ୍ଗଲରେ ତଲାସି ଅଭିଯାନରେ ଯାଇଥିଲେ। ଏହି ସମୟରେ ୪ଜଣ ଯୁବକ ଜଙ୍ଗଲ ମଧ୍ୟରେ ସନ୍ଦିଗ୍ଧ ଭାବେ ବୁଲୁଥିବା ଯବାନମାନେ ଦେଖିବାକୁ ପାଇଥିଲେ। ସେମାନେ ଯବାନଙ୍କୁ ଦେଖି ଧାଇଁ ପଳାଉଥିବାବେଳେ ତାଙ୍କୁ କାବୁ କରି ଧରିବାରେ ପୁଲିସ ସକ୍ଷମ ହୋଇଥିଲା। ଉକ୍ତ ୪ଜଣ ଯୁବକ ମାଓବାଦୀ ସଂଗଠନ ପାଇଁ କାମ କରୁଥିବା ପୁଲିସ ନିକଟରେ ସ୍ୱୀକାର କରିବା ସହ ତାଙ୍କ ଠାରୁ ୪୩ଟି ଗୁଳି ଭର୍ତ୍ତି ବନ୍ଧୁକ ଗୋଟିଏ ଆଇ.ଡି ବମ୍ , ତାର, ଟିଫିନ୍ ବମ୍, ବ୍ୟାଟେରୀ ଓ ବିସ୍ଫୋରକ ତିଆରି ସାମଗ୍ରୀ ଜବତ କରିଥିଲେ।

▶୩ ପୃଷ୍ଠାରେ

କଲେଜ ଛାତ୍ରୀଙ୍କୁ ଦୁଷ୍କର୍ମ ଉଦ୍ୟମ

ପ୍ରତିବାଦରେ ଜାତୀୟ ରାଜପଥ ଅବରୋଧ

ମାର୍ଶାଘାଇ , ୧୫/୧୦(ଶ୍ରୁ.ମି): ସ୍ୱଷ୍ଟ ଦିବାଲୋକରେ ଜଣେ କଲେଜ ଛାତ୍ରୀଙ୍କୁ ଦୁଷ୍କର୍ମ ଉଦ୍ୟମ କରାଯିବା ଓ ଏହାର ପ୍ରତିବାଦରେ ସ୍ଥାନୀୟ ଲୋକେ ଜାତୀୟ ରାଜପଥରେ ଟାୟାର ଜାଳି ଆସାମୀଙ୍କୁ ଗିରଫ ଦାବିରେ ରାସ୍ତା ଅବରୋଧ କରିଥିଲେ। ଘଟଣାରୁ ପ୍ରକାଶ ରବିବାର ୫ ନଂ(କ) ଜାତୀୟ ରାଜପଥର ଯଦୁପୁର ଛକ ନିକଟରେ ଦିନ ୧ଟା ୩୦ ସମୟରେ ଘଟିଛି ଏଭଳି ଏକ ଅଭାବନୀୟ ଘଟଣା । ଛାତ୍ରୀଙ୍କ ପ୍ରତି ଏପରି ଘଟଣା ଘଟିବା କଥାକୁ ନେଇ ସ୍ଥାନୀୟ ଅଂଚଳରେ ତୀବ୍ର ଉତ୍ତେଜନା ଦେଖାଦେଇଛି । ଏହାର ପ୍ରତିବାଦରେ ଜାତୀୟ ରାଜପଥ ଚଣ୍ଡିଖୋଲ – ପାରାଦୀପ ଯଦୁପୁର ଗଡ଼ା ରେ ଟାୟାର ଜାଳି ରାସ୍ତା ଅବରୋଧ କରାଯାଇଥିଲା। ସ୍ଥାନୀୟ ଗୋପିନାଥପୁର ସଂସ୍କୃତ ମହାବିଦ୍ୟାଳୟରେ ଏହି ଛାତ୍ରୀ ଜଣଙ୍କ +୩ର ଶେଷ ବର୍ଷର ଅଧ୍ୟୟନ କରନ୍ତି।

▶୩ ପୃଷ୍ଠାରେ

ଏସିଆ କପ୍ ହକି : ହାଇଭୋଲଟେଜ ମ୍ୟାଚରେ ପାକିସ୍ତାନ ୩-୧ରେ ପରାସ୍ତ

ଭାରତର ହ୍ୟାଟ୍ରିକ ବିଜୟ

ଢାକା, ୧୫/୧୦(ଏଜେନ୍ସି): ଏସିଆ କପ୍ ହକି ଟୁର୍ଣ୍ଣାମେଣ୍ଟର ରବିବାର ଦିନ ଖେଳାଯାଇଥିବା ହାଇଭୋଲଟେଜ ମୁକାବିଲାରେ ଭାରତ ପାକିସ୍ତାନକୁ ୩-୧ରେ ପରାସ୍ତ କରିଛି । ଏହି ହ୍ୟାଟ୍ରିକ ବିଜୟ ସହ ପୁଲ 'ଏ'ରେ ଭାରତ ୯ ଅଙ୍କ ସହ ଶୀର୍ଷ ସ୍ଥାନ ବଜାୟ ରଖିଛି । ମ୍ୟାଚରେ ଭାରତ ସମ୍ପୂର୍ଣ୍ଣ ପ୍ରଭାବ ବିସ୍ତାର କରି ଖେଳିବା ସହ ଏହାର ଦମଦାର ଡିଫେନସକୁ ପାକିସ୍ତାନ ଭେଦିବାରେ ସକ୍ଷମ ହୋଇପାରିନଥିଲା । ଭାରତ ପାଇଁ ଚିଙ୍ଗଲେନସାନା ସିଂହ, ରମନଦୀପ ସିଂହ ଓ ହରମନପ୍ରୀତ ସିଂହ ଗୋଲ ସ୍କୋର କରିଥିଲେ । ପାକିସ୍ତାନ ତରଫରୁ ଯୁବ ଖେଳାଳୀ ଅଲ୍ଲୀ ସାନ ଏକମାତ୍ର ଗୋଲ ସ୍କୋର କରିଥିଲେ । ମ୍ୟାଚ ଆରମ୍ଭରୁ ଭାରତ ଆକ୍ରମଣାତ୍ମକ ଢଙ୍ଗରେ ଖେଳି ପାକିସ୍ତାନ ଉପରେ ଚାପ ସୃଷ୍ଟି କରିଥିଲା । ପ୍ରଥମ କ୍ୱାର୍ଟରରେ ମନପ୍ରୀତ ସେଣ୍ଟର ଲାଇନରୁ ଏକ ଲଙ୍ଗ ପାସ ଦେଇ ଗୋଲ କରିବାର ସୁଯୋଗ ସୃଷ୍ଟି କରିଥିଲେ କିନ୍ତୁ ଆକାଶଦୀପ ଏହି ସୁଯୋଗକୁ ଉପଯୋଗ କରିପାରିନଥିଲେ । ମ୍ୟାଚର ୧୭ ତମ ମିନିଟରେ ଚିଙ୍ଗେଲନସାନ ଭାରତ ତରଫରୁ ପ୍ରଥମ ଗୋଲ ସ୍କୋର କରିଥିଲେ। ଆକାଶଦୀପଙ୍କ ଦ୍ୱାରା କରାଯାଇଥିବା ଚମତ୍କାର ପାସ ପାଇ ବଲକୁ ପାକିସ୍ତାନ ଗୋଲପୋଷ୍ଟରେ ପହଞ୍ଚାଇଥିଲେ । ହାଫ ଟାଇମ ବେଳକୁ ଭାରତ ୧-୦ରେ ଆଗୁଆ ରହିଥିଲା । ପ୍ରଥମ ହାଫରେ ପାକିସ୍ତାନକୁ ତିନୋଟି ପେନାଲଟି କର୍ଣ୍ଣର ମିଳିଥିଲେ ହେଁ ଏହାକୁ ଗୋଲରେ ରୂପାନ୍ତରିତ କରିବାରେ ବିଫଳ ରହିଥିଲା । ଏହାସହ ଭାରତ ପାକିସ୍ତାନ ମ୍ୟାଚର ଚାପ ପାକିସ୍ତାନୀ ଖେଳାଳୀଙ୍କ ଉପରେ ଦେଖିବାକୁ ମିଳିଥିଲା । ବିପଦଜନକ ଭାବରେ ଖେଳୁଥିବା ମହମ୍ମଦ ରିଜୱାନଙ୍କୁ ଦୁଇ ମିନିଟ ଲାଗି ସସପେଣ୍ଡ କରାଯାଇଥିଲା। ସେହିଭଳି ଦ୍ୱିତୀୟ ହାଫରେ ରିଜୱାନଙ୍କୁ ଆଉଥରେ ପାଞ୍ଚମିନିଟ ଲାଗି

▶୩ ପୃଷ୍ଠାରେ

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଲଘୁଚାପ

ଦକ୍ଷିଣ ଓଡିଶାରେ ବର୍ଷିବ

ଭୁବନେଶ୍ୱର, ୧୫/୧୦ (ଶ୍ରୁ.ମି): ଦକ୍ଷିଣ ପଶ୍ଚିମ ବଙ୍ଗୋପ ସାଗରରେ ସୃଷ୍ଟି ହୋଇଥିବା ଏକ ଘୂର୍ଣ୍ଣିବଳୟ ଆସନ୍ତ ୨୪ ଘଣ୍ଟା ଭିତରେ ଏହା ଘନୀଭୂତ ହୋଇ ଅବପାତର ରୂପ ନେଇପାରେ। ତେବେ ଆସନ୍ତା ୧୭ ତାରିଖରେ ଏହାର ରୂପରେଖ ସ୍ୱଷ୍ଟ ହେବ ଏବଂ ବାତ୍ୟା ନେଇ ପୂର୍ବାନୁମାନ କରିବା ସମ୍ଭବପର ନୁହେଁ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶକ ଡ. ଶରତ ଚନ୍ଦ୍ର ସାହୁ କହିଛନ୍ତି। ଭୁବନେଶ୍ୱର ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ୧୯ ତାରିଖ ବେଳକୁ ଏହା ଅଧିକ ଘନୀଭୂତ ହୋଇ ଦକ୍ଷିଣ ଓଡିଶା-ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳକୁ ଗତି କରିବାର ସମ୍ଭାବନା ଅଛି। ଏହାର ପ୍ରଭାବରେ ପବନର ବେଗ ଘଣ୍ଟାକୁ ୬୫ କି.ମି.ରୁ ଅଧିକ ରହିବ। ଅବପାତ ଘନୀଭୂତ ହେବା ପୂର୍ବରୁ ଦକ୍ଷିଣ ଏବଂ ଉପକୂଳ ଓଡିଶାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି। ରାଜ୍ୟର କେତେକ ସ୍ଥାନରେ ବର୍ଷାର ପରିମାଣ ୧୨୦ ମିଲିମିଟରରୁ ଅଧିକ ହେବାର ମଧ୍ୟ ସମ୍ଭାବନା ଅଛି। ୨୦ ତାରିଖ ପରେ ଏହା ଅଧିକ ଘନୀଭୂତ ହୋଇ ଆଭ୍ୟନ୍ତରୀଣ କଳାହାଣ୍ଡି, କନ୍ଧମାଳ, ବଲାଙ୍ଗିର, ନୟାଗଡ ଆଦି ଜିଲ୍ଲାରେ ପ୍ରବଳ ବର୍ଷା ହେବ। ଏହି ଅବପାତ ପୁଣି ଥରେ ସମୁଦ୍ର ଆଡକୁ ମୁହାଁଇବ । ଯାହାର ଫଳରେ ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ଉତ୍ତର ଉପକୂଳ ଓଡିଶାରେ ପ୍ରବଳ ବର୍ଷା ହେବାର ପୂର୍ବାନୁମାନ କରିଛି ରାଜ୍ୟ ପାଣିପାଗ ବିଭାଗ।

ସୁନ୍ଦରଗଡରେ ବିଜେପିର ମିଶ୍ରଣ ପର୍ବ

ହେମଗିରି ରାଜା ସୁନିଲ ସିଂହଦେଓଙ୍କ ସମେତ ବହୁ ସମର୍ଥକ ବିଜେପିରେ ସାମିଲ

ସୁନ୍ଦରଗଡ, ୧୫/୧୦ (ଶ୍ରୁ.ମି): ସମ୍ପ୍ରତି ରାଜ୍ୟରେ ବିଜେପି ଦ୍ୱାରା ଚାଲିଥିବା ମିଶ୍ରଣ ପର୍ବ ସୁନ୍ଦରଗଡ ଜିଲ୍ଲାରେ ମଧ ତା'ର ପ୍ରଭାବ ପକାଇଛି । ଆଜି ସୁନ୍ଦରଗଡ ସହରର ନାରୀ କଲ୍ୟାଣ କେନ୍ଦ୍ର ଠାରେ ଆୟୋଜିତ ଏକ ମିଶ୍ରଣ ପର୍ବରେ ହେମଗିରି ରାଜା ସୁନିଲ ସିଂହଦେଓ ଏବଂ ଜଣାଶୁଣା ବିଜେଡି ନେତା ଗିରିଶ ସାହୁଙ୍କ ସମେତ ହଜାର ହଜାର ସମର୍ଥକମାନେ ବିଜେପି ଦଳରେ ସାମିଲ ହୋଇଥିଲେ। ଏହି ଅବସରରେ ବିଜେପି ରାଜ୍ୟ ସଭାପତି ବସନ୍ତ ପଣ୍ଡା, ବିଧାୟିକା-ରାଧାରାଣୀ ପଣ୍ଡା, ବରିଷ୍ଠ ନେତା କନକ ବର୍ଦ୍ଧନ ସିଂହଦେଓ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ସମେତ ବହୁ ପଦାଧିକାରୀମାନେ ଯୋଗ ଦେଇ ସୁନିଲ ସିଂହଦେଓ ଏବଂ ଗିରିଶ ସାହୁଙ୍କୁ ସ୍ୱାଗତ କରିବା ସହିତ ଏମାନଙ୍କ ମିଶ୍ରଣରେ ଆଗାମୀ ଦିନରେ ବିଜେପି ଆହୁରି ଶକ୍ତିଶାଳୀ ହେବ ବୋଲି ବକ୍ତାମାନେ ଘୋଷଣା କରିଥିଲେ।

ବାଇକ ଆମ୍ବୁଲାନ୍ସ ଯୋଜନା ଫେଲ

ପୁଣି ଥରେ କାନ୍ଧରେ ବୁହା ହେଲା ରୋଗୀ

ରାୟଗଡା, ୧୫/୧୦ (ଶ୍ରୁ.ମି): ରାଜ୍ୟରେ ଅନେକ ଅଞ୍ଚଳ ଅଛି ଯେଉଁଠାରେ ଆମ୍ବୁଲାନ୍ସ ସେବା ଅପହଞ୍ଚ ହେବାରୁ ରୋଗୀମାନଙ୍କୁ ଭାରରେ ବୋହି ଡାକ୍ତରଖାନା ନିଆଯାଉଛି। ଯୋଜନା ଯେ କାଗଜ କଲମରେ ଏବଂ ଘୋଷଣାରେ ହିଁ ରହିଯାଏ ତାହାର ଜ୍ୱଳନ୍ତ ଉଦାହରଣ ରବିବାର ଦେଖିବାକୁ ମିଳିଛି ରାୟଗଡା ଜିଲ୍ଲାର କଲ୍ୟାଣସିଂହପୁରର କେଲିଟିପଦ ଗ୍ରାମରେ । ସରକାରଙ୍କ ତରଫରୁ ଏହି ଅଞ୍ଚଳ ଲାଗି ଏକ ବାଇକ ଆମ୍ବୁଲାନ୍ସ ଯୋଗାଇ ଦିଆଯାଇଥିଲେ ହେଁ ଏହାର ଉପଯୋଗ ହୋଇନପାରିବାରୁ ପୁଣି ଥରେ ରୋଗୀକୁ ପ୍ରାୟ ୧୦ କିଲୋମିଟର କାନ୍ଧରେ ବୋହିଥିଲେ ରୋଗୀର ସମ୍ପର୍କୀୟ।

ସୂଚନାଯୋଗ୍ୟ,କେଲିଟିପଦାର ଗ୍ରାମର ସିକ୍କା ଲାଗୁଡି ନାମକ ଜଣେ ମହିଳାଙ୍କ ଦେହ ଖରାପ ହେବା ପରେ ଗାଁରେ ଭଲ ରାସ୍ତା ନଥିବାରୁ ଆମ୍ବୁଲାନ୍ସ ଆସିବା ସମ୍ଭବ ହୋଇନଥିଲା । ତେଣୁ ପରିବାର ଲୋକେ ଅସୁସ୍ଥ ସିକ୍କା ଲାଗୁଡିକୁ ଭାରରେ ବୋହି ନଇ, ନାଳ, ପାହାଡ ଡେଇଁ ଗାଁ ଠାରୁ ୧୦ କିଲୋମିଟର ଦୂର ପାରସାଲି ଯାଏଁ ନେଇଥିଲେ। ପରେ ପାରସାଲି ଗାଁରୁ ଏକ ଅଟୋ ରିକ୍ସାରେ କଲ୍ୟାଣସିଂହପୁର ଡାକ୍ତରଖାନାକୁ ନେଇଥିଲେ। ବର୍ତ୍ତମାନ ସିକ୍କାଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡିଛି। ପ୍ରକାଶଯୋଗ୍ୟ ଯେ, କେତେକ ଅଞ୍ଚଳରେ ପ୍ରସୂତୀମାନଙ୍କୁ କାନ୍ଧରେ ଭାର କରି ବୁହା ହୋଇଥିବା ଦେଖାଯାଇଥିଲା। ତେଣୁ ଚଳିତ ବର୍ଷ ସେପ୍ଟେମ୍ବର ୮ ତାରିଖରେ

▶୩ ପୃଷ୍ଠାରେ

ବିଜେଡିରେ କମ୍ପନ

ସାଂସଦ ପିନାକୀ ମିଶ୍ରଙ୍କ ଧର୍ମେନ୍ଦ୍ରଙ୍କୁ ପ୍ରଶଂସା ହଜମ କରିପାରୁନାହିଁ ବିଜେଡି

ଦେବାଶିଷ କହିଲେ ଦଳ ବିରୋଧି ; ତିନ ବରିଷ୍ଠ ନେତାଙ୍କ ସମାଲୋଚନା

ଭୁବନେଶ୍ୱର, ୧୫/୧୦ (ଶ୍ରୁ.ମି): ଗତକାଲିର ଏକ ସାଧାରଣ ଘଟଣା ବିଜେଡି ରାଜନୀତିରେ କମ୍ପନ ସୃଷ୍ଟି କରିଛି। ଶନିବାର ଦିନ ଏକ ସରକାରୀ କାର୍ଯ୍ୟକ୍ରମରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପୁରୀ ସାଂସଦ ପିନାକୀ ମିଶ୍ର ଏକାଠି ହୋଇଥିଲେ। ମନ୍ତ୍ରୀ ଶଶିଭୂଷଣ ବେହେରା ମଧ୍ୟ ଉପସ୍ଥିତ ଥିଲେ। ନିଜ ଭାଷଣରେ କହୁ କହୁ ଧର୍ମେନ୍ଦ୍ରଙ୍କୁ ପ୍ରଶଂସାରେ ପୋତି ପକାଇଲେ ପିନାକୀ। କହିଲେ ଧର୍ମେନ୍ଦ୍ର ଜଣେ ପରିଶ୍ରମୀ ତଥା ଭାଗ୍ୟଶାଳୀ ମନ୍ତ୍ରୀ। ତାଙ୍କ ସମୟରେ ପେଟ୍ରୋଲିୟମ ବିଭାଗ ଯଥେଷ୍ଟ ଉନ୍ନତି କରିଛି। ସେ ପ୍ରଧାନମନ୍ତ୍ରୀଙ୍କ ଆସ୍ଥା ଭାଜକ ନହୋଇଥିବାରୁ ତାଙ୍କୁ ସ୍କିଲ୍ ଡେଭଲପ୍‌ମେଣ୍ଟ ପରି ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ମିଳିଛି। ଆଶା ଏହି ବିଭାଗ ମାଧ୍ୟମରେ ସେ ବହୁ ଯୁବକ ଯୁବତୀଙ୍କୁ କର୍ମନିଯୁକ୍ତି ଦେବାରେ ସହାୟକ ହେବେ। ତାଙ୍କର ଏଭଳି ଭାଷଣ ସାମାନ୍ୟ ଅସ୍ୱାଭାବିକ ବୋଧ ହୋଇଥିଲେ ମଧ୍ୟ ଏଥିରେ ବିସ୍ମିତ ହେବାର କିଛି ନଥିଲା। ରାଜନୀତିରେ ପରସ୍ପର ବିରୋଧି ଦଳର ନେତାଙ୍କୁ ପ୍ରଶଂସା କରିବାର ପରମ୍ପରା ବହୁତ ପୁରୁଣା। ଦିନେ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ନେହେରୁ ଆମେରିକାର ରାଷ୍ଟ୍ରପତି ଜନ କେନେଡିଙ୍କ ସହ ଯୁବ ସାଂସଦ ଅଟଳବିହାରୀ ବାଜପେୟୀଙ୍କ ପରିଚୟ କରାଇବା ବେଳେ କହିଥିଲେ ଏ ଦେଶର ଭାବି ପ୍ରଧାନମନ୍ତ୍ରୀ। ଅନ୍ୟ ଦଳର ନେତାମାନଙ୍କୁ ଏଭଳି ପ୍ରଶଂସା କରିବା ରାଜନୀତିରେ ଏକ ମହନୀୟ ଗୁଣ ଭାବେ ଗ୍ରହଣ କରାଯାଏ। କିନ୍ତୁ ପିନାକୀଙ୍କର ଏଭଳି ପ୍ରଶଂସା ହଠାତ୍ ବିଜେଡି ରାଜନୀତିରେ ଯେ ଏପରି ଉଦ୍‌ବେଳନ ସୃଷ୍ଟି କରିବ ତାହା ଅନୁମାନ କରି ହେଉନଥିଲା। ଅତୀତରେ ପିନାକୀ ମୁଖ୍ୟମନ୍ତ୍ରୀଙ୍କର ଅତ୍ୟନ୍ତ ବିଶ୍ୱସ୍ତ ଥିଲେ। ତାଙ୍କର ନିର୍ଭରଯୋଗ୍ୟ **୩ - P** ଙ୍କ ମଧ୍ୟରୁ ସେ ଥିଲେ ଜଣେ। ସେ ମୁଖ୍ୟମନ୍ତ୍ରୀଙ୍କୁ ଆଇନଗତ ପରାମର୍ଶ ଦେବା ସହ ନୂଆଦିଲ୍ଲୀରେ ସରକାର ତଥା ଦଳୀୟ ମାମଲା ପରିଚାଳନାରେ ମାର୍ଗଦର୍ଶକ ରୂପେ କାର୍ଯ୍ୟ କରୁଥିଲେ। କିନ୍ତୁ କେଉଁ ପରିସ୍ଥିତିରେ ସେ ଧର୍ମେନ୍ଦ୍ରଙ୍କ ସମ୍ପର୍କରେ ଏଭଳି ମନ୍ତବ୍ୟ ଦେଲେ ତାକୁ ନେଇ ବିଭିନ୍ନ ମହଲରେ କଳ୍ପନାଜଳ୍ପନା ଚାଲିଛି। କୁହାଯାଉଛି ସେ କାଳେ ବିଜେପି ମୁହାଁ ହେଲେଣି। ଆଉ କେତେକଙ୍କର ମତ ଇତିମଧ୍ୟରେ ମୁଖ୍ୟମନ୍ତ୍ରୀ ତାଙ୍କ ଉପରୁ ଆସ୍ଥା ହରେଇଲେଣି। ତେବେ ଯାହା ହେଉ ଶନିବାରର ଏଭଳି ମନ୍ତବ୍ୟ ପରେ ବିଜେଡିର ମୁଖପାତ୍ର ବିଧାୟକ ଶ୍ରୀ ଦେବାଶିଷ ସାମନ୍ତରାୟ , ପୂର୍ବତନ ମନ୍ତ୍ରୀ ବିଷ୍ଣୁ ଦାସ ଏବଂ ବରିଷ୍ଠ ମନ୍ତ୍ରୀ ଡ. ଦାମୋଦର ରାଉତ ଏହା ଉପରେ ଯେଉଁଭଳି ଟିପ୍ପଣୀ ଦେଇଛନ୍ତି ତାହା ଅନେକଙ୍କୁ ବିସ୍ମିତ କରିଛି। ସାଧାରଣରେ ବିଶ୍ୱାସ କରାଯାଏ ଯେ, ଦଳୀୟ ମୁଖପାତ୍ରଙ୍କ ମନ୍ତବ୍ୟ ପାର୍ଟି ସୁପ୍ରିମୋଙ୍କ ନିର୍ଦ୍ଦେଶ ମତେ ହିଁ ହୋଇଥାଏ। ତେବେ ଯାହା ହେଉ ସର୍ବପ୍ରଥମେ ବିଧାୟକ ଦେବାଶିଷ ସାମନ୍ତରାୟ ପିନାକୀଙ୍କ ସମାଲୋଚନା କରି ମନ୍ତବ୍ୟ ଦେଲେ ଯେ, "ତେଲ ଦର ବଢୁଛି ଲୋକେ ହନ୍ତସନ୍ତ ହେଉଛନ୍ତି। ଏସବୁ ଜାଣି ବି ଧର୍ମେନ୍ଦ୍ରଙ୍କୁ ପ୍ରଶଂସା କରିବା ଦଳ ବିରୋଧ।" ଖାଲି ଦେବାଶିଷ ନୁହଁନ୍ତି ତାଙ୍କ ପରେ ପରେ ବରିଷ୍ଠ ନେତା ବିଷ୍ଣୁ ଦାସ ଆଉ ପାଦେ ଆଗେଇ ଯାଇ କହିଲେ ଯେ, "ବିଜେପୁର ଠାରେ ବଳ କଷାକଷି ଚାଲିଥିବାବେଳେ ଧର୍ମେନ୍ଦ୍ରଙ୍କୁ ପ୍ରଶଂସା କରିବା ଠିକ୍ ନୁହେଁ। ଧର୍ମେନ୍ଦ୍ର ନିଜେ ନିଜ ସ୍ଥିତି ଜାଣିପାରୁନାହାଁନ୍ତି। ପିନାକୀଙ୍କ ପ୍ରଶଂସା ଦଳ ଉପରେ କୌଣସି ପ୍ରଭାବ ପକାଇବ ନାହିଁ। ତାଙ୍କର କିଛି ଭିତିରି ଉଦ୍ଦେଶ୍ୟ ଥାଇପାରେ। ସେ ଆହୁରି କହିଥିଲେ ଯେ, ଦାମ ବାବୁ ପୂର୍ବରୁ ଧର୍ମେନ୍ଦ୍ରଙ୍କ ପ୍ରଶଂସକ ଥିଲେ। ଏବେ ସେ ଧର୍ମେନ୍ଦ୍ରଙ୍କୁ କଟାକ୍ଷ କରୁଛନ୍ତି।" ଏହା ପରେପରେ ଦଳର ଉପସଭାପତି ତଥା ବରିଷ୍ଠ ମନ୍ତ୍ରୀ ଡ. ଦାମୋଦର ରାଉତ ନିଜର ସ୍ୱଭାବ ସୁଲଭ ଢ଼ଙ୍ଗରେ ପିନାକୀଙ୍କୁ ତାଚ୍ଛଲ୍ୟ କରି କହିଥିଲେ ଯେ, "ଆଗେ ପିନାକୀଙ୍କୁ ଚନ୍ଦ୍ର ସ୍ୱାମୀ, ଇନ୍ଦିରା ଗାନ୍ଧୀ ଓ ସଞ୍ଜୟ ଗାନ୍ଧୀ ଭଲ ଲାଗୁଥିଲେ। ଏବେ ଧର୍ମେନ୍ଦ୍ର ତାଙ୍କୁ ଭଲ ଲାଗୁଥାଇପାରନ୍ତି। ଏହା ତାଙ୍କ ବ୍ୟକ୍ତିଗତ ମତ। ଓଡିଆ ପୁଅ ଭାବରେ ମୁଁ ଧର୍ମେନ୍ଦ୍ରଙ୍କ ପାଇଁ ଗର୍ବିତ। କିନ୍ତୁ ସେ ଓଡିଶାର ସ୍ୱାର୍ଥ ଓ ସ୍ୱାଭିମାନ ବିରୁଦ୍ଧରେ କାମ କରୁଛନ୍ତି। ଦେବାଶିଷଙ୍କ ପିନାକୀଙ୍କ ସମ୍ପର୍କରେ 'ଦଳ ବିରୋଧି' ଟିପ୍ପଣୀ ଉପରେ ମନ୍ତବ୍ୟ ଦେବାକୁ ଯାଇ ସେ କହିଥିଲେ ଯେ, ହୁଏତ ଏଭଳି ମନ୍ତବ୍ୟ ଦେବା ପାଇଁ ତାଙ୍କୁ ପାର୍ଟିର ନିର୍ଦ୍ଦେଶ ଥାଇପାରେ।"

▶୩ ପୃଷ୍ଠାରେ



ଶ୍ରୀରାମ ଚରିତ ମାନସ

॥ ଚୌପାଇ ॥
ସୁନି ପ୍ରଭୁ ବଚନ ହରଷି ମୁନି ଚାରୀ ।
ପୁଲକିତ ତନ ଅସ୍ତୁତି ଅନୁସାରୀ ॥
ଜୟ ଭଗଓ୍ୱଂତ ଅନଂତ ଅନାମୟ ।
ଅନଘ ଅନେକ ଏକ କରୁନାମୟ ॥୧॥
ପ୍ରଭୁଙ୍କ ବାଣୀ କର୍ଣ୍ଣେ ଶୁଣି ।
ଅତି ହରଷେ ଚାରି ମୁନି ॥
ପୁଲକ ପୂର୍ଣ୍ଣ କଳେବରେ ।
ତାହାଙ୍କ ସ୍ତୁତି ଗାନ କଲେ ॥
ହେ ଭଗବାନ ରଘୁରାୟ ।
ପ୍ରଭୁ ତୁମ୍ଭର ହେଉ ଜୟ ॥
ତୁମ୍ଭେ ଅନନ୍ତ ଅନ୍ତନାହିଁ ।
ବିକାର ରହିତ ଗୋସାଇଁ ॥
ପାପ ରହିତ ରଘୁନାଥ ।
ଏଣୁ ଅନଘ ବୋଲି ଖ୍ୟାତ ॥
ସମସ୍ତ ରୂପରେ ବିହର ।
ଏଣୁ ଅନେକ ରୂପ ଧର ॥
ତୁମ୍ଭେ ତ ଏକ ଅଦ୍ୱିତୀୟ ।
ପୁଣି ଅଶେଷ କୃପାମୟ ॥୧॥
ଜୟ ନିର୍ଗୁନ ଜୟ ଜୟ ଗୁନ ସାଗର ।
ସୁଖ ମଂଦର ସୁଂଦର ଅତି ନାଗର ॥
ଜୟ ଇଂଦିରା ରମନ ଜୟ ଭୂଧର ।
ଅନୁପମ ଅଜ ଅନାଦି ସୋଭାକର ॥୨॥
ଆହେ ନିର୍ଗୁଣ ରଘୁମଣି ।
ତୁମ୍ଭର ଜୟ ହେଉ ସ୍ୱାମୀ ॥
ଜୟ ହେ ଗୁଣ ପାରାବାର ।
ତୁମ୍ଭର ଜୟ ହେଉ ବୀର ॥
ତୁମ୍ଭେ ତ ସୁଖର ସଦନ ।
ସୁନ୍ଦର ଚତୁର ସୁଜାଣ ॥
ଜୟ ହେ ଶ୍ରୀ ରମାଙ୍କ ବର ।
ଜୟ ହେ ଜୟ ମହୀଧର ॥
ତୁମ୍ଭେ ତ ପ୍ରଭୁ ନିରୁପମ ।
ଅଜ ବୋଲାଅ ନାହିଁ ଜନ୍ମ ॥
ଅନାଦି ଆଦି ଯେଣୁ ନାହିଁ ।
ଶୋଭାର ଆକର ଗୋସାଇଁ ॥୨॥
ଗ୍ୟାନ ନିଧାନ ଅମାନ ମାନପ୍ରଦ ।
ପାଓ୍ୱନ ସୁବାସ ପୁରାନ ବେଦ ବଦ ॥
ତଗ୍ୟ କୃତଗ୍ୟ ଅଗ୍ୟତା ଭଂଜନ ।
ନାମ ଅନେକ ଅନାମ ନିରଂଜନ ॥୩॥
ତୁମ୍ଭେତ ଜ୍ଞାନର ଭଣ୍ଡାର ।
ମାନ ରହିତ ରଘୁବର ॥
କିନ୍ତୁ ଅନ୍ୟକୁ ମାନ ଦିଅ ।
ଅମାନୀ ମାନଦ ବୋଲାଅ ॥
ସୁଯଶ ତୁମ୍ଭର ଗୋସାଇଁ ।
ଅତି ପବିତ୍ରର ବୋଲି କହି ॥
ବେଦ ପୁରାଣ ଏକ ମତେ ।
ସେ ଯଶ ଗାଉଛନ୍ତି ନିତ୍ୟେ ॥
ତୁମ୍ଭେ କୃତଜ୍ଞ ତତ୍ତ୍ୱଜ୍ଞାତା ।
ଘୋର ଅଜ୍ଞାନ ନାଶକର୍ତ୍ତା ॥
ଅନନ୍ତ ନାମଧାରୀ ନାଥ ।
ପୁଣି ଅନାମ ନାମାତୀତ ॥
ମାୟା ରହିତ ନିରଞ୍ଜନ ।
ନାହିଁ ତୁମ୍ଭର ଚିହ୍ନ ବର୍ଣ୍ଣ ॥୩॥
ସର୍ବ ସର୍ବଗତ ସର୍ବ ଉରାଲୟ ।
ବାସସି ସଦା ହମ କହୁଁ ପରିପାଲୟ ॥
ଦ୍ୱଂଦ ବିପତି ଭଓ୍ୱ ଫଂଦ ବିଭଂଜୟ ।
ହୃଦି ବସି ରାମ କାମ ମଦ ଗଂଜୟ ॥୪॥
ତୁମ୍ଭେତ ସର୍ବ ସର୍ବରୂପୀ ।
ସର୍ବତ୍ର ରହିଅଛ ବ୍ୟାପି ॥
ସଭିଙ୍କ ହୃଦୟ ମନ୍ଦିରେ ।
ବାସ କରୁଛ ନିରନ୍ତରେ ॥
ତେଣୁ ଆମ୍ଭଙ୍କୁ ପ୍ରଭୁ ତୁମ୍ଭେ ।
ପରିପାଳନ କର ଏବେ ॥
ଜନମ ମୃତ୍ୟୁ ରାଗଦ୍ୱେଷ ।
ଏ ଆଦି ଯେତେ ଦ୍ୱନ୍ଦ୍ୱ ଦୋଷ ॥
ବିପତ୍ତି ଭବ-ପାଶ ସଙ୍ଗେ ।
ବିନାଶ କର ପ୍ରଭୁ ବେଗେ ॥
ଭୋ ରାମ ତୁମ୍ଭେ ଆମ୍ଭ ହୃଦେ ।
ନିବାସ କରି ନିଜ ଛନ୍ଦେ ॥
ମୂଳରୁ କାମ ମଦ ମାନ ।
ସମସ୍ତ କରିଦିଅ ଛିନ୍ନ ॥୪॥

ଅନୁବାଦ: **ପଣ୍ଡିତ ବାଞ୍ଛାନିଧି ଦାଶ**

□□□ କ୍ରମଶଃ

ରାଶିଫଳ

ମେଷ:- ଆଜି ଦିନଟି ଆପଣଙ୍କ ପାଇଁ ସୁଖ ସୁବିଧାଯୁକ୍ତ ରହିବ । ଭ୍ରମଣ ଲାଭ ଦାୟକ । ପରିବାର ଜନଙ୍କୁ ସୁଖଶାନ୍ତିରେ ରଖିବା ପାଇଁ ପ୍ରୟାସ କରିବେ । ସଜ୍ଜା ଏବଂ ରୂପ ଚର୍ଯ୍ୟାରେ ସମୟ ବିତାଇବେ ।

ବୃଷ:- ସାମାଜିକ ମିଳାମିଶା ବଢିବ । ଅନ୍ୟ ପାଇଁ ସାହାଯ୍ୟ କରି ନିନ୍ଦିତ ହେବେ । ଲୋକ ସମର୍ଥନ ପାଇ ଆନନ୍ଦିତ ହେବେ । ସୁସ୍ୱାଦୁ ଖାଦ୍ୟ ଖାଇବେ । ପରିବାରିକ ଆନନ୍ଦ ଉଲ୍ଲାସ ଦେଖାଦେବ । ଖେଳାଳିମାନେ ନାମ ଓ ଯଶ କମେଇବେ । ଛାତ୍ରଛାତ୍ରୀମାନେ ଲେଖାପଢାରେ ଅମନଯୋଗୀ ହେବେ । ଭବିଷ୍ୟତରେ ସୁଫଳ ହେବେ ।

ମିଥୁନ:- ଧନ ବୃଦ୍ଧି କୌଶଳ ଅବଲମ୍ବନ କରି ସଫଳ କାମ ହେବେ । ଶତ୍ରୁ ସଂଖ୍ୟା ହ୍ରାସ ପାଇବ । ପରିବାର ଜନଙ୍କୁ ସୁଖଶାନ୍ତିରେ ରଖିବା ପାଇଁ ପ୍ରୟାସ କରିବେ । ମହିଳାମାନେ କୌଣସି ଖବର ପାଇ ଖୁସି ରହିବେ । ଛାତ୍ରଛାତ୍ରୀମାନେ ସଫଳ ହେବେ ।

କର୍କଟ:- ଆଜିର ଗ୍ରହ ଆପଣଙ୍କ ପାଇଁ ଲାଭ ଓ ସୁଖକାରକ ରହିବ । ଅର୍ଥାଗମର ସୂଚନା ।ବ୍ୟବସାୟରେ ଆଶାଜନକ ପରିଣାମ ପାଇବେ । ବନ୍ଧୁ ଦ୍ୱାରା ଲାଭ ହେବ । ପରିବାରିକ ଜୀବନ ଶାନ୍ତିମୟ ହେବ । ପ୍ରେମିକା ପ୍ରେମିକଙ୍କ ସମ୍ପର୍କରେ ପ୍ରଗାଢତା ବୃଦ୍ଧି ହେବ । ଛାତ୍ରଛାତ୍ରୀମାନେ ପରିକ୍ଷାରେ ଭଲ କରିବେ ।

ସିଂହ:- ଅଚାନକ ଧନ ଲାଭ ହେବ । ଆର୍ଥିକ ସ୍ଥିତିରେ ସ୍ୱଚ୍ଛଳତା ଦେଖାଦେବ । ପରିବାରଜନ ଆପଣଙ୍କ ଠାରୁ ସୁଖଶାନ୍ତି ଆଶା କରିବେ । ମୋଟରଯାନ ଚଳାଚଳରେ ସାବଧାନତା ଲୋଡା ଦୁର୍ଘଟଣା ଘଟିପାରେ । ଗୃହିଣୀମାନେ ଘରକରଣା କାମରେ ବିରକ୍ତି ଭାବ ପ୍ରକାଶିବେ । ଛାତ୍ରଛାତ୍ରୀମାନେ ଲେଖାପଢାରେ ଅମଯୋଗୀ ହେବେ ।

କନ୍ୟା:- ଆଜି ଦିନଟି ଆପଣଙ୍କ ପାଇଁ ସୁଖଶାନ୍ତି କାରକ ରହିବ । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସହ ସମ୍ପର୍କ ବଢିବ । କୌଣସି ଶୁଭ ଖବର ପାଇ ମନୋବଳ କୁଣ୍ଡେମୋଟ ହୋଇଯିବ । ପାରିବାରିକ ଜୀବନ ହସିଲାପୁରିଲା ଲାଗିବ । ମହିଳାମାନେ ସାହିତ୍ୟ, ସଂଗୀତ ଓ ଚଳଚ୍ଚିତ୍ର ପ୍ରତି ଆକର୍ଷିତ ହେବେ ।

ତୁଳା:- ଆଜିର ଗ୍ରହ ଚଳନ ଆପଣଙ୍କୁ ପରିଶ୍ରମର ଲାଭ ଏବଂ ସୁଖ୍ୟାତି ଆଣିଦେବ । ଚାକିରୀଜୀବୀମାନେ ପଦୋନ୍ନତିର ପ୍ରାକ ସୂଚନା ପାଇବେ । ଆର୍ଥିକ ସ୍ୱଚ୍ଛଳତା ଦେଖାଦେବ । ଶତ୍ରୁମାନେ ଦବି ରହିବେ । ଗୃହିଣୀମାନେ ଘରକରଣା କାମରେ ବ୍ୟଗ୍ର ରହିବେ ।

ବିଛା:- ଅଚାନକ ଅର୍ଥପ୍ରାପ୍ତି । ଯୌଥ କାରବାରରେ ଆଶାଜନକ ପରିଣାମ ପାଇବେ । ଆର୍ଥକ ସ୍ଥିତିରେ ସ୍ୱଚ୍ଛଳତା ଦେଖାଯିବ । ସାଂସାରିକ ଜୀବନ ସୁଖମୟ ହେବ । ନବଦମ୍ପତ୍ତିମାନେ ବୁଲାବୁଲି ପାଇଁ ନିକଟତମ ସ୍ଥାନକୁ ଯାଇପାରନ୍ତି । ଛାତ୍ରଛାତ୍ରୀମାନେ ପରିଶ୍ରମର ଫଳ ପାଇବେ ।

ଧନୁ:- ଆଜିର ଗ୍ରହ ଚଳନ ପାଇଁ ଅନାବଶ୍ୟକ ଖର୍ଚ୍ଚ ବୃଦ୍ଧି ହେବ । କୌଣସି ଖବର ପାଇ ମାନସିକ ଅଶାନ୍ତି ବଢିଯିବ । କାହାରି ସହିତ ଲଢେଇ ଝଗଡା ହୋଇପାରେ । ଯାତାୟତ ସମୟରେ ସାବଧାନତା ଲୋଡା ଦୁର୍ଘଟଣା ଘଟିପାରେ । ଗୃହିଣୀମାନେ ଗ୍ୟାସ ଓ ବିଦ୍ୟୁତ ପ୍ରତି ସାବଧାନତା ଅବଲମ୍ବନ କରିବା ଆବଶ୍ୟକ ।

ମକର:- ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବୃଦ୍ଧି ହେବ । ମନ ସ୍ୱଚ୍ଛ ଓ ହୃଦୟ ପବିତ୍ର ରହିବ । ପରିବାରଜନଙ୍କ ମନ ନେଇ ଚଳିବେ । ପିତାଙ୍କ ଠାରୁ ସ୍ନେହ ଆଦର ପାଇବେ । ବେପାର ବାଣିଜ୍ୟ କାମରେ ଅନ୍ୟରାଜ୍ୟ ଅବା ବିଦେଶ ଯାତ୍ରା କରିବେ । ଆଇ ବ୍ୟବସାୟ କରୁଥିବା ମହିଳାମାନେ ମନୋନୁକୂଳ ସଫଳତା ପାଇବେ ।

କୁମ୍ଭ:- ଆଜି ଦିନଟି ଅପାଣଙ୍କ ପାଇଁ ଉତ୍ତମ ଦାୟକ ଅଟେ । ଧନବୃଦ୍ଧି ପାଇଁ ଚେଷ୍ଟା କରିବେ । ସଫଳ କାମୀ ହେବେ । ଆପଣଙ୍କ କଥା ଭାଷାରେ ଅନ୍ୟମାନେ ପ୍ରଭାବିତ ହେବେ । ପାରିବାରିକ ଜୀବନ ହସିଲା ପୁରିଲା ଲାଗିବ । ସ୍ୱାସ୍ଥ୍ୟ ଓ ଅର୍ଥ ବିଭାଗରେ କାର୍ଯ୍ୟ କରୁଥିବା ମହିଳାମାନେ ଉଚ୍ଚ ପ୍ରଶଂସିତ ହେବେ ।

ମୀନ:- ବେପାର ବାଣିଜ୍ୟ କ୍ଷେତ୍ରରେ ଅଧିକ ଲାଭ ପାଇବା ପାଇଁ ନୂତନ ବୁଦ୍ଧି କୌଶଳ ଅବଲମ୍ବନ କରିବେ । ଭୂମି ଓ ଭବନର ବିକାଶ ପାଇଁ ଧନ ବ୍ୟୟ କରିବେ ସ୍ତ୍ରୀ ଓ ସନ୍ତାନମାନେ ଆପଣଙ୍କଠାରୁ ସୁଖଶାନ୍ତି ଆଶା କରିବେ । କର୍ମଜୀବୀ ମହିଳାମାନେ ଜୀବିକା କ୍ଷେତ୍ରରେ ଅଧିକ କାର୍ଯ୍ୟ ଭାର ତୁଲାଇ କ୍ଳାନ୍ତି ଅନୁଭବ କରିବେ ।

ମାଳତୀପାଟପୁରରେ ହେବ ପର୍ଯ୍ୟଟକ ଧର୍ମଶାଳା

ପୁରୀ, ୧୫/୧୦(ଶ୍ରୁ.ମି): ଗତକାଲି ପୁରୀ ସର୍କିଟ ହାଉସ ଠାରେ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତିଙ୍କ ଅଧକ୍ଷତାରେ ବୈଠକ ବସି ଆଇକନ ସିଟି ପ୍ରକଳ୍ପ ସମିକ୍ଷା କରିଥିଲେ ମାଳତୀପାଟପୁର ଠାରେ ଏକ ପର୍ଯ୍ୟଟକ ଧର୍ମଶାଳା ନିର୍ମାଣ କରାଯିବା ସହ ବଳିଆ ପଣ୍ଡା ଠାରେ ୧୫ଏକର ଜମିରେ ଏକ ପାର୍କ ନିର୍ମାଣ ହେବ ଓ ପୁରୀ ଦିଗବାରିଣି ଖୁଣ୍ଟ ଷ୍ଟାଣ୍ଡକୁ ୩ ମହଲା ପାର୍କିଂ ଘର ନିର୍ମାଣ କରାଯିବା ସହ ହରେକୃଷ୍ଣପୁର ଠାରୁ ସୁବାସବୋଷ ଛକ , ଚୈତନ୍ୟ ଛକ ସମୁଦ୍ରକୂଳ ପର୍ଯ୍ୟନ୍ତ ଡାକ୍ତରଖାନା ଛକ ଦେଇ ସ୍ୱର୍ଗଦ୍ୱାରା ପର୍ଯ୍ୟନ୍ତ ଐତିହ କରିଡର ନିର୍ମାଣ ମଧ ହେବ ଏନେଇ ସମୁଦାୟ ୧୦ କୋଟିର ଉର୍ଦ୍ଧ ଟଙ୍କା ଖର୍ଚ୍ଚର ଆକଳନ କରାଯାଇଛି ।

ଚଳିତ ବର୍ଷ ହବିଷ୍ୟାଳିଙ୍କ ଦୁଃଖ ବଢୁଛି

ପୁରୀ, ୧୫/୧୦(ଶ୍ରୁ.ମି):ଏ ବର୍ଷ ସରକାରୀ ଯୋଜନା ଅନୁସାରେ ୩ ହଜାର ହବିଷ୍ୟାଳି ବ୍ରତଧାରୀ ଙ୍କୁ ୩ଟି ଜାଗାରେ ମାଗଣାରେ ସମସ୍ତ ସୁବିଧା ଯୋଗାଯାଉଥିବା ବେଳେ ଘରୋଇ ଭାବେ ହାତରୁ ଖର୍ଚ୍ଚ କରି ସହରର ବିଭିନ୍ନ ସ୍ଥାନରେ ରହୁଥିବା ହବିଷ୍ୟାଳି ମାନଙ୍କ ଦୁଃଖ ବଢିବାରେ ଲାଗିଛି । ପ୍ରତ୍ୟେକ ଦିନ ହବିଷ୍ୟାଳି ମାନଙ୍କର ଅସୁସ୍ଥତା ଦେଖାଦେବା ସହ ମାଙ୍କଡ, ଷଣ୍ଢଙ୍କ ଆକ୍ରମଣର ଶିକାର ସାଙ୍ଗକୁ ଶ୍ରୀମନ୍ଦିର ଭିତରେ ଓ ବାହାରେ ବିଭିନ୍ନ ଲୋକ, ପଣ୍ଡା ସେବାୟତ ମାନଙ୍କ ଦ୍ୱାରା ଟାହିଟାପରା ଶିକାର ହେଉଥିବା କେତେକ ବ୍ରତଧାରିଣି ହବିଷ୍ୟାଳିଙ୍କ କୋହ ଭରାକଣ୍ଠରେ ପ୍ରକାଶ କରିଥିବା ଜଣାପଡିଛି । ସରକାରି ପରିଚୟ ପତ୍ର ବେକରେ ପଡିଥିବାରୁ ସମସ୍ତେ ମାଗଣାଖିଆ ହବିଷ୍ୟାଳି ଆସିଲେ ବୋଲି କଟୁ ସମାଲୋଚନା କରି କହିବା ସହିତ ଶ୍ରୀ ମନ୍ଦିର ଭିତରେ ଥିବା ବିଭିନ୍ନ ଦେବାଦେବିଙ୍କୁ ଦର୍ଶନ ପାଇଁ ଗଲାବେଳକୁ ମଧ ତାଛଲ୍ୟ ଶୁଣିବାକୁ ମିଳୁଛି । ଦାନ ଧର୍ମ ଓ ଠାକୁରଙ୍କ ଦକ୍ଷିଣା ଦେବା ମାଗଣାତ ସରକାର ସବୁ ତମପାଇଁ କଲେ ଘରୁଆଣି ଥିବା ପଇସା ଏସବୁରେ ଖର୍ଚ୍ଚ କରିବାକୁ ଟାପରା କରୁଥିବା ଜଣାପଡିଛି । ତେଣୁ ଏବର୍ଷ ହବିଷ୍ୟାଳିଙ୍କ ଦୁଃଖ ବଢିବାରେ ଲାଗୁଛି ଆଉ ୧୫ ଦିନ ଅଛି ଦେଖାଯାଉ ଆଉ କେତେ ଟାହିଟାପରା ଶୁଣିବୁବୋଲି ହବିଷ୍ୟାଳିଙ୍କ ଠାରୁ ପ୍ରକାଶ ।

କସ୍ତୁରୀ ସାମନ୍ତରାୟର ପୋଷ୍ଟମର୍ଟମ୍ ରିପୋର୍ଟ ଆସିବ କେବେ ?

ଡେରାବିଶ ୧୫।୧୦(ଶ୍ରୁ.ମି.) : ଡେରାବିଶ ବ୍ଲକ ଅଢ଼ଙ୍ଗା ଗ୍ରାମର କସ୍ତୁରୀ ସାମନ୍ତରାୟ ରହସ୍ୟ ଜନକ ମୃତ୍ୟୁ ଘଟଣା ଦିନକୁ ଦିନ ଅଧିକ ରହସ୍ୟମୟ ହୋଇପଡୁଛି । କସ୍ତୁରୀର ମୃତ୍ୟୁ ଗତମାସ ୨୫ ତାରିଖରେ ହୋଇଥିବା ବେଳେ ୨୬ ତାରିଖରେ କଟକ ମୁଖ୍ୟ ଚିକିତ୍ସାଳୟରେ ପୋଷ୍ଟମର୍ଟମ୍ କରାଯାଇଥିଲା । ହେଲେ ଘଟଣାକୁ ପାଖା ପାଖି ୨୦ ଦିନ ବିତିଯାଇଥିଲେ ମଧ ପୋଷ୍ଟ ମର୍ଟମ୍ ରିପୋର୍ଟ ଆସିପାରି ନାହିଁ । କେନ୍ଦ୍ରାପଡ଼ା ସଦର ଥାନାରେ ଏ ସମ୍ପର୍କରେ ଏକ ଅପମୃତ୍ୟୁ ମାମଲା ୨୭/୨୦୧୭ରେ ରୁଜୁ ହୋଇଥିବା ଜଣାଯାଇଛି । ତେବେ ଏକ ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି କସ୍ତୁରୀ ସାମନ୍ତରାୟ ପୋଷ୍ଟମର୍ଟମ୍ ରିପୋର୍ଟ ଆସିଛି କିନ୍ତୁ କିଛି ଜିଲ୍ଲା ଅଧିକାରୀ ଏହାକୁ ଜାଣିଶୁଣି ଚପାଇ ରଖିଛନ୍ତି । ତେବେ ରିପୋର୍ଟରେ ଏଭଳି କ'ଣ ଲେଖା ଆଛି ଯାହାକୁ ନେଇ ଅଧିକାରୀମାନେ ରିପୋର୍ଟକୁ ଚପାଇ ରଖିଥିବା ବେଳେ ଭେସରା ଟେଷ୍ଟ ପାଇଁ ଅପେକ୍ଷା କରିଛନ୍ତି । ତେବେ ଶୁଣିବାକୁ ମିଳୁଛି ପୋଷ୍ଟମର୍ଟମ୍ ରିପୋର୍ଟ ଗତ ୧୨ ତାରିଖରୁ ଆସିଥିବା ବେଳେ ଶିକ୍ଷାବିଭାଗର ଅଧିକାରୀମାନେ ପୋଷ୍ଟମର୍ଟମ୍ ରିପୋର୍ଟର ଗୁରୁତ୍ୱକୁ ଉପଲବ୍ଧି କରି ଶିବିରର ଛାତ୍ରୀମାନଙ୍କ ଶୟନ କକ୍ଷକୁ ପ୍ରବେଶ କରିଥିବା ଜିଲ୍ଲା ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟର ପିଅନ ସତ୍ୟବ୍ରତ ପତି ଓ ମହିଳାଙ୍କ ଶିବିରରେ ଉପସ୍ଥିତ ଥିବା ଖେଳ ଶିକ୍ଷକ ଅନନ୍ତକିଶୋର ନାୟକଙ୍କୁ ନିଲମ୍ବନ କରିଥିଲେ । ତେବେ ସେଦିନ ରାତିରେ ଏହି ଦୁଇଜଣଙ୍କ ସାଥିରେ ଡେରାବିଶ ଅଂଚଳର ଅନ୍ୟଜଣେ ପୁରୁଷ ପିଇଟି ମଧ ରହିଥିବା ଶିଣିବାକୁ ମିଳିଛି । ତେବେ ଶିକ୍ଷା ବିଭାଗ ତାଙ୍କୁ ତଦନ୍ତ ପରିସରକୁ ନେଇଥିଲେ ମଧ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେଇ ନାହାଁନ୍ତି କାହିଁକି ? କସ୍ତୁରୀ ମୃତ୍ୟୁ ଘଟଣାକୁ ଚପାଇ ଦେବା ପାଇଁ ଉଦ୍ୟମ କରିଥିବା ତଥା କସ୍ତୁରୀର ମା'ଙ୍କୁ ପାଚିକା ଚାକିରୀରୁ ବହିସ୍କାର ପାଇଁ ଧମକ ଦେଇଥିବା ଅଢ଼ଙ୍ଗା ବାଳିକା ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକ ଓ କସ୍ତୁରୀକୁ ସାଙ୍ଗରେ ନେଇଯାଇଥିବା ଅଢ଼ଙ୍ଗା ବାଳିକା ବିଦ୍ୟାଳୟର ପିଇଟି ମଧ ଘଟଣା ସମ୍ପର୍କରେ ସମ୍ପୂର୍ଣ୍ଣ ଅବଗତ ଥିବା ଜଣାଯାଇଛି । ସର୍ବୋପରି ସମସ୍ତ କଥା ଜାଣିଥିବା ଜିଲ୍ଲା ଶିକ୍ଷା ଅଧିକାରୀ ମଧ ନଜାଣିଲା ପରି ବ୍ୟବହାର କରିବାନେଇ ସନ୍ଦେହ ପ୍ରକାଶ ପାଇଛି । ଏହି ଘଟଣାରେ ଶିକ୍ଷାମନ୍ତ୍ରୀ ହସ୍ତକ୍ଷେପ କରି ସମ୍ପୃକ୍ତ ସମସ୍ତ ଅଧିକାରୀଙ୍କୁ କାର୍ଯ୍ୟରୁ ନିଲମ୍ବନ କରିବା ସହ ସେମାନଙ୍କୁ ଗିରଫ କରିବା ପାଇଁ କସ୍ତୁରୀ ବାପା ଦାବି କରିଛନ୍ତି ।

ବିଜୁ କନ୍ୟାରତ୍ନ ସପ୍ତାହ ଉଦଯାପିତ

ଅନୁଗୋଳ, ୧୫/୧୦(ଶ୍ରୁ.ମି.) : ଚଳିତ ମାସ ୯ ତାରିଖରୁ ଶୁଭାରମ୍ଭ ହୋଇଥିବା ବିଜୁ କନ୍ୟାରତ୍ନ ସପ୍ତାହ ଆଜି ଉଦଯାବିତ ହୋଇଯାଇଛି । ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ତରଫରୁ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ଆଜି ପୂର୍ବାହ୍ନରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଗୋଳ ବିଧାୟକ ଶ୍ରୀ ରଜନୀକାନ୍ତ ସିଂହ ମୁଖ୍ୟ ଅତିଥିଭାବେ ଯୋଗଦେଇ କନ୍ୟାସନ୍ତାନମାନଙ୍କର ସୁରକ୍ଷା ନିମନ୍ତେ ସବୁ ସ୍ତରରେ ବ୍ୟାପକ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ । ନର୍ସିଂହୋମ ଗୁଡ଼ିକରେ ନିୟମିତ ଅତର୍କିତ ଚଢ଼ାଉ କରାଯାଇ ପିଏନଡ଼ିଟି ଆଇନକୁ କଡ଼ାକଡ଼ୀ ପାଳନ କରିବାକୁ ପରାମର୍ଶ ଦେଇଛନ୍ତି । ଜିଲ୍ଲାରେ ଗୋଟିଏ କନ୍ୟାଥିବା ବୟସ୍କ ଦମ୍ପତ୍ତିମାନଙ୍କୁ ରୋଲ ମଡ଼େଲ ଭାବେ ସମ୍ବର୍ଦ୍ଧିତ କରାଯିବା ସହ ଝିଅମାନଙ୍କର ଦକ୍ଷତା ଓ କୃତିତ୍ୱ ସଂପର୍କରେ ଅନ୍ୟମାନଙ୍କୁ ସଚେତନ କରିବାକୁ ସେ ପରାମର୍ଶ ଦେଇଛନ୍ତି । ଏହାଛଡ଼ା ପରିବାର ନିୟୋଜନ କାର୍ଯ୍ୟକ୍ରମକୁ ଅଧିକ କ୍ରୀୟାଶୀଳ କରିବା ସହ ତୃତୀୟ ସନ୍ତାନ ଜନ୍ମ ନକରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ପ୍ରାରମ୍ଭରେ ଜିଲ୍ଲାପାଳ ଶ୍ରୀ ଅନିଲ କୁମାର ସାମଲ ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିବା ସହ ୧ ବର୍ଷ ମଧ୍ୟରେ ଆୟୋଜନ ହୋଇଥିବା ବିଭିନ୍ନ ସଚେତନତା କାର୍ଯ୍ୟକ୍ରମରେ ସନ୍ତୋସ ପ୍ରକାଶ କରିଥିଲେ । କନ୍ୟାଭୃଣ ହତ୍ୟାକୁ ରୋକାଯିବା ନିମନ୍ତେ ପ୍ରଚଳିତ ଆଇନକୁ କଡ଼ାକଡ଼ି କାର୍ଯ୍ୟକାରୀ କରିବା ସହ ମହିଳା ମାନଙ୍କର ଅଧିକାର ଓ ନାର୍ଯ୍ୟଦାବୀକୁ କିପରି ସାବ୍ୟସ୍ତ କରାଯିବ ସେଥିପାଇଁ ଜିଲ୍ଲାପାଳ ଶ୍ରୀ ଅନିଲ କୁମାର ସାମଲ ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିବା ସହ ୧ ବର୍ଷ ମଧ୍ୟରେ ଆୟୋଜନ ହୋଇଥିବା ବିଭିନ୍ନ ସଚେତନତା କାର୍ଯ୍ୟକ୍ରମରେ ସନ୍ତୋଷ ପ୍ରକାଶ କରିଥିଲେ । କନ୍ୟାଭୃଣ ହତ୍ୟାକୁ ରୋକାଯିବା ନିମନ୍ତେ ପ୍ରଚଳିତ ଆଇନକୁ କଡ଼ାକଡ଼ି କାର୍ଯ୍ୟକାରୀ କରିବା ସହ ମହିଳାମାନଙ୍କର ଅଧିକାର ଓ ନ୍ୟାର୍ଯ୍ୟଦାବୀକୁ କିପରି ସାବ୍ୟସ୍ତ କରାଯିବ ସେଥିପାଇଁ ଜିଲ୍ଲା ପ୍ରଶାସନ ଆନ୍ତରିକତା ପ୍ରଦର୍ଶନ କରି ଆସୁଛୁ ବୋଲି ପ୍ରକାଶ କରିଥିଲେ । ସମ୍ମାନୀତ ଅତିଥି ଭାବରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ବ୍ରିଜେଶ କୁମାର ରାୟ ଯୋଗ ଦେଇ କନ୍ୟାସନ୍ତାନ ମାନଙ୍କ ସଂଖ୍ୟା ବୃଦ୍ଧି ଓ କନ୍ୟାଭୃଣ ହତ୍ୟାକୁ ବନ୍ଦ କରିବା ସହ ମହିଳା ମାନଙ୍କ ପ୍ରତି ହେଉଥିବା ନିଷ୍ଠୁରତା ଓ ହିଂସାର ବିଲେପ ନିମନ୍ତେ ପୋଲିସ ବିଭାଗ ଦ୍ୱାରା ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ । ପ୍ରାରମ୍ଭରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଗୌରୀଶଙ୍କର ବେହେରା ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଶ୍ରୀନିବାସ ବେହେରାଶିଶୁ କନ୍ୟାର ସୁରକ୍ଷା ନିମନ୍ତେ ସରକାରଙ୍କ ବିଭିନ୍ନ ଆଇନର କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ । ବିଜୁ କନ୍ୟାରତ୍ନ ସପ୍ତାହ ଜିଲ୍ଲା ସମେତ ସମସ୍ତ ବ୍ଲକ ସ୍ତରରେ ପାଳନ ହୋଇଥିଲା । ଏହି ଉପଲକ୍ଷେ ବ୍ଲକ ସ୍ତରରେ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାର ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ । ଶିଶୁ କନ୍ୟା ସୁରକ୍ଷା ଓ ଯତ୍ନ ନିମନ୍ତେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ତାଳଚେର ବ୍ଲକର ପୁଷ୍ପବତୀ ସାହୁ, କିଶୋରନଗର ବ୍ଲକର ଆରତୀ ପାତ୍ର, ବାଲିପଟାର ସଫଳା ନାୟକ, ବଡ଼କେରେଜାଙ୍ଗର ଅନୁସୂୟା ପଣ୍ଡା, ଠାକୁରଗଡ଼ର ପ୍ରମୋଦା ସାହୁ, ଖିଣ୍ଡାର ସୁଫଳା ପ୍ରଧାନ, ସମଲର କୁସୁମ ମଞ୍ଜରୀ ମହାପାତ୍ର ଓ ହିଞ୍ଜିଳି ଆଇସିଡ଼ିଏସ ସୁପରଭାଇଜର ମାନଙ୍କୁ ସମ୍ବର୍ଦ୍ଧିତ କରାଯଇଥିଲା । ସେହିପରି ଶିଶୁକନ୍ୟାର ସୁରକ୍ଷା ନିମନ୍ତେ ବଅଁରପାଳ, ଛେଣ୍ଡିପଦା, କଣିହାଁ ପାଲଲହଡ଼ା, କିଶୋରନଗର, ଅନୁଗୋଳ, ତାଳଚେର ଓ ଆଠମଲ୍ଲିକ ବ୍ଲକ୍‌ରୁ ଯଥାକ୍ରମେ ଆଶାକର୍ମୀ ଶାନ୍ତିଲତା ଦାସ, କୁସୁମ ବାରିକ, ପଙ୍କଜିନୀ ସାହୁ, ଉର୍ମିଳା ବେହେରା, ତପସ୍ୱିନୀ ବେହେରା, ନିରାଶ ଲେଙ୍କା ଓ ସଙ୍ଗୀତା ପ୍ରଧାନଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଛନ୍ତି । ବିଜୁ କନ୍ୟାରତ୍ନ ଯୋଜନାର ଜିଲା ପ୍ରକଳ୍ପ ଅଧିକାରିଣୀ ସୁସ୍ମିତା ବସ୍ତିଆ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିବାବେଳେ ଜିଲା ଶିଶୁ ସୁରକ୍ଷା ୟୁନିଟର ଲିଗାଲ ତଥା ପ୍ରୋବେସନ ଅଫିସର ଶ୍ରୀ ପ୍ରଦିପ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଲିପି ମହାପାତ୍ରଙ୍କ ଦ୍ୱାରା ଆଦୃତ ଶିଶୁ ଗୃହର ଛାତ୍ରୀମାନେ ପ୍ରାରମ୍ଭିକ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅତୁଲ୍ୟ କୁମାର ଚମ୍ପତିରାୟ, ଜିଲା ଶିକ୍ଷା ଅଧିକାରୀ ଶ୍ରୀ ସଚ୍ଚିଦାନନ୍ଦ ବେହେରା, ଜିଲା ସମାଜ ମଙ୍ଗଳ କମିଟିର ଅଧକ୍ଷ ଶ୍ରୀ ଦୁଷ୍ମନ୍ତ କୁମାର ଗଡ଼ନାୟକଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀ, ଆଶାକର୍ମୀ, ସ୍ୱାସ୍ଥ୍ୟକର୍ମୀ ଓ ସ୍ୱେଚ୍ଛାସେବୀ ମାନେ ଯୋଗଦ ଦେଇଥିଲେ ।

ସରୋଜିନୀ ହେଲଥକେୟାର ଅନୁଗୋଳ 'ସେବା' ନାରେ ଜୀବନ ସହ ଖେଳ

ଅନୁଗୋଳ-୧୫/୧୦/୨୦୧୭ ଅନୁଗୋଳ ସଦରମହକୁମା ନିକଟସ୍ଥ କରଡ଼ାଗାଡ଼ିଆ ଆନନ୍ଦ ବଜାରଠାରେ ଥିବା ସରୋଜିନୀ ହେଲଥ୍ କେୟାର ରୋଗୀ ସେବା ନାମରେ ରୋଗୀମାନଙ୍କୁ ଶୋଷଣ ସହିତ ଲୋକଙ୍କ ଜୀବନ ସହ ଖେଳ ଖେଳୁଥିବାର ଦୃଷ୍ଟାନ୍ତ ନଜରକୁ ଆସିଛି । ନିକଟରେ ଏଭଳି ଏକ ଘଟଣା ଘଟିଯାଇଛି ଯେ, କେହି ଶୁଣିଲେ ଉକ୍ତ ଅନୁଷ୍ଠାନରେ କର୍ମରତ କର୍ମୀ ତଥା ଏହାର ପରିଚାଳିକାଙ୍କ ଖାମଖିଆଲ ଓ ବେପାରୁଆ କାର୍ଯ୍ୟର ପ୍ରମାଣ ପାଇପାରିବ ଏବଂ ଆଶ୍ଚର୍ଯ୍ୟ ଚିକିତ ହେବ । ପ୍ରକାଶ ଥାଉକି, ଗତ ୨୯.୦୮.୨୦୧୭ ତାରିଖରେ ସରୋଜିନୀ ହେଲଥ୍ କେୟାର୍‌ରେ (ରେ.ନଂ ୪୦୬/୨୯.୦୮.୨୦୧୭) ଶ୍ରୀମତୀ ଲିପିପୁଷ୍ପା ଦାଶ ସ୍ୱାମୀ ଶ୍ରୀ ସନ୍ତୋଷ କୁମାର ଦାଶ ତୁକୁଡ଼ା ଗାଁର । ପ୍ରସବ ପାଇଁ ଭର୍ତ୍ତି ହୋଇଥିଲେ । ସେହିଦିନ ରାତି ସି.ଏସ୍ କରାଯାଇ ପ୍ରସବ କରାଯାଇଥିଲା । ଡ଼ା ଗୌରୀଶଙ୍କର ବଳ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଅସ୍ତ୍ରୋପଚାର କରି ପ୍ରସବ କରାଇଥିଲେ । ତାପରେ ୦୪.୦୯.୨୦୧୭ ରିଖ ପୂର୍ବାହ୍ନ ପର୍ଯ୍ୟନ୍ତ ଶ୍ରୀମତୀ ଦାଶ ସରୋଜିନୀ ହେଲଥ୍ କେୟାରରେ ରହିଥିଲେ । ତାପରେ ଘରକୁ ଆସିଥିଲେ । ୧୫ ଦିନ ପରେ ମଧ ଅପରେସନ ସ୍ଥାନ ଦରଜ ରହିବାରୁ ଡ଼ାକ୍ତର ଶ୍ରୀ ବଳଙ୍କ ପରାମର୍ଶ କ୍ରମେ ଔଷଧ ବ୍ୟବହାର କରିଥିଲେ । ହେଲେ କୌଣସି ସୁଫଳ ନମିଳିବାରୁ ପୂର୍ନର୍ବାର ୨୮.୦୯.୨୦୧୭ ରିଖରେ ଡ଼ା.ବଳଙ୍କୁ ସରୋଜିନୀ ହେଲଥ୍ କେୟାରରେ ପରାମର୍ଶ କରିଥିଲେ । ହେଲେ କୌଣସି ସୁଫଳ ମିଳିନଥିଲା, ଦିନକୁ ଦିନ ତଳିପେଟରେ ଯନ୍ତ୍ରଣା ଅଧିକରୁ ଅଧିକ ହେବାରୁ ଅପରେସନ୍ ବେଳେ ବ୍ୟବହୃତ କୌଣସି ପ୍ୟାଡ଼୍ ଇତ୍ୟାଦି ଭିତରେ ରହିଯାଇଥିବାର ସନ୍ଦେହ ହୋଇଥିଲା । ଏହାପରେ ଡ଼ା. ବଳ ସରୋଜିନୀ ହେଲଥ୍ କେୟାରକୁ ପଠାଇ ଚେକଅପ୍ କରାଇଲାବେଳେ ଏକ ସାନିଟାରୀ ପ୍ୟାଡ଼୍ ଭିତରୁ ବାହାର କରାଯାଇଥିଲା । ଯୋଗୁଁ ପରିସ୍ଥିତି ଗୁରୁତର ହୋଇଥିଲା । ଏଥିରୁ ଉକ୍ତ ଅନୁଷ୍ଠାନର ଡ଼ାକ୍ତର ପରିଚାଳିକା ତଥା ସହଯୋଗୀ କର୍ମୀମାନଙ୍କ ଦକ୍ଷତା, ଅଭିଜ୍ଞତା ଏବଂ ଦାୟିତ୍ୱ ସଂପନ୍ନତାର ସ୍ପଷ୍ଟ ପ୍ରମାଣ ମିଳୁଛି । ଉକ୍ତ ଅନୁଷ୍ଠାନରେ ରେଗୀ ଚିକିତ୍ସା କେତେ ନିରାପଦ ଏହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରେ । ଅନୁଗୋଳ ଭଳି ସହରରେ ଶିକ୍ଷିତ ତଥା ସଚେତନ ବ୍ୟକ୍ତଙ୍କ କ୍ଷେତ୍ରରେ ଯଦି ଏଭଳି ଘଟୁଛି ତେବେ ସାଧାରଣ ଅପାଠୁଆ ବର୍ଗ କିଭଳି ଶୋଷଣ ଓ ଠକାମିର ଶିକାର ହେଉଥିବେ ଏଥିରୁ ସ୍ପଷ୍ଟ ଅନୁମେୟ । ଏଣୁ ଜନତାଙ୍କୁ ଆର୍ଥିକ, ମାନସିକ, ଶୋଷଣ ଓ ଶାରିରୀକ ଯନ୍ତ୍ରଣା ପ୍ରଦାନକାରୀ ଉକ୍ତ ଅନୁଷ୍ଠାନକୁ ଲାଇସେନ୍ସ୍ ରଦ୍ଦ କରାଯିବାକୁ ସାଧାରଣରେ ଦାବି ହୋଇଛି ।

ପୋଲ ତଳକୁ ଅଟୋ-ମିନିଟ୍ରକ୍ ଖସିବା ଘଟଣା

ଆଖି ବୁଜିଲା ପୁଅ

ଅନୁଗୋଳ, ୧୫/୧୦(ଶ୍ରୁ.ମି.) : ରୋଗୀଣା ବାପାଙ୍କ ଚିକିତ୍ସା କରାଇ ଘରକୁ ଏକ ଅଟୋରେ ଫେରୁଥିବା ବେଳେ ଗୁରୁବାର ପ୍ରାୟ ୩ଟା ବେଳେ ସାମ୍ନାରୁ ଏକ ମିନିଟ୍ରକ୍ ଧକ୍କା ଦେବାରୁ ଅଟୋ ଚୁରମାର ହୋଇଯାଇଥିଲା । ଘଟଣାରେ ଉଭୟ ମିନିଟ୍ରକ-ଅଟୋ ପୋଲ ତଳକୁ ଖସି ପଡ଼ିଥିବା ବେଳେ ବନ୍ତଳା ଥାନା ନନ୍ଦପୁର ପଞ୍ଚାୟତ ରାଜନଗର ଗ୍ରାମର ଅଟୋ ଚାଳକ ବେଣୁଧର ଭୋଇ (୪୫) ବୃଦ୍ଧ ଫଗୁଆ ନାଏକ(୭୦)ଙ୍କର ଶୋଚନୀୟ ମୃତ୍ୟୁ ହୋଇଥିଲା । ଫଗୁଆଙ୍କ ପୁଅ ବାନାମ୍ବର ନାଏକ (୫୦) ଓ ବୋହୂ ସୁଲୋଚନା ନାଏକ (୪୫) ଗୁରୁତର ଆହତ ହୋଇ କଟକ ବଡ଼ ମେଡ଼ିକାଲରେ ଚିକିତ୍ସାଧିନ ଥିଲେ । ସେଥିରୁ ପୁଅ ବାନାମ୍ବର କଟକରେ ଆଖି ବୁଜିଥିବା ବେଳେ ବୋହୂ ଏବେ ବି ମୃତ୍ୟୁ ସହିତ ସଂଗ୍ରାମ କରୁଛନ୍ତି । ଦୁର୍ଘଟଣାର ମୃତ୍ୟୁ ସଂଖ୍ୟା ୩କୁ ଛୁଇଁଛି । ଘଟଣାକୁ ନେଇ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

କଲେଜ ଛକରେ ମା'ଙ୍କ ଆଜ୍ଞାଲଡୁ ନିଲାମ

ଅନୁଗୋଳ, ୧୫/୧୦(ଶ୍ରୁ.ମି.) : କଲେଜ ଛକ ଲକ୍ଷ୍ମୀପୂଜା କମିଟି ପକ୍ଷରୁ ମା'ଙ୍କର ଆଜ୍ଞାଲଡୁ ଓ ଆଜ୍ଞାମାଳ ନିଲାମ୍ ଅନୁଷ୍ଠିତ ହୋଇଯାଇଛି । ହୋଟେଲ ବ୍ୟବସାୟୀ ନବ ସାହୁ ୨୯ ହଜାର ୨ ଶହ ଟଙ୍କାରେ ମା'ଙ୍କ ଆଜ୍ଞାଲଡୁ ନିଲାମ ନେଇଥିବା ବେଳେ ଖଲାରୀ ଗ୍ରାମର ବାଉରୀବନ୍ଧୁ ମହାପାତ୍ର ୬ ହଜାର ୭ ଶହ ଟଙ୍କାରେ ମା'ଙ୍କ ଆଜ୍ଞାମାଳ ନିଲାମ ନେଇଥିଲେ । ସେହିପରି ମା'ଙ୍କ ରୁପା ମୁଦ୍ରା ଓ ମୂର୍ତ୍ତୀକୁ ଖଲାରିର ବାଉରୀବନ୍ଧୁ ମହାପାତ୍ର, ହୁଲୁରୁସିଂହାର ରାଜୁ ମିଶ୍ର ଯଥାକ୍ରମେ ୩୭୦୦ ଓ ୨୦୦୦୦ ହଜାର ଟଙ୍କାରେ ପ୍ରାପ୍ତି ହୋଇଥିଲେ । ଅନୁଗୋଳ ପୌରାଧକ୍ଷ ଅକ୍ଷୟ କୁମାର ସାମନ୍ତ ଓ ବିଜେପି ଯୁବନେତା ପ୍ରତାପ ପ୍ରଧାନ ଅତିଥି ଭାବେ ଯୋଗ ଦେଇ ନିଲାମଗ୍ରହୀତାଙ୍କୁ ମା'ଙ୍କ ଲଡୁ ମାଳ ପ୍ରଦାନ କରିଥିଲେ । ପୂଜା କମିଟିର ବରିଷ୍ଠ ପୁରୋଧା ରସାନନ୍ଦ ମିଶ୍ର ଓ ଉପଦେଷ୍ଟା କାର୍ତ୍ତିକ ପରିଡ଼ା ମଞ୍ଚ ପରିଚାଳନା କରିଥିବା ବେଳେ ପୂଜା କମିଟି ସଭାପତି ତପନ ପୋଲାର, ସଂପାଦକ ଦୀପକ ମହାରଣା, ଉପସଭାପତି ବ୍ରଜବନ୍ଧୁ ସାହୁ, ସହ ସଂପାଦକ ଅଜିତ ମହାପାତ୍ର କୋଷାଧକ୍ଷ ଦୁର୍ଗାଚରଣ ରଥ, କ୍ଷୀରୋଦ କୁମାର ସାହୁ, ଶଙ୍କର ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ବାରିପଦାରେ ବରିଷ୍ଠ ନାଗରିକ ସପ୍ତାହ

ବାରିପଦା,୧୫/୧୦(ଶ୍ରୁ.ମି.): ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ନିର୍ଦ୍ଦେଶକ୍ରମେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାର ୪ଟି ଉପଖଣ୍ଡ ବାରିପଦା, ଉଦଳା, ରାଇରଙ୍ଗପୁର ଓ କରଞ୍ଜିଆଠାରେ ସପ୍ତାହ ବ୍ୟାପୀ ଅନୁଷ୍ଠିତ ବରିଷ୍ଠ ନାଗରିକ ସପ୍ତାହ ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ବରିଷ୍ଠ ନାଗରିକମାନଙ୍କ ମଧ୍ୟରେ ଯୋଗ ଶିବିର, କ୍ରୀଡା ପ୍ରତିଯୋଗିତା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ନାଗରିକମାନଙ୍କ ପାଇଁ ଉଦ୍ଦିଷ୍ଟ ଭରଣପୋଷଣ ଆଇନ ସଚେତନତା କର୍ମଶାଳାକୁ ଅତିରିକ୍ତ ଜିଲ୍ଲାପାଳ ଗଙ୍ଗାଧର ନାୟକ ଉଦଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଉପଜିଲ୍ଲାପାଳ ଦୟାସିନ୍ଧୁ ପରିଡା ଯୋଗଦେଇଥିଲେ । ଅନ୍ୟତମ ଅତିଥି ଭାବେ ଜିଲ୍ଲା ବରିଷ୍ଠ ନାଗରିକ ସଂଘର ସଦସ୍ୟ ପ୍ରଫେସର ଜ୍ୟୋତିଷ କୁମାର କର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନରେଶଚନ୍ଦ୍ର ବିନ୍ଧାଣୀ, କୋଟିଳାଖୁଣ୍ଟା, ଗୌଡ଼ରମା ଓ ଯଶୀପୁର ସରପଞ୍ଚ ଯୋଗଦେଇ ଥିଲେ । ହାସ୍ୟକବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ୧୫ଜଣ ବରିଷ୍ଠ ନାଗରିକଙ୍କୁ ତାଙ୍କ ନାତି,ନାତୁଣୀଙ୍କ ସମେତ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଆର୍ଟ ଅଫ୍ ଲିଭିଂପକ୍ଷରୁ ବରିଷ୍ଠ ନାଗରିକଙ୍କ ଜୀବନଶୈଳୀର ପରିବର୍ତ୍ତନକୁ ସାମ୍ନା କରିବାର ଉପାୟ ସମ୍ପର୍କରେ ଆଲୋଚନା କରାଯାଇଥିଲା । ବରିଷ୍ଠ ନାଗରିକମାନଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗିତାଙ୍କୁ ପୁରସ୍କୃତ କରାଯାଇଥିଲା । ଜିଲ୍ଲା କ୍ରୀଡା ଅଧିକାରୀ ପ୍ରଦୀପ ବେହେରା , ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ପ୍ରଣବଶଙ୍କର ଦାଶଙ୍କ ସହ ବହୁ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ ।

କୁଲାଡ଼ କବାଡ଼ି ପ୍ରତିଯୋଗିତା ଆରମ୍ଭ

ଅନୁଗୋଳ, ୧୫/୧୦(ଶ୍ରୁ.ମି.) : ବଅଁରପାଳ ବ୍ଲକ କୁଲାଡ଼ ଗ୍ରାମରେ ଲକ୍ଷ୍ମୀପୂଜା ଅବସରରେ ଏକ କବାଡ଼ି ପ୍ରତିଯୋଗିତା ଗୁରୁବାର ଅପରାହ୍ନରେ ଅନୁଷ୍ଠିତ ହୋଇଥିଲା । ପ୍ରଥମ ମ୍ୟାଚ କେସିସି ଓ ବଣିକସଂଘ ମଧ୍ୟରେ ଖେଳାଯାଇଥିଲା । ପ୍ରଥମ ଦିନ ଖେଳରେ ବଣିକସଂଘ ଓ ସେଭେନଷ୍ଟାର ଟିମ ଫାଇନାଲକୁ ଉନ୍ନୀତ ହୋଇଛନ୍ତି । ଉଦଘାଟନୀ ଉତ୍ସବରେ ନାଲକୋ ଟ୍ରକ ମାଲିକ ସଂଘର ସଭାପତି ରାଜୀବ ଜେନା, ଠିକାଦାର ଶ୍ୱେତବ୍ରତ ସ୍ୱାଇଁ, ଗ୍ରାମ ସଭାପତି ଭାଗୀରଥି ଜେନା, ପୂର୍ବତନ କବାଡ଼ି ଖେଳାଳି ପ୍ରଫୁଲ୍ଲ ବିଶୋଇ , ଗତିକୃଷ୍ଣ ଦେଓ, ରାଜେନ୍ଦ୍ର ଜେନା ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ । ଏହି ପ୍ରତିଯୋଗିତାରେ କେସିସି, ବଣିକସଂଘ, କୁଲାଡ଼ ଭିଲେଜ ଟିମ, ଫ୍ରେଣ୍ଡସ କ୍ଲବ, ସେଭେନଷ୍ଟାର, କୁଲାଡ଼ଛକ ଟିମ ଅଂଶଗ୍ରହଣ କରିଥିଲେ । ଶରତ ଚନ୍ଦ୍ର ବିଶ୍ୱାଳ, ବିଜୟ ପ୍ରଧାନ, ବିଶ୍ୱଜିତ ତରାଇ, ସରୋଜ ଦଳବେହେରା କଳ୍ପନା ସାମଲ ପ୍ରମୁଖ ଖେଳ ପରିଚାଳନା କରିଥିଲେ । ଶୁକ୍ରବାର ଏକ ଜିଲ୍ଲାସ୍ତରୀୟ କବାଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏଥିସହ ମହିଳାକବାଡ଼ି ଟୁର୍ଣ୍ଣାମେଣ୍ଟର ମଧ୍ୟ ଆୟୋଜନ କରାଯାଇଛି । ବିଜନ ଦଳବେହେରା, ମିଲୁ ଧିର, ବାମଦେବ ଶେଠ, ବିଦେଶୀ ସମାଲ, ଉପେନ୍ଦ୍ର ରାଉତ, ଅଶୋକ ଶେଠ ପ୍ରମୁଖ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ ।

ଅଧ୍ୟାପକ ହତ୍ୟା ମାମଲାର ସିବିଆଇ ତଦନ୍ତ ଦାବି

ବାରିପଦା, ୧୫/୧୦(ଶ୍ରୁ.ମି):କୁଡୁମାଲୀ କାଲଚୁରାଲ ଆସୋସିଏସଏ ଆନୁକୂଲ୍ୟରେ ଆସୋସିଏସନର ଉପସଭାପତି ତଥା ଅବସରପ୍ରାପ୍ତ ପ୍ରାଧ୍ୟପକ ଡ. ସୁଧୀର ନିର୍ମମ ହତ୍ୟାକାଣ୍ଡ ସଂପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସଂଗଠନର ସଂପାଦକ ଡ. ଭକ୍ତହରି ମାନନ୍ତଙ୍କ ପୌରୋହିତ୍ୟରେ ସ୍ଥାନୀୟ ସୂର୍ଯ୍ୟନିବାସ ନିକଟ ପଲ୍ଲୀବିକାଶ ସମିତି ଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସର୍ବସମ୍ମତିକ୍ରମେ ଗୃହିତ ପ୍ରସ୍ତାବରେ ଏହି ଘଟଣାର ସିବିଆଇ ତଦନ୍ତ କରାଯାଇ ନାଟକର ପଶ୍ଚାତରେ ଥିବା ଖଳନାୟକମାନଙ୍କୁ ବାହାର କରିବା ପାଇଁ ଦୃଢ ଦାବି କରାଯାଇଛି । ତତ୍‌ସହିତ ବାରିପଦା ଏକ ଶାନ୍ତ ଓ ଆନ୍ତରିକତାର ସହରଭାବେ ପରିଚିତ ଥିବା ସତ୍ତ୍ୱେ ତାଙ୍କ ପରି ଜଲେ ସରଳ , ବିଜ୍ଞ ଓ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଅପହରଣ କରି ନିର୍ମମଭାବେ ହତ୍ୟା କରିବା ସମସ୍ତଙ୍କ ପାଇଁ ଏକ ସତର୍କ ଘଣ୍ଟିଭାବେ ଅଭିହିତ କରାଯିବା ସହ ଏହା ଏକ ହାଇପ୍ରୋଫାଇଲ ମର୍ଡର ଭାବେ ଦର୍ଶାଯାଇଛି । ବୈଠକର ପ୍ରାରମ୍ଭରେ ତାଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରାଯିବା ସହ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା । ବୈଠକରେ ପୂର୍ବତନ ଆମ୍ଭୁଡସ୍‌ମ୍ୟାନ ଆଡଭୋକେଟ ଅବନୀ କୁମାର ମହାନ୍ତ, ଆଡଭୋକେଟ ପଦ୍ମଲୋଚନ ମହାନ୍ତ, ପରେଶ ଚନ୍ଦ୍ର ମହାନ୍ତ, କେନ୍ଦ୍ର ସାହିତ୍ୟ ଏକାଡେମି ଦ୍ୱାରା ପୁରସ୍କାରପ୍ରାପ୍ତ ସାନ୍ତାଳୀ କବି ଗୋବିନ୍ଦଚନ୍ଦ୍ର ମାଝି, ଡ. ରମାକାନ୍ତ ମହାନ୍ତ, କୃପାସିନ୍ଧୁ ମହାନ୍ତ, ସତ୍ୟନାରାୟଣ ମହାନ୍ତ, ଧିରେନ୍ଦ୍ରନାଥ ମହାନ୍ତ, ଶିବଶଙ୍କର ମହାନ୍ତ, ହେମନ୍ତ ମହାନ୍ତ, ଛତିଶ ମହାନ୍ତ ପ୍ରମୁଖ ଦିବଂଗତ ସୁଧୀରବାବୁଙ୍କ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

ବେଆଇନ ମୋରମ ଖନନ

ପାହାଡରୁ ଶାଳ ଗଛ ପଡିବା ଆଶଙ୍କା

ତେଲକୋଇ, ୧୫/୧୦(ଶ୍ରୁ.ମି.) : ତେଲକୋଇ ବ୍ଲକ ଅନ୍ତର୍ଗତ ପୁରୁଜୋଡା ଗ୍ରାମ ସଲଗ୍ନ ଏକ ପାହାଡରୁ ବେଆଇନ ମୋରମ ଖନନ ହୋଇଛି । ଏଥଯୋଗୁଁ ପାହାଡରେ ଥିବା ମୂଲ୍ୟବାନ ଶାଳ ଗଛ ଉପୁଡିବା ଆଶଙ୍କା ଦେଖା ଦେଇଛି । ସେହିପରି ପାହାଡର ମାଟି ଅତଡା ଖସିବା ଆରମ୍ଭ ହୋଇଛି । ଏହି ପାହାଡରୁ ରାସ୍ତା କାର୍ଯ୍ୟ ପାଇଁ ମୋରମ ଉତଳନ ଯୋଗୁଁ ଗ୍ରାମବାସୀ ମାନେ ତେଲକୋଇ ବନାଂଚଳ ଅଧିକାରୀ ଙ୍କୁ ଜଣାଇଛନ୍ତି । ଅନ୍ୟ ପକ୍ଷରେ ମୋରମ କୁଆରୀ ଦିଆଯାଇ ନଥିବା ସତ୍ତ୍ୱେ ବେଆଇନ ଭାବେ ମୋରମ ନେବା ଯୋଗୁଁ ରାଜସ୍ୱ କ୍ଷତି ହେଉଥିବା ଦର୍ଶାଇଛନ୍ତି । ଏସମ୍ବନ୍ଧରେ ବନାଂଚଳ ଅଧିକାରୀ ରମେଶ ଚନ୍ଦ୍ର ଜେନାଙ୍କୁ ପଚାରିବାରୁ ସେ କହିଲେ ଯେ କାଳିଆହତା ବିଟ ଫରେଷ୍ଟରଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

୨ଚାଷୀ ଦିଲ୍ଲୀରେ ନିଖୋଜ

ତେଲକୋଇ, ୧୫/୧୦(ଶ୍ରୁ.ମି.) : ତେଲକୋଇ ବ୍ଲକ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଗତ ୧୩ତାରିଖ ଦିଲ୍ଲୀ ଯାଇଥିଲେ । ଚାଷୀ ଙ୍କ ଦାବୀ ଉପସ୍ଥାପନା କରିବାକୁ । ତେବେ ଦିଲ୍ଲୀରେ ୨ଜଣ ଚାଷୀ ନିଖୋଜ ହୋଇଥିବା ନବନିର୍ମାଣ କୃଷକ ସଂଗଠନର ଆବାହକ ଇନ୍ଦ୍ରମଣୀ ବିଶ୍ୱାଳ ଥାନାରେ ଜଣାଇଛନ୍ତି । ନିଖୋଜ ହୋଇଥିବା ଚାଷୀ ହେଲେ ଆକୁଳ ଗ୍ରାମର ଅଜୟ ରଣ ସିଂ(୫୮) ଓ ସଲେଇକେନା ଗ୍ରାମର ବିରବର ମୁଣ୍ଡା(୫୨) । ଏହି ବ୍ଲକର ୧୧୦ଜଣ ଚାଷୀ ଯାଇ ଦିଲ୍ଲୀର ପରଦଗଂଜ ଛକ ନିକଟସ୍ଥ ଏକ ଆଶ୍ରୟ ସ୍ଥଳୀରେ ରହୁଥିଲେ । ତେବେ ଏହି ୨ଚାଷୀ ମାର୍କେଟ ଯାଇ ଫେରିନଥିବା ବେଳେ ୧୦୮ ଜଣ ଫେରିଥିବା ଜଣାପଡିଛି । ତେଲକୋଇ ଥାନାରେ ଅଭିଯୋଗ ପରେ ପୋଲିସ ମୁଖ୍ୟାଳୟ କାର୍ଯ୍ୟାଳୟକୁ ସୂଚନା ଦେଇଛନ୍ତି ।

ଚାନ୍ଦୋଳ ଗଜଲକ୍ଷ୍ମୀ ଭସାଣି ଶାନ୍ତିଶୃଙ୍ଖଳା

ଡେରାବିଶ ୧୫।୧୦(ଶ୍ରୁ.ମି.) : କେନ୍ଦ୍ରାପଡ଼ା ଜିଲ୍ଲାର ଦ୍ୱିତୀୟ ବୃହତମ ଗଜଲକ୍ଷ୍ମୀ ପୂଜା ଡେରାବିଶ ବ୍ଲକର ଚାନ୍ଦୋଳ ଠାରେ ଦୀର୍ଘ ୯ ଦିନ ଧରି ଆନୁଷ୍ଠିତ ହୋଇ ଗତକାଲି ଶେଷ ହୋଇଯାଇଛି । ଗତକାଲିର ଭସାଣି ଉତ୍ସବ ଶାନ୍ତିଶୃଙ୍ଖଳାରେ ଶେଷ କରିବାକୁ ହୋଇଥିବା ପ୍ରସ୍ତୁତି ବୈଠକରେ ଡିଜେ ବାଦ୍ୟ ନବାଜିବା ଓ ଅଶ୍ଲିଳ ନୃତ୍ୟ ନକରିବା ପାଇଁ ନିଷ୍ପତି ନିଆଯାଇଥିଲା । ଚାନ୍ଦୋଳରେ ୧୫ଟି ପୂଜାମଣ୍ଡପରେ ପୂଜା ପାଉଥିବା ସମସ୍ତ ମେଢ଼ ଫାଣ୍ଡିବଜାରକୁ ଯାଇ ସେଠାରେ ଭୋଗଲାଗିବା ପରେ କମିଟିର ନିଷ୍ପତି ଅନୁଯାୟୀ କ୍ରମାନୁସାରେ ମେଢ଼ ଗୁଡ଼ିକ ବାଜାବାଣ ରୋସଣିରେ ବିସର୍ଜନ ପଡ଼ିଆକୁ ଆସିଥିଲେ । ସେଠାରୁ ବିସର୍ଜନ ଭୋଗ ଲାଗିବା ପରେ ମେଢ଼ ଗୁଡ଼ିକ ନିଜ ନିଜ ସ୍ଥାନରେ ବିସର୍ଜିତ ହୋଇଥିଲେ । ସୂଚନାଯୋଗ୍ୟ ଭସାଣି ଶାନ୍ତିଶୃଙ୍ଖଳାରେ ଚାଲିଥିବା ବେଳେ କମିଟି ନିଷ୍ପତିକୁ ଭାଙ୍ଗି ଏକ ପୂଜା ମଣ୍ଡପ ଅଶ୍ଲିଳ ନୃତ୍ୟ କରିବା ପାଇଁ ଯୋଜନା କରିଥିବାରୁ ସାମାନ୍ୟ ଉତେଜନା ପ୍ରକାଶ ପାଇଥିଲା ଓ ରୋଷଣୀ କିଛି ସମୟ ପାଇଁ ବନ୍ଦ ହୋଇଯାଇଥିଲା । ବଜାର କମିଟି ଓ ପ୍ରଶାସନ ହସ୍ତକ୍ଷେପ ଫଳରେ ଅଶ୍ଲୀଳ ନୃତ୍ୟ ବନ୍ଦ କରାଯିବା ସହ ଏହାକୁ ନେଇ ଗଣ୍ଡଗୋଳ ଆଶଙ୍କାରେ ନାଚିବା ପାଇଁ ଆସିଥିବା ତିନିଜଣ ମହିଳାଙ୍କୁ ନିଜ ହେପାଜତକୁ ନେଇଯାଇଥିଲା । ପରେ ଶାନ୍ତିଶୃଙ୍ଖଳାରେ ଉତ୍ସବ ଶେଷ ହୋଇଥିଲା । ୯ ଦିନର ଏହି ଉତ୍ସବକୁ ଶାନ୍ତିଶୃଙ୍ଖଳାରେ ଶେଷ ହୋଇଥିବା ବେଳେ ଉତ୍ସବର ଶେଷ ସନ୍ଧ୍ୟାରେ ସମାଜସେବୀ ପ୍ରାଧାପକ ଅଜୟ ରାଉତ ସମସ୍ତ ପୂଜା ମଣ୍ଡପ ନିକଟରେ ପହଂଚି ଦର୍ଶନ କରିବା ସହ ମା'ଙ୍କ ଆର୍ଶିର୍ବାଦ ଭିକ୍ଷା କରିଥିଲେ । ପୋଲିସ୍ ପ୍ରଶାସନ, ବ୍ୟବସାୟୀ ବନ୍ଧୁ ମାନଙ୍କୁ ବଜାର କମିଟି ସଭାପତି ନିଶାମଣି ବେହେର, ସଂପାଦକ ରତ୍ନାକର ନାୟକ, ସଭ୍ୟ ସୁଧୀର ନାୟକ, ଭଗବାନ ସାହୁ, ମିହିର ସାମଲ ପ୍ରମୁଖ ଧନ୍ୟବାଦ ପ୍ରଦାନ କରିଛନ୍ତି ।

କେବେ ଶେଷ ହେବ ରାତ୍ରଆଶ୍ରୟସ୍ଥଳୀ

୧୭ ଜିଲ୍ଲାପାଳ, ୪ ନଗର ନିଗମ କମିଶନରଙ୍କୁ ରିପୋର୍ଟ ତଲବ

କଟକ, ୧୫/୧୦(ଶ୍ରୁମି): ଦ୍ୱୈତନଗରୀ ଭୁବନେଶ୍ୱର ଓ କଟକ ସମେତ ରାଜ୍ୟର ଅନ୍ୟାନ୍ୟ ସହରରେ ରାତ୍ର ଆଶ୍ରୟସ୍ଥଳୀ ନଥିବାରୁ ନିରାଶ୍ରୟ ଲୋକେ ଫୁଟ୍‌ପାଥ୍‌ରେ ପଡିରହିବା ଘଟଣା ଉପରେ ରାଜ୍ୟ ମାନବାଧିକାର କମିଶନ ଗଭୀର ଚିନ୍ତା ବ୍ୟକ୍ତ କରିଛନ୍ତି ।

ତେବେ ମାନବାଧିକାର କମିଶନଙ୍କ ନିର୍ଦ୍ଦେଶନାମାର ତିନି ବର୍ଷ ପରେ ମଧ ବିଭିନ୍ନ ସହରରେ ରାତ୍ରୀ ଆଶ୍ରୟସ୍ଥଳୀ ନିର୍ମାଣ ବା କାର୍ଯ୍ୟକ୍ଷମ କରିବାରେ ସରକାର ବିଫଳ ହୋଇଛନ୍ତି । ତେଣୁ ତିନି ମାସ ମଧରେ ରାତ୍ରୀ ଆଶ୍ରୟସ୍ଥଳୀର ସ୍ଥିତି ସମ୍ପର୍କରେ ଜଣାଇବା ଲାଗି କମିଶନ ୧୭ଟି ଜିଲ୍ଲାର ଜିଲ୍ଲାପାଳ ଓ ଚାରି ମହାନଗର ନିଗମର କମିଶନଙ୍କରୁ ନିର୍ଦ୍ଦେଶ ଦେଇଛନ୍ତି । ୨୦୧୩ରେ ଓଡିଶା ହାଇକୋର୍ଟର ଆଡଭୋକେଟ୍ ନିଶିକାନ୍ତ ମିଶ୍ର କମିଶନଙ୍କ ନିକଟରେ ଅଭିଯୋଗ କରିଥିଲେ ଯେ, ଭୁବନେଶ୍ୱର, କଟକ ସମେତ ବିଭିନ୍ନ ରାଜ୍ୟରେ ରାତ୍ର ଆଶ୍ରୟସ୍ଥଳୀ ନଥିବାରୁ ବାସହୀନ ଓ ନିରାଶ୍ରୟ ଲୋକେ ସହରର ଏଣେ ତେଣେ ମୁଣ୍ଡ ଗୁଞ୍ଜୁଛନ୍ତି । କମିଶନ ଏହାକୁ ଗ୍ରହଣ କରି ଏ ସମ୍ପର୍କରେ ଜବାବ ଦାଖଲ କରିବା ପାଇଁ ଗୃହ ଓ ନଗର ଉନ୍ନୟନ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏଥିରେ କୁହାଯାଇଛି, ଭୁବନେଶ୍ୱରରେ ମାଳିସାହି ଓ ଭୀମପୁରରେ ରାତ୍ରୀ ଆଶ୍ରୟସ୍ଥଳ କାମକରୁଥିବା ବେଳେ ଗଙ୍ଗନଗରରେ ପ୍ରସ୍ତାବିତ ରାତ୍ରୀଆଶ୍ରୟସ୍ଥଳୀ କାର୍ଯ୍ୟକ୍ଷମ ହୋଇନାହିଁ । କଟକର ସତିଚୌରାଠାରେ ଥିବା ରାତ୍ର ଆଶ୍ରୟସ୍ଥଳର ନିର୍ମାଣ କାମ ଚାଲିଛି । ଯୋବ୍ରା ନିକଟରେ ଜମି ସମସ୍ୟା ଯୋଗୁଁ ଏହା ମଧ ଶେଷ ହୋଇପାରୁନାହିଁ । ଏସସିବି ମେଡିକାଲ କଲେଜ୍ ନିକଟ କାଠଗୋଲାସାହିରେ ଥିବା ଆଶ୍ରୟସ୍ଥଳର କାମ ଶେଷ ହୋଇଥିଲେ ସୁଦ୍ଧା କାର୍ଯ୍ୟକ୍ଷମ ହୋଇପାରିନାହିଁ । ପୁରୀରେ ସର୍ବୋଦୟ ନଗରଠାରେ ଏପର୍ଯ୍ୟନ୍ତ ନିର୍ମାଣ ସରିନାହିଁ । ସେହିପରି ବାଲେଶ୍ୱର, କେଉଁଝର, ନୟାଗଡ, କେନ୍ଦ୍ରାପଡା, ଭଦ୍ରକ, ସମ୍ବଲପୁରର ବୁର୍ଲା ଓ ହୀରାକୁଦ, ଅନୁଗୁଳରେ କାମ ଆରମ୍ଭ ହୋଇନାହିଁ । ପ୍ରଥମ ପର୍ଯ୍ୟାୟରେ ଆରମ୍ଭ ହୋଇଥିବା ବରଗଡ, ବୌଦ୍ଧ, ବ୍ରହ୍ମପୁର, ମାଲକାନଗିରି, ନବରଙ୍ଗପୁର, ରାୟଗଡାରେ କାମ ଶେଷ ହୋଇନାହିଁ । ସେହିପରି ଭୁବନେଶ୍ୱରର ଘାଟିକିଆ, ଚନ୍ଦ୍ରଶେଖରପୁର ଓ ଅଶୋକନଗର ରାତ୍ରଆଶ୍ରୟସ୍ଥଳ କାମ ଶେଷ ହୋଇନାହିଁ । କଟକ ଜିଲ୍ଲାର ଆଚାର୍ଯ୍ୟ ହରିହର କ୍ୟାନସର ହସ୍ପିଟାଲ ନିକଟ, ଜଗତପୁର, ନିମପୁର, ଉତର ଦେଉଳ ସାହିରେ ମଧ ରାତ୍ର ଆଶ୍ରୟସ୍ଥଳ ନିର୍ମାଣ କାର୍ଯ୍ୟ ଶେଷ ହୋଇନାହିଁ । ତେଣୁ କମିଶନ ଏ ନେଇ କଟକ, ଖୋର୍ଦ୍ଧା, ପୁରୀ, ସୁନ୍ଦରଗଡ, ଗଂଜାମ, ସମ୍ବଲପୁର, ବରଗଡ, ମୟୁରଭଂଜ, ବୌଦ୍ଧ, ମାଲକାନାଗିରି, ନୟାଗଡ, କେଉଁଝର, କେନ୍ଦ୍ରାପଡା, ଭଦ୍ରକ, ଅନୁଗୁଳ, ଫୁଲବାଣୀ , ବାଲେଶ୍ୱର ଆଦି ୧୭ ଜିଲ୍ଲାପାଳଙ୍କୁ ନୋଟିସ ଜାରି କରିଛନ୍ତି । ଭୁବନେଶ୍ୱର, କଟକ, ସମ୍ବଲପୁର ଓ ବ୍ରହ୍ମପୁର ମହାନଗର ନିଗମର କମିଶନରଙ୍କୁ ମଧ କମିଶନଙ୍କ ପକ୍ଷରୁ ରିପୋର୍ଟ ତଲବ କରାଯାଇଛି । ୩ ମାସ ମଧରେ ସେମାନେ ରାତ୍ରୀ ଆଶ୍ରୟସ୍ଥଳୀ କେବେ ସଂପୂର୍ଣ ହେବ, ସେ ନେଇ ରିପୋର୍ଟ ଦେବେ ।

ପେନ୍‌ସନ୍‌ରେ ଏଲ୍‌ଆଇସିରୁ ମିଳିବାକୁ ଥିବା କମିଶନ ବନ୍ଦ ହୋଇଯିବାରୁ ଆର୍‌ଏସ୍‌ଏସ୍ ଔଷଧ ବିକଳରେ ଟାଟିଆ କାମୁଡୁଛି

ରାଉରକେଲା, ୧୫/୧୦ (ଶ୍ରୁ.ମି.): ପେନ୍‌ସନ୍‌ରେ ଏଲ୍‌ଆଇସିରୁ ମିଳିବାକୁ ଥିବା କମିଶନ ବନ୍ଦ ହୋଇଯିବାରେ ଭାରତୀୟ ମଜଦୁର ସଂଘର ମୁଖ୍ୟ ଭୂମିକା ଅଛି ବୋଲି ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘ ଦାବି କରିଛି । ଏଥି ସହ ୨୦୧୪ ମସିହାରେ ଏନ୍‌ଜେସିଏସ୍ ଏଗ୍ରୀମେଣ୍ଟ ହେବା ସମୟରେ ଚାରୋଟି ଶ୍ରମିକ ସଂଗଠନ (ଆଇଏନ୍‌ଟିୟୁସି, ଏଚ୍‌ଏମ୍‌ଏସ୍, ସିଟୁ, ଏଆଇଟିୟୁସି) ଏଥରେ ଶ୍ରମିକଙ୍କ ସ୍ୱାର୍ଥ ବିରୋଧି କିଛି କଳା ଚୁକ୍ତି କରିଥିଲେ ଯାହାକୁ ବିଏମ୍‌ଏସ୍ ବିରୋଧ କରିଥିଲା । ଫଣ୍ଡ ମ୍ୟାନେଜର ଏବଂ ଆନ୍ୟୁଇଟି ପ୍ରୋଭାଇଡର ହିସାବରେ ଏହି ଶ୍ରମିକ ସଂସ୍ଥାଗୁଡ଼ିକ ଏଲ୍‌ଆଇସିକୁ ବାଛିଥିଲେ ଏବଂ ପେନ୍‌ସନ୍ ଫଣ୍ଡର ପାଖାପାଖି ୪ ହଜାର କୋଟି ଟଙ୍କା ଏଲ୍‌ଆଇସିକୁ ଯାଇଥାନ୍ତା ଯେଉଁଥିରୁ ଏହି ସଂଗଠନଗୁଡ଼ିକ ଉଚ୍ଚ ମାତ୍ରାରେ କମିଶନ ପାଇଥାନ୍ତେ । କିନ୍ତୁ ଦୁର୍ଭାଗ୍ୟବଶତଃ ୧.୧.୨୦୦୭ ୱେଜ୍ ବୋର୍ଡରେ ଏନ୍‌ଜେସିଏସ୍ ଅଂଶୀଦାର ଦଳ ପେନ୍‌ସନ୍ ଉପରେ କୌଣସି ଦାବିପତ୍ର ଦେଇନଥିଲେ ଏବଂ ୨୦୧୨ ୱେଜ୍‌ବୋର୍ଡରେ ଯେତେବେଳେ ଦାବିପତ୍ର ଦେଲେ ତାପରେ ଯାଇଁ ପେନ୍‌ସନ ଉପରେ ଆଲୋଚନା ହେଲ । ଏନ୍‌ଜେସିଏସ୍ ମିଟିଙ୍ଗ୍‌ରେ ବିଏମ୍‌ଏସ୍ ଯେବେ ଏ ଦାବି ଉପସ୍ଥାପନା କଲା ଯେ କ'ଣ ପାଇଁ ଅଫିସରଙ୍କୁ ୧.୧.୨୦୦୭ ଏବଂ ଶ୍ରମିକଙ୍କୁ ୧.୧.୨୦୧୨ରୁ ବୋନସ୍ ମିଳିବ ? ମ୍ୟାନେଜ୍‌ମେଣ୍ଟ୍ ଉତ୍ତର ଦେଲା ଯେ ଆପଣ ୧.୧.୨୦୦୭ରୁ ଦାବି କରିନାହାନ୍ତି । ସେତେବେଳେ ଏନ୍‌ଜେସିଏସ୍ ନେତାଙ୍କର ମୁହଁ ଚୁପ୍ । ବିଏମ୍‌ଏସ୍‌ର ଦ୍ୱିତୀୟ ଦାବି ଥିଲା ଯେ ଅବସରକାଳୀନ ସୁବିଧା ଯଦି ଅଫିସରଙ୍କୁ ୩୦% ମିଳୁଛି ତେବେ ଶ୍ରମିକଙ୍କୁ ମଧ ମିଳୁ । ୨୨ ନଭେମ୍ବର ୨୦୧୬ରେ ଯେଉଁ ପେନ୍‌ସନ୍ ଡ୍ରାଫ୍ଟ ତିଆରି ହେଲା ସେଥିରେ ସ୍ପଷ୍ଟ ଭାବେ ଉଲ୍ଲେଖ ଅଛି ଯେ ୩୦ ପ୍ରତିଶତ ବ୍ରେକ୍‌ଅପ୍‌କୁ ଆଉଥରେ ପରୀକ୍ଷା କରାଯିବ । ୨୧ ଜୁନ୍ ୨୦୧୫ର ମିଟିଙ୍ଗ୍‌ର ଡ୍ରାଫ୍ଟ ଅନୁସାରେ ଫଣ୍ଡ ମ୍ୟାନେଜର ଏବଂ ଆନ୍ୟୁଇଟି ପ୍ରୋଭାଇଡର ଏଲ୍‌ଆଇସି ହିଁ ରହିବ । ବିଏମ୍‌ଏସ୍‌ର ବିରୋଧ ଯୋଗୁଁ ଫଣ୍ଡ୍ ମ୍ୟାନେଜର ସେଲ୍ ପେନ୍‌ସନ୍ ଟ୍ରଷ୍ଟ ହେଲା । ଯାହାଦ୍ୱାରା ଶ୍ରମିକଙ୍କୁ ଅଧିକ ସୁଧ ମିଳିବ ଏବଂ ଆନ୍ୟୁଇଟି ପ୍ରୋଭାଇଡର ଏଲ୍‌ଆଇସି ସହିତ ଅନ୍ୟ କମ୍ପାନୀଙ୍କୁ ମଧ ସୁଯୋଗ ମିଳିଲା । ଯାହାଦ୍ୱାରା ଯେଉଁ କମ୍ପାନୀ ଅଧିକ ପେନସନ୍ ଦେବ ଶ୍ରମିକ ତା'ଠାରୁ ଆନ୍ୟୁଇଟି କିଣିବେ । ଏଲ୍‌ଆଇସିର ଏକପାଖିଆ ଦାଦାଗିରି ବନ୍ଦ ହେଲା ବୋଲି ଭାରତୀୟ ମଜଦୁର ସଂଘ (ବିଏମ୍‌ଏସ୍)ର ଅନୁବନ୍ଧିତ ଶ୍ରମିକ ସଂଗଠନ ରାଉରକେଲା ଇସ୍ପାତ କର୍ମଚାରୀ ସଂଘ ଦାବି କରିଛି ।

ପ୍ରଥମ ପୃଷ୍ଠାରୁ...

କଲେଜ ଛାତ୍ରୀଙ୍କୁ ଦୁଷ୍କର୍ମ ଉଦ୍ୟମ

କୁମାର ପୁର୍ଣ୍ଣିମା ଛୁଟିରେ ଘରକୁ ଯାଇ ଥିଲେ । ଛାତ୍ରୀ (ଛଦ୍ମନାମ ମଧୁସ୍ମିତା)କଟକ ଜିଲ୍ଲା ସଦର ଥାନା ତେଲେଙ୍ଗା ପେଣ୍ଠରେ ପରିବାର ସହିତ ରହୁଥିଲେ । ସୋମବାର କଲେଜ ଖୋଲୁଥିବାରୁ ରବିବାର କଟକରୁ ଦିନ ୧୧ଟା ୩୦ ସମୟରେ କଟକରୁ ବସ୍ ଲୋକେ ଆସି ଭୁତୁମୁଣ୍ଡାଇ ଠାରେ ଓହ୍ଲାଇଥିଲେ । ସେଠାରୁ ଏକ ଟାଟା ମ୍ୟାଜିକ୍ ଗାଡ଼ି ସାହାର୍ଯ୍ୟରେ ଆସି ଯଦୁପୁର ଛକରେ ଦିନ ୧ଟା ୩୦ ସମୟରେ ଓହ୍ଲାଇ ଗୋପିନାଥ ପୁର ମେସ୍ କୁ ଯାଉଥିଲେ । ଏହି ସମୟରେ ଜଣେ ଅପରିଚିତ ଯୁବକ ତାଙ୍କୁ ପଛପଟୁ କାବୁ କରି ରାଜପଥର ଡ଼ିଭାଇଡ଼ରରେ ଥିବା କନିଅର ବଣକୁ ନେଇଯାଇଥିଲା । ସେଠାରେ ଏହି କାମାତୁର ଯୁବକ ଜଣକ ତାଙ୍କୁ ବଳାତ୍କାର କରିବା ଉଦେଶ୍ୟରେ ପିନ୍ଧିଥିବା ଡ୍ରେସ୍ କୁ ଖୋଲି ସମ୍ପୂର୍ଣ୍ଣ ଉଲଗ୍ନ କରିଦେଇଥିଲା । ଏଭଳି ଅଭାବନୀୟ ପରିସ୍ଥିତ ଘଟୁଥିବା ସମୟରେ ଉକ୍ତ ଯୁବତୀ ଜଣଙ୍କ ଚିତ୍କାର କରି କୈଣସି ପ୍ରକାରେ ନିଜ ଇଜ୍ଜତ କୁ ରକ୍ଷା କରି ଜୀବନ ବିକଳରେ ରାଜ ରାସ୍ତାରେ ଦୌଡ଼ି ପଳାଇଯାଇଥିଲେ । ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଘଟଣା ସ୍ଥଳରେ ପହଂଚି ଛାତ୍ରୀଙ୍କୁ ଉଦ୍ଧାର କରିଥିଲେ । ଏହାର ସୁଯୋଗ ଦୁବୃତ ଙ୍କ ଘଟଣା ସ୍ଥଳରୁ ଖସି ପଳାଇଯିବାରେ ସକ୍ଷମ ହୋଇଛନ୍ତି । ଖବର ପାଇ ପୋଲିସ ବିଳମ୍ବରେ ପହଂଚିବାରୁ ସ୍ଥାନୀୟ ଲୋକେ ଆସାମୀଙ୍କୁ ଗିରଫ ଦାବିରେ ଜାତୀୟ ରାଜପଥ ଯଦୁପୁର ଗୋଡ଼ାରେ ଟାୟାର ଜାଳି ଦୀର୍ଘ ୨ ଘଂଟା ଧରି ରାସ୍ତା ଅବରୋଧ କରିଦେିଥିଲେ । ପରିସ୍ଥିତ ଅଣାୟତ ହେବାରୁ କେନ୍ଦ୍ରାପଡ଼ା ଡ଼ିଏସ୍‌ପି ଅଶୋକ କୁମାର ବେହେରା,ପାଟକୁରା ,ମହାକାଳପଡ଼ା ,ସଦର ପୋଲିସ ସହ ମାର୍ଶାଘାଇ ପୋଲିସ ସ୍ଥାନୀୟ ଲୋକଙ୍କୁ ବୁଝାଇବା ପାଇଁ ନାକେଦମ୍ ହୋଇପଡ଼ିଥିବା ବେଳେ ଛାତ୍ରୀଙ୍କ ପରିବାର ଲୋକେ ମଧ୍ୟ ଘଟଣା ସ୍ଥଳରେ ପହଂଚିଥିଲେ । ଆସାମୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ପୋଲିସ ପ୍ରତିଶ୍ରୁତି ଦେବା ପରେ ରାସ୍ତା ରୋକ ହଟିଥିଲା । ପୋଲିସ ଉକ୍ତ ଛାତ୍ରୀ ଙ୍କୁ ମାର୍ଶାଘାଇ ଥାନାକୁ ଆଣି ତାଙ୍କ ବୟାନ ନେଇ ଛାତ୍ରୀଙ୍କ ମା ଙ୍କ ଏତଲାକ୍ରମେ ମାର୍ଶାଘାଇ ଥାନା କେଶ୍ ନଂ ୧୮୭/୧୭ ଦଫା ୩୬୭,୫୧୧ ରେ ମାମଲା ରୁଜୁ କରି ଡ଼ାକ୍ତରି ମାଇନା ପାଇଁ କେନ୍ଦ୍ରାପଡ଼ା ମେଡ଼ିକାଲେକୁ ପଠାଇଥିବା ଡ଼ିଏସ୍‌ପି ଶ୍ରୀ ବେହେରା ପ୍ରକାଶ କରିଛନ୍ତି ।

ଭାରତର ହ୍ୟାଟ୍ରିକ ବିଜୟ

ସସପେଣ୍ଡ କରିବା ସହ ହଳଦିଆ କାର୍ଡ ମିଳିଥିବାବେଳେ ଆଉ ଏକ ଖେଳାଳୀ ଆବୁ ମେହମୁଦଙ୍କୁ ମଧ ପାଞ୍ଚ ମିନିଟ ଲାଗି ସସପେଣ୍ଡ କରିବା ସହ ରେଫରୀ ହଳଦିଆ କାର୍ଡ ଦେଖାଇଥିଲେ । ଏହାପରେ ମ୍ୟାଚର ୪୩ତମ ମିନିଟରେ ପ୍ରଥମେ ରମନଦୀପ ସିଂହ ଓ ଏହାର ଦୁଇ ମିନିଟ ପରେ ଅର୍ଥାତ ମ୍ୟାଚର ୪୫ ତମ ମିନିଟରେ ହରମନପ୍ରୀତ ସିଂହଙ୍କ କ୍ରମାଗତ ଗୋଲ ବଳରେ ଭାରତ ୩-୦ରେ ଆଗୁଆ ରହିଥିଲା । ମ୍ୟାଚର ୪୮ ତମ ମିନିଟରେ ଅଲ୍ଲୀ ସାନଙ୍କ ପାକିସ୍ତାନ ତରଫରୁ ପ୍ରଥମ ଓ ଅନ୍ତିମ ଗୋଲ କରିଥିଲେ । ମ୍ୟାଚ୍‌ର ଶେଷ ଆଡକୁ ଭାରତ ପାକିସ୍ତାନକୁ କୌଣସି ଗୋଲ ସ୍କୋର କରିବାର ସୁଯୋଗ ଦେଇନଥିଲା । ଭାରତର ଗୋଲକିପର ସୁରଜ କରକେରା ନିଜର ଚମତ୍କାର ଢଙ୍ଗରେ ଖେଳି ପାକିସ୍ତାନର ବହୁ ଗୋଲ ସୁଯୋଗକୁ ନାକଚ କରିଦେଇଥିଲେ । ଏହି ପରାଜୟ ପରେ ଆଗାମୀ ପର୍ଯ୍ୟାୟରେ ଯିବାକୁ ପାକିସ୍ତାନକୁ ଜାପାନ ଓ ବଙ୍ଗଳାଦେଶ ମଧରେ ହେବାକୁ ଥିବା ମ୍ୟାଚ ଉପରେ ନିର୍ଭର କରିବାକୁ ପଡିବ । ଅନ୍ୟପଟେ ଭାରତ ପୂର୍ବରୁ ସୁପର ୪ରେ ପ୍ରବେଶ କରିସାରିଛି ।

୪ ମାଓବାଦୀ ଗିରଫ

ଗିରଫ ୪ଜଣ ମାଓବାଦୀଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି । ପ୍ରକାଶଯୋଗ୍ୟ ଯେ, ରବିବାର କାଲିମେଳା ଥାନା ପୁଲିସ ରାଜଲକୋଣ୍ଡା ଗ୍ରାମରୁ ୪ଜଣ ମାଓବାଦୀଙ୍କୁ ଗିରଫ କରିବାରେ ସଫଳ ହୋଇଛନ୍ତି । ମାଲକାନଗିରି ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟରେ ଏଥିନେଇ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ଜଗମୋହନ ମାନା ଗଣମାଧମକୁ ସୂଚନା ଦେଇ କହିଥିଲେ ଗିରଫ ୪ ମାଓବାଦୀ ୭/୧୦ରେ କୁରୁବ ଗ୍ରାମର ଡମ୍ବରୁ ନାଏକଙ୍କୁ ପୁଲିସ ଇନଫର୍ମର ସନ୍ଦେହରେ ହତ୍ୟା କରିଥିଲେ । ମାଓନେତା ରଣଦେବକ ନେତୃତ୍ୱରେ ଏହି ହତ୍ୟାକାଣ୍ଡ ଭିଆଇଥିଲେ । ଅଧିକ ତଦନ୍ତ ଚାଲିଥିବାରୁ ସେମାନଙ୍କ ନାମ ଗୋପନ ରଖାଯାଇଥିବା ସୂଚନା ଦେଇଥିଲେ ।

ବାଇକ ଆମ୍ବୁଲାନ୍ସ ଯୋଜନା ଫେଲ

ସରକାର ବାଇକ ଆମ୍ବୁଲାନ୍ସ ପ୍ରଦାନ କରିଥିଲେ । କିନ୍ତୁ ଆଜି ରାୟଗଡାରେ କାମରେ ଆସିଲାନି ବାଇକ ଆମ୍ବୁଲାନ୍ସ । ଓଡିଶାର ଅନେକ ଅଞ୍ଚଳ ଅଛି ଯେଉଁଠାରେ ନା ଅଛି ହସ୍ପିଟାଲ ନା ଅଛି ଭଲ ରାସ୍ତା । ରାସ୍ତା ନଥିବାରୁ ସେହିସବୁ ଅଞ୍ଚଳରେ ଆମ୍ବୁଲାନ୍ସ ପହଞ୍ଚିପାରୁନି । ପାଖରେ ହସ୍ପିଟାଲ ନଥିବାରୁ ଅଞ୍ଚଳବାସୀଙ୍କୁ ବହୁ ଦୂର ଯିବାକୁ ପଡୁଛି । ଡାକ୍ତରଖାନରେ ରୋଗୀ ପହଞ୍ଚିଲାବେଳକୁ ରୋଗୀର ଅବସ୍ଥା ସଂକଟାପନ୍ନ ହୋଇଯାଉଛି । ଯାହାକି କେତେକ ସ୍ଥାନରେ ରୋଗୀର ମୃତ୍ୟୁ ମଧ ଘଟୁଛି ।

ବିଜେଡିରେ କମ୍ପନ

ତେବେ ଗଣମାଧମରେ ଏପରି ଟିପ୍ପଣୀ ଉପରେ ପ୍ରତିକ୍ରିୟା ଦେବାକୁ ଯାଇ ବିଜେପିର ମୁଖପାତ୍ର ସଜ୍ଜନ ଶର୍ମା କହିଛନ୍ତି ଯେ, ସାଂସଦ ଭାବେ ସେ (ପିନାକୀ ସାରା ଭାରତର ଚିତ୍ର ଦେଖୁଛନ୍ତି) ତେଣୁ ପ୍ରଶଂସା କରିଛନ୍ତି । ପେଟ୍ରୋଲିୟମ ବିଭାଗ ଓଡିଶାର ଗରିବ ଘରେ ହଟ ଫୁଟାଇଛି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଦେବାଶିଷ ଏଭଳି ବିବୃତ୍ତି ଦେଇଥିବେ ବୋଲି ସେ ମନ୍ତବ୍ୟ ଦେଇଥିଲେ ।

ଭାଜପା ନୂଆବଜାର ମଣ୍ଡଳର ଆନ୍ଦୋଳନ

କଟକ, ୧୫/୧୦(ଶ୍ରୁମି): ଭାରତୀୟ ଜନତା ପାର୍ଟି ନୂଆବଜାର ମଣ୍ଡଳ ସଭାପତି ଭାଗିରଥି ଦଳାଇ ଏବଂ ରାଜ୍ୟ ଉପସଭାପତି ନୟନ କିଶୋର ମହାନ୍ତିଙ୍କ ନେତୃତ୍ୱରେ ଏକ ବିରାଟ ମୋଟରସାଇକେଲ ରାଲି ଖାନନଗର ଠାରୁ ବାହାରି ବାଦାମବାଡି, ଶଙ୍କରପୁର, ଛତ୍ରବଜାର, ଦରଖାପାଟଣା, କଲ୍ୟାଣୀନଗର, ରାଜେନ୍ଦ୍ରନଗର, ନୂଆବଜାର, ସିଆରଆରଆଇ, ଚାଉଳିଆଗ, ମହାନଦୀବିହାର ଦେଇ ଶିଖରପୁରଠାରେ ଶେଷ ହୋଇଥିଲା । ବିଜଦ ସରକାରର ମନ୍ତ୍ରୀ, ବିଧାୟକ, ସାଂସଦମାନେ ଯେପରି ଭାବେ ଜମି ଦୁର୍ନୀତି, ଭ୍ରଷ୍ଟାଚାର, ଚିଟଫଣ୍ଡ୍ ଓ କମସନିରେ ଲିପ୍ତ ରହୁଛନ୍ତି ଏବଂ ରାଜ୍ୟରେ ବଢିଚାଲିଥିବା ନାରୀ ନିର୍ଯ୍ୟାତନା ବିରୋଧରେ ଭାଜପା ପକ୍ଷରୁ ପ୍ରଚାରପତ୍ର ବଣ୍ଟନ କରାଯାଇଥିଲା । ଏହି ଶୋଭାଯାତ୍ରାରେ ଅନ୍ୟମାନଙ୍କ ମଧରେ ଦିପ୍ତୀ ସ୍ୱାଇଁ, ଅକ୍ଷୟ ମହାନ୍ତି,ଗୋପାଳ ବେହେରା, ମାନସ ମହାନ୍ତି, ବୈଦେଶ୍ୱର ପଣ୍ଡା, ଦିଲ୍ଲୀପ ବେହେରା, ଜଗଦାନନ୍ଦ ତ୍ରିପାଠୀ, ମୃତ୍ୟୁଞ୍ଜୟ କର, ପ୍ରମୋଦ ବେହେରା, ପ୍ରିୟ ରଂଜନ ବରାଳ, ବିକାଶ ବେହେରା, ସୀତା ସାହୁ, ଦେବସ୍ମିତା ମହାନ୍ତି, ପ୍ରମୁଖ ଶତାଧିକ ବ୍ୟକ୍ତି ଯୋଗ ଦେଇଥିଲେ ।

କଟକ ନିଖିଳ ଉତ୍କଳ ଦଳିତ ଲେଖକ ମୋହରି ମହାସଂଘ ପକ୍ଷରୁ ସମ୍ମିଳନୀ

ମହିଳାଙ୍କୁ ଅସଦାଚାରଣ ଥାନାରେ ମାମଲା

ଦଶପଲ୍ଲା ୧୫/୧୦(ଶ୍ରୁମି); ଦଶପଲ୍ଲା ଥାନା ଅନ୍ତର୍ଗତ ପୋଇବାଡି ଗ୍ରାମର ଜଣେ ଅସାମାଜିକ ଯୁବକ ଶନିବାର ରାତିରେ ଗ୍ରାମର କିଛି ମହିଳାଙ୍କୁ ଅସଦାଚରଣ କରିବା ଯୋଗୁ ଗ୍ରାମବାସିଙ୍କ ତାରଫରୁ ଥାନାରେ ଏତଲା ଦିଆଯାଇଥିଲା । ଗ୍ରାମର ସହ ସହ ମହିଳା ଓ ପୁରୁଷ ମାନେ ଦଶପଲ୍ଲା ଥାନାରେ ପହଁଚି ଉକ୍ତ ଯୁବକଙ୍କୁ ତୁରନ୍ତ ଗିରଫ ଦାବିରେ ଦଶପଲ୍ଲା ଥାନା ପରିସରରେ ଅଡିବସିଥିଲେ । ପରେ ପୋଲିସ ପକ୍ଷରୁ ୧୩୮/୨୦୧୭ରେ ଏକ ମାମଲା ରୁଜୁ କରି ଏହାର ତଦନ୍ତ ଆରମ୍ଭ କରିଛି । ସୁଚନା ଅନୁଯାଇ ସେହି ଗ୍ରାମର ଜଣେ ଅସାମାଜିକ ବ୍ୟକ୍ତି ସୁରେଶ ରାଉତ ଜଣେ କୁଖ୍ୟାତ ଅପରାଧି ହୋଇଥିବା ବେଳେ ବିଭିନ୍ନ ସମୟରେ ଗ୍ରାମବାସିଙ୍କୁ ଭୟବିତ କରି ହଇରାଣ ହରକତ କରିଥାଏ । ଗ୍ରାମବାସିଙ୍କ ସରଳତାର ସୁଯୋଗ ନେଇ ବହୁ ଅପରାଧିକ କାର୍ଯ୍ୟ ମାନ କରିଥାଏ । ମାତ୍ର କିଛିଦିନ ହେଲା ତାର ଦୈରମ୍ ମହିଳା ମାନଙ୍କ ଉପରେ ପଡିବା ଯୋଗୁ ଗ୍ରାମର ମହିଳା ମାନେ ରାତିରେ ଘରେ ସୋଇବାକୁ ସୁରକ୍ଷା ନମଣିବାରୁ ବାଧ ହୋଇ ଗ୍ରାମବାସି ମାନେ ଏକ ଗ୍ରାମସଭା ମାଧମରେ ଏହାର ସମାଧାନ କରିବାକୁ ପ୍ରୟାସ ଆରମ୍ଭ କରିଥିଲେ ମାତ୍ର ସୁରେଶ ଏହି ସଭାକୁ ନଆସି ଗ୍ରାମର କିଛି ଯୁବକଙ୍କୁ ଆକ୍ରମଣ କରିଥିଲା ଫଳରେ ଗ୍ରାମବାସି ମାନେ ତାକୁ ପାନେ ଦେବାପାଇଁ ଏକତ୍ରିତ ହୋଇ ଅଭିଯୁକ୍ତର ଘରକୁ ଯାଇଥିଲେ ମାତ୍ର ଏତେ ସଂଖ୍ୟାର ଲୋକଙ୍କୁ ଦେଖି ସୁରେଶ ସେଠାରୁ ଫେରାର ହୋଇଯାଇଥିଲା । ପରେ ଉକ୍ତ ସଭାକୁ ସୁରେଶର ବାପାଙ୍କୁ ଡାକିବାକୁ ଗ୍ରାମର ଜଣେ ଯୁବକ ଲୋକନାଥ ଡାକୁଆ(୩୫)କୁ ତାଙ୍କ ଘରକୁ ପଠାଇ ଥିଲେ । ମାତ୍ର ସୁରେଶର ବାପା ଖଦାଳ ରାଉତ (୬୫)ଉକ୍ତ ଯୁବକଙ୍କ ମୁଣ୍ଡକୁ ଏକ ଟାଙ୍ଗିଆ ମାଧମରେ ଆଘାତ ଦେଇଥିଲେ ଯାହା ଫଳରେ ଲୋକନାଥ ସେହିଠାରେ ଚେତାସୁନ୍ୟ ହୋଇ ପଡିଯାଇଥିଲେ ପରେ ତାଙ୍କୁ ଗ୍ରାମବାସି ମାନେ ମେଡିକାଲ ନେଇଥିଲେ ଏବଂ ମୁଣ୍ଡରେ ୫ଟି ଷ୍ଟିଚ୍ ପଡିଥିଲା । ଏହା ପରେ ଉତ୍ୟକ୍ତ ଲୋକ ମାନେ ସୁରେଶ ରାଉତର ଦୁଇଟି ଟ୍ରାକ୍ଟର ଏବଂ ତିନୋଟି ବାଇକୁ ପୋଡି ଦେବାସହ , ଗ୍ରାମବାସି ମାନେ ରବିବାର ଦିନ ଦଶଟା ସୁଧା ଗାଁରେ ନିଜକୁ ସରେଣ୍ଡର କରି ସମାଧାନ କରିବାପାଇଁ ସୁରେଶର ପରିବାର ଲୋକଙ୍କୁ ନିର୍ଦ୍ଦେଶ ଦେଇଥିଲେ ମାତ୍ର ସୁରେଶ ଗ୍ରାମ ସଭାକୁ ଆସିନଥିଲା , ପରେ ଦିନ ଗୋଟାଏ ପରେ ଗ୍ରାମବାସି ମାନେ ଥାନାର ଦ୍ୱାରସ୍ଥ ହୋଇଥିଲେ ।

୮ ଫୁଟର ଅଜଗର ସାପ ଉଦ୍ଧାର

କଟକ, ୧୫/୧୦(ଶ୍ରୁମି): ଚୌଦ୍ୱାର ମ୍ୟୁନିସିପାଲିଟି ନିକଟରୁ ଏକ ୮ ଫୁଟ ଲମ୍ବର ଅଜଗର ସାପ ଉଦ୍ଧାର କରାଯାଇଛି । ୧୪ ତାରିଖ ରାତି ୧୦ ଘଟିକା ସମୟରେ ଉକ୍ତ ସାପଟି ବୁଲୁଥିବା ବେଳେ ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ । ସେମାନେ ସାପ ଉଦ୍ଧାରକାରୀ ସଦସ୍ୟଙ୍କୁ ଯୋଗାଯୋଗ କରିଥିଲେ । ସାପ ଉଦ୍ଧାରକାରୀ ସଦସ୍ୟ ଶୁଭେନ୍ଦୁ ସ୍ୱାଇଁ, ଅବିନାଶ ଗୁରୁ, ତିଲକ କର, ପ୍ରଭାସ ମଙ୍ଗରାଜ ଘଟଣାସ୍ଥଳରେ ପହଞ୍ଚି ସାପଟି ଧରିଥିଲେ । ସେମାନେ ଉକ୍ତ ସାପକୁ ଜଙ୍ଗଲ ବିଭାଗର ତତ୍ତ୍ୱାବଧାନରେ ଡମଡମଣୀ ଜଙ୍ଗଲରେ ଛାଡ଼ିଦେଇଥିଲେ । ସାପଟିର ବୟସ ୫ ବର୍ଷ ହେବ । ସେହିପରି ସାପର ଓଜନ ୧୫ କିଲୋ ଓ ଲମ୍ବ ୮ ଫୁଟ ରହିଛି ବୋଲି ଜଣାଯାଇଛି ।

ଶ୍ରୀମଦ୍ ଭଗବଦ୍ ଗୀତା ମହାସମ୍ମିଳନୀ

Shrimad Bhagavad Gita
Mahasammelan

କଟକ, ୧୫/୧୦(ଶ୍ରୁମି): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ୮୦ବର୍ଷ ପୂର୍ତ୍ତି ଅବସରରେ ଝିରୀମଙ୍ଗଳା ତଥା ସମସ୍ତ କେନ୍ଦ୍ରମାନଙ୍କର ମିଳିତ ସହଯୋଗରେ ଆୟୋଜିତ ଶ୍ରୀମଦ୍ ଭଗବଦ୍ ଗୀତା ମହାସମ୍ମିଳନୀର ଏକ ଦ୍ୱିଦିବସୀୟ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ ହୋଇଯାଇଛି । ଏହି ସମ୍ମିଳନୀର ମୁଖ୍ୟ ପ୍ରବକ୍ତା ରୂପେ ସଂସ୍ଥାର ଅତିରିକ୍ତ ମହାସଚିବ ତଥା ପ୍ୟୁରିଟି ପତ୍ରିକାର ମୁଖ୍ୟ ସମ୍ପାଦକ ବ୍ରହ୍ମାକୁମାର ରାଜଯୋଗୀ ବ୍ରିଜ ମୋହନଜୀ ଗୀତା ଜ୍ଞାନ ହିଂସାର ନୁହେଁ ବରଂ ଅହିଂସାର ପ୍ରତୀକ ବୋଲି ତାଙ୍କର ଦିକ୍ଷାନ୍ତ ଭାଷଣରେ ବ୍ୟକ୍ତ କରିଥିଲେ ।

ଅନ୍ୟମାନଙ୍କ ମଧରେ ସମ୍ମାନୀୟ ଅତିଥି ରୂପେ ଜଗନ୍ନାଥ ସଂସ୍କୃତ ବିଶ୍ୱ ବିଦ୍ୟାଳୟର ପୂର୍ବତନ କୁଳପତି ଅଲେଖ ଚନ୍ଦ୍ର ଷଡଙ୍ଗୀ ନିଜର ମତ ବ୍ୟକ୍ତ କରି କହିଥିଲେ ଯେ ଆଦି ଶଙ୍କର ବ୍ରହ୍ମସୂତ୍ର, ଉପନିଷେଦ ଏବଂ ଗୀତାର ବାଖ୍ୟା କରି ଜ୍ଞାନକୁ ପ୍ରାଧାନ୍ୟ ଦେଇଥିଲେ । ଗୀତା ମନସ୍ତାତ୍ତ୍ୱିକ ବାଖ୍ୟା, ମନ-ବିବେକର, କ୍ଷେତ୍ର-କ୍ଷେତ୍ରଜ୍ଞ ମଧସ୍ଥ ସମ୍ବାଦ । ପରମବ୍ରହ୍ମକୁ ଅନୁଭବ କରିବାକୁ ହେଲେ ଆତ୍ମ ସାକ୍ଷାତ୍‌କାରର ଆବଶ୍ୟକ । ଅନ୍ୟତମ ପ୍ରବକ୍ତା ଡାଃ ପୁଷ୍ପା ପାଣ୍ଡେ ଅଧାତ୍ମ୍ୟ ହିଁ ବିଜ୍ଞାନର ମି ବୋଲି ବ୍ୟକ୍ତ କରିଥିଲେ । ସେ ତାଙ୍କ ବକ୍ତବ୍ୟରେ କହିଲେ ଯେ କୌଣସି ଶାସ୍ତ୍ର ହିଂସା ଶିକ୍ଷା ଦେଇନଥାଏ । ଭଗବାନ କିପରି ହିଂସା ଶିକ୍ଷା ଦେବେ । କୁରୁକ୍ଷେତ୍ରକୁ ସେ ବିଶ୍ୱରୂପୀ କର୍ମକ୍ଷେତ୍ର ତଥା ଶରୀର ରୂପୀ ଧର୍ମକ୍ଷେତ୍ର ବୋଲି ଉଲ୍ଲେଖ କରିଥିଲେ । ଗୀତାର ବର୍ଣ୍ଣିତ କୌରବ, ପାଣ୍ଡବ, ଅର୍ଜୁନ, ଯୁଧିଷ୍ଠିର ଶବ୍ଦ ଆଦି ପ୍ରତିକାତ୍ମକ ବୋଲି ଉଲ୍ଲେଖ କରିଥିଲେ । ଅନ୍ୟତମ ପ୍ରବକ୍ତା ଆନ୍ଧ୍ରପ୍ରଦେଶ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ମାନ୍ୟବର ଭି. ଈଶ୍ୱରିଆ ନିଜର ଉଦ୍‌ବୋଧନ ଦେଇ କହିଥିଲେ ଗୀତା ଜ୍ଞାନ ଦ୍ୱାରା ମଣିଷ ମନରୁ ବିକୃତ ସଂସ୍କାରର ଶୁଦ୍ଧିକରଣ ହୋଇଥାଏ ଏବଂ ମନୁଷ୍ୟ ଦେବତ୍ୱକୁ ପ୍ରାପ୍ତ କରିଥାଏ ମାତ୍ର ଯେତେବେଳେ ମନୁଷ୍ୟ ପରମାତ୍ମାଙ୍କୁ ଭୁଲିଯାଆନ୍ତି ସେତେବେଳେ ପୁନଃ ଆତ୍ମବିସ୍ମୃତି ଘଟିଥାଏ । ଏହି ଉଦ୍‌ଘାଟନ ଅବସରରେ ବ୍ରହ୍ମାକୁମାରୀ ସୁଲୋଚନା ଅତିଥିମାନଙ୍କୁ ସ୍ୱାଗତ ଅଭିଭାଷଣ କରିଥିଲେ । କଟକ ସବଜୋନ୍ ନିର୍ଦ୍ଦେଶିକା ରାଜଯୋଗିନୀ ବ୍ରହ୍ମାକୁମାରୀ କମଳେଶ ସଂସ୍ଥାର ୮୦ବର୍ଷର ଈଶ୍ୱରୀୟ ସେବା ସମ୍ପର୍କରେ ଅବଗତ କରାଇଥିଲେ ତଥା ଆର୍ଶୀବଚନ ପ୍ରଦାନ କରିଥିଲେ । ବ୍ରହ୍ମାକୁମାରୀ ଅସ୍ମିତା କାର୍ଯ୍ୟକ୍ରମର ପରିଚାଳନା କରିଥିବାବେଳେ ବ୍ରହ୍ମାକୁମାର ନଥମଲ ଭାଇ ଆମନ୍ତ୍ରିତ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧରେ ଡାଃ. କୃପାସିନ୍ଧୁ ପଣ୍ଡା, କଟକ ଏ.ଡି.ଏମ୍ ରଘୁରାମ ଆର୍.ଆୟାର, ଦେବେନ୍ଦ୍ରନାଥ ସାହୁ, ଭିକାରୀ ଦାସ୍, ପ୍ରତାପ ଚନ୍ଦ୍ର ରାଜ୍, ବିଜୟ କୁମାର ନାୟକ, ବ୍ର.କୁ. ରାଧେଶ୍ୟାମ, ବ୍ର.କୁ. ମୋହନ, ବ୍ର.କୁ.ନଗେନ୍ଦ୍ର, ତେଲକୋଇର ତହସିଲଦାର ବ୍ର.କୁ ପ୍ରତିଭା ଦ୍ୱୀପ ପ୍ରଜ୍ୱଳନରେ ଭାଗ ନେଇଥିଲେ । ଲଳିତ କଳା ଏକାଡେମୀର କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ ।

ଲୋକ ଅଦାଲତରେ ୪୫୦୨ ମାମଲା ବିଚାରଣ

ନବରଙ୍ଗପୁର ୧୫/୧୦(ଶ୍ରୁମି): ଜିଲ୍ଲା ଦୌରା ଜର୍ଜ ଅଦାଲତ ପରିସରରେ ଜିଲ୍ଲା ସ୍ତରୀୟ ଲୋକ ଅଦାଲତ ଅନୁଷ୍ଠୀତ ହୋଇଯାଇଛି । ଶନିବାର ଦିନ ଅନୁଷ୍ଠୀତ ଏହି କାର୍ଯ୍ୟକ୍ରମରେ ଉଭୟ ଦେୱାନୀ ଓ ଫୌଜଦାର ମକଦ୍ଦମାର ବିଚାରଣ କରାଯାଇଥିଲା । ଏଥିରେ ୧୨୨ ଟି କୋର୍ଟ କେସ ଓ ୪୩୮୦ଟି ରେଭେନ୍ୟୁ ମାମଲା ଏହିପରି ମୋଟ ୪୫୦୨ଟି ମାମଲା ବିଚାରଣ କରାଯାଇଥିଲା । ଜିଲ୍ଲା ଆଇନ ସେବା ପ୍ରାଧୀକରଣ ଆନୁକୁଲ୍ୟରେ ଅନୁଷ୍ଠୀତ ଏହି କାର୍ଯ୍ୟକ୍ରମରେ ପ୍ରାଧୀକରଣ ଅଧକ୍ଷ ତଥା ଜିଲ୍ଲା ଦୌରା ଜର୍ଜ ରାଜେନ୍ଦ୍ର ପାଣିଗ୍ରାହୀଙ୍କ ସମେତ ଫେମିଲି ଜର୍ଜ ସଞ୍ଜିବ ଦୁବେ,ଏ ଡି ଜେ ମିସ୍ ଗୌରୀ ମାଳା ମହାରାଣା,ସିଜେଏମ ରାଜ କିଶୋର ମହାପାତ୍ର,ପ୍ରାଧୀକରଣ ସଂମ୍ପାଦକ ଅଞ୍ଜନା ସ୍ୱାଇଁ,ଏସ ଡି ଜେ ଏମ ଅର୍ମରେଶ ମହାପାତ୍ର,ଜେ ଏମ ଏଫ ସି ବିଭୂତି ଭୂଷଣ ନାୟକ ଓ ଦୁଇଜଣ ପ୍ରବେସନ ଅଧିକାରୀମାନେ ଉପସ୍ଥିତ ରହିଥିଲେ ।

ଡଃ କଲାମ ଜନ୍ମ ଜୟନ୍ତୀ ପାଳିତ:

ଆଇନଜୀବୀ ମଞ୍ଚ ପକ୍ଷରୁ 'ଯୁବ ନେତୃତ୍ୱ ସପ୍ତାହ' ଉଦ୍‌ଘାଟନ

କଟକ, ୧୫/୧୦(ଶ୍ରୁମି): ମିଜାଇଲ ମ୍ୟାନ୍ ତଥା ଭାରତର ପୂର୍ବତନ ରାଷ୍ଟ୍ରପତି ଜନ ନାୟକ ଡଃ ଏ.ପି.ଜେ. ଅବଦୁଲ କଲାମଙ୍କ ୮୬ତମ ଜନ୍ମ ବାର୍ଷିକୀ ପାଳନ ଅବସରରେ କୃଷକ ବଜାରସ୍ଥିତ ଲଭ ଚାରିଟି ଚିଲଡ୍ରେନ୍ ହୋମ୍ ଠାରେ ଜାଗୃତ ଓଡ଼ିଶା ଆଇନଜୀବୀ ମଞ୍ଚ ପକ୍ଷରୁ ଯୁବ ନେତୃତ୍ୱ ସପ୍ତାହର ଉଦ୍‌ଘାଟନ ହୋଇ ଯାଇଛି । ଉକ୍ତ ଉତ୍ସବରେ ଆଶ୍ରମର ସମସ୍ତ ଅନ୍ତେବାସୀଙ୍କ ଉପସ୍ଥିତିରେ ଅତିଥିଗଣ ଡଃ କଲାମଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରିଥିଲେ । ମୁଖ୍ୟ ଅତିଥି ଭାବେ ଆଇନ୍‌ଜୀବୀ କୈଳାସ ଚନ୍ଦ୍ର କର, ମୁଖ୍ୟ ବକ୍ତା ଭାବେ ରାଜ୍ୟ ଆଇନ୍‌ଜୀବୀ ପରିଷଦର ସଦସ୍ୟ ଅରୂପାନନ୍ଦ ଦାସ, ସମ୍ମାନିତ ଅତିଥି ଭାବେ କଟକ କ୍ରିମିନାଲ କୋର୍ଟସ ବାରର ପୂର୍ବତନ ଉପସଭାପତି ଦିଲ୍ଲୀପକୁମାର ପଟ୍ଟନାୟକ, ଆଇନ୍‌ଜୀବୀ ପ୍ରସନ୍ନକୁମାର ମହାନ୍ତି, ସତ୍ୟବ୍ରତ ମହାନ୍ତି ପ୍ରମୁଖ ଯୋଗଦେଇ ଡଃ କଲାମଙ୍କ ଜୀବନ ଆଦର୍ଶ ଓ ସ୍ୱପ୍ନର ଭାରତ ବିଷୟରେ ଆଲୋକପାତ କରିଥିଲେ । ତାଙ୍କ ଜୀବନୀରୁ ପ୍ରେରଣା ନେଇ ଯୁବପିଢ଼ିକୁ ନେତୃତ୍ୱ ନେବାକୁ ଆହ୍ୱାନ ଦେବାକୁ ଲୟର୍ସ ଫୋରମ ପକ୍ଷରୁ ଯୁବ ନେତୃତ୍ୱ ସପ୍ତାହ ପାଳନ ଆରମ୍ଭ କରାଯାଇଛି ବୋଲି ଫୋରମ୍‌ର ଜିଲ୍ଲା ସଂଯୋଜକ ତାପସ ମହାନ୍ତି କହିଛନ୍ତି । ଡଃ କଲାମ ସ୍ମାରକୀ ବିଦ୍ୟାଜ୍ୟୋତି ଯୋଜନାରେ ରାଜ୍ୟର ବିଭିନ୍ନ ଜିଲ୍ଲାର ଶିଶୁ ଆଶ୍ରମ ମାନଙ୍କରେ ମ୍ୟାଟ୍ରିକ ଓ ନବମ ଶ୍ରେଣୀ ପିଲାଙ୍କୁ ଟେଷ୍ଟ ପେପର, ଜ୍ୟାମିତି ବାକ୍ସ, ପେନ୍ ଆଦି ପାଠ୍ୟ ଉପକରଣ ବିତରଣ କରାଯିବା କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସଙ୍ଗଠନ ସମ୍ପାଦକ ଗଗନ ବାରିକ ସ୍ୱାଗତ ଭାଷଣ ଓ ଯୁଗ୍ମ ସମ୍ପାଦକ ସଲ୍ଲାଉଦିନ୍ ଖାନ୍ ଧନ୍ୟବାଦ ଅର୍ପଣ କରିଥିଲେ । ରାଜ୍ୟ ସଂଯୋଜକ ଜଗନ୍ନାଥ ମହାନ୍ତି ନୟାଗଡ଼, ଖୋର୍ଦ୍ଧା, ଝାରସୁଗୁଡ଼ା, ଜଗତ୍‌ସିଂହପୁର ଜିଲ୍ଲାରେ ଏହି କାର୍ଯ୍ୟକ୍ରମ ପାଳନ କରାଯାଉଛି ଓ ସପ୍ତାହ ଧରି ବିଭିନ୍ନ ମହାବିଦ୍ୟାଳୟମାନଙ୍କରେ ବିଭିନ୍ନ ସାମାଜିକ ସଙ୍ଗଠନର ସହଭାଗିତାରେ ଯୁବ ନେତୃତ୍ୱ ଶୀର୍ଷକ ଆଲୋଚନାଚକ୍ର ଓ କର୍ମଶାଳା ହେବ ବୋଲି ଜଣାଇଥିଲେ । ଅନ୍ୟମାନଙ୍କ ମଧରେ ଆଇନ୍‌ଜୀବୀ ଶିତୀକାନ୍ତ ମିଶ୍ର, ସୁରେନ୍ଦ୍ର ରାଉତ ଓ ନିକୁ ରାଉତ ପ୍ରମୁଖ ଉପସ୍ଥିତ ରହି ପାଠ୍ୟଉପକରଣ ବିତରଣରେ ସହଯୋଗ କରିଥିଲେ ।

ବଲୁରିଆ ପଞ୍ଚାୟତ ଆବାସ ଯୋଜନା ଅନିୟମିତତାର ତଦନ୍ତ

- ଅନିୟମିତତାର ପ୍ରମାଣ ମିଳୁ ନାହିଁ ; ଭିଏଲଡବ୍ଲ୍ୟୁ
- ପ୍ରମାଣ ମିଳିଲେ କାର୍ଯ୍ୟାନୁଷ୍ଠାନ ; ବିଡିଓ
- ଦୁର୍ନୀତିର ତଦନ୍ତ କରାଯାଉ ; ସରପଞ୍ଚ

ପଟ୍ଟାମୁଣ୍ଡାଇ ୧୫/୧୦(ଶ୍ରୁମି): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବଲୁରିଆ ପଞ୍ଚାୟତରେ ଇନ୍ଦିରା ଆବାସ ଓ ମୋକୁଡିଆ ଆଦି ଆବାସ ଯୋଜନାରେ ଦୁର୍ନୀତି ଓ ପ୍ରିୟାପ୍ରୀତି ତୋଷଣ କରାଯାଇଥିବା ନେଇ ପଞ୍ଚାୟତର କେତେକ ଲୋକ ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ । ଏଥି ନେଇ ଗଣମାଧମରେ ଖବର ପ୍ରକାଶ ପାଇଥିଲା । କେନ୍ଦ୍ରାପଡା ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ପଟ୍ଟାମୁଣ୍ଡାଇ ବିଡିଓ ଏହି ଅଭିଯୋଗର ବିଧିବଦ୍ଧ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ । ବଲୁରିଆ ପଞ୍ଚାୟତ ଭିଏଲଡବ୍ଲ୍ୟୁ ପଞ୍ଚାୟତକୁ ଯାଇ ବିଧିବଦ୍ଧ ତଦନ୍ତ କରିବା ସହିତ ରେକର୍ଡପତ୍ର ଯାଞ୍ଚ କରିଥିଲେ । ତଦନ୍ତ ପରେ ଇନ୍ଦିରା ଆବାସ ଓ ମୋକୁଡିଆ ସରକାରୀ ନିୟମ ଅନୁଯାୟୀ ବଣ୍ଟନ କରାଯାଇଥିବା ତଦନ୍ତ ରିପୋର୍ଟରେ କୁହାଯାଇଛି । ଏଥିରେ କୌଣସି ଅନିୟମିତତା ହୋଇଥିବା ଘଟଣାକୁ ପ୍ରଶାସନ ଅସ୍ୱୀକାର କରିଛି । ତେବେ ଏହି ଅଭିଯୋଗକୁ ନେଇ ପରିସ୍ଥିତି ସରଗରମ ହୋଇପଡିଛି । ଏ ସଂପର୍କରେ ବଲୁରିଆ ପଞ୍ଚାୟତ ଭିଏଲଡବ୍ଲ୍ୟୁ ରମାକାନ୍ତ ଦାସଙ୍କୁ ପଚାରିବାରେ ସେ କହିଲେ ବିଡିଓଙ୍କ ନିର୍ଦ୍ଦେଶରେ ଅଭିଯୋଗ ସଂପର୍କରେ ପଞ୍ଚାୟତ ଅଫିସରେ ସମସ୍ତ କାଗଜପତ୍ର ତନଖି ପରେ କୌଣସି ଅନିୟମିତତା କରାଯାଇନଥିବା ସେ ଜାଣିବାକୁ ପାଇଛନ୍ତି । ସରକାରୀ ନିୟମ ଅନୁଯାୟୀ ସମସ୍ତ ଇନ୍ଦିରା ଆବାସ ଓ ମୋକୁଡିଆ ବିପିଏଲ ତାଲିକାଭୁକ୍ତ ଲୋକମାନଙ୍କୁ ବଣ୍ଟନ କରାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି । ଏହାଛଡା ବିପିଏଲ ତାଲିକାରେ ନଥିବା ଭିନ୍ନକ୍ଷମ ଓ ବାସହୀନ ଲୋକମାନଙ୍କୁ ମଧ ଇନ୍ଦିରା ଆବାସ ଓ ମୋକୁଡିଆ ନିର୍ଦ୍ଧାରିତ ନିୟମାନୁସାରେ ପ୍ରଦାନ କରାଯାଇଛି ବୋଲି ଶ୍ରୀଦାସ ସୂଚନା ଦେଇଛନ୍ତି । ପଟ୍ଟାମୁଣ୍ଡାଇ ବିଡିଓ ସୁଧିର କୁମାର ସିଂହଙ୍କୁ ପଚାରିବାରେ ସେ କହିଲେ ବଲୁରିଆ ପଞ୍ଚାୟତର ଇନ୍ଦିରା ଆବାସ ଓ ମୋକୁଡିଆ ପ୍ରଦାନରେ କୌଣସି ଅନିୟମିତତାର ପ୍ରମାଣ ତଦନ୍ତରୁ ମିଳୁନାହିଁ । ଏ ସଂପର୍କରେ ଉପଯୁକ୍ତ ପ୍ରମାଣ ମିଳିଲେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଶ୍ଚୟ ଗ୍ରହଣ କରାଯିବ ବୋଲି ବିଡିଓ କହିଛନ୍ତି । ବଲୁରିଆ ସରପଞ୍ଚ ରତିକାନ୍ତ ସାହାଣୀ ଅନିୟମିତତା ଅଭିଯୋଗକୁ ଅସ୍ୱୀକାର କରିବା ସହିତ ଏହାର ବିଧିବଦ୍ଧ ତଦନ୍ତ କରାଯିବା ପାଇଁ ଦାବି କରିଛନ୍ତି । ଅନିୟମିତତାର ପ୍ରମାଣ ମିଳିଲେ ସେ ସକ୍ରିୟ ରାଜନୀତିରୁ ଅବସର ନେବେ ବୋଲି କହିଛନ୍ତି । ପୂର୍ବତନ ସରପଞ୍ଚ ପ୍ରଭାତୀ ସାହଣୀ ପଞ୍ଚାୟତରେ ଇନ୍ଦିରା ଆବାସ ଓ ମୋକୁଡିଆ ବଣ୍ଟନରେ ଅନିୟମିତତାର ଅଭିଯୋଗକୁ ଚ୍ୟାଲେଞ୍ଜ କରି ବିଧିବଦ୍ଧ ତଦନ୍ତ ଦାବି କରିଛନ୍ତି । ପୂର୍ବତନ ସମିତିସଭ୍ୟ ଅନନ୍ତ ତରାଇ କହିଛନ୍ତି ଯେ କିଛି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ତାଙ୍କୁ ବଦନାମ କରିବା ସହିତ ରାଜନୈତିକ ପ୍ରତିଷ୍ଠାକୁ କ୍ଷୁର୍ଣ୍ଣ କରିବା ପାଇଁ ମନଗଢା, ମିଥ୍ୟା ଓ ଭିତ୍ତିହୀନ ଅଭିଯୋଗ କରିଛନ୍ତି ବୋଲି ପ୍ରକାଶ କରିବା ସହିତ ତଦନ୍ତ ଦାବି କରିଛନ୍ତି ।

ବ୍ରହ୍ମପୁରରେ ଅସ୍ତ୍ରଶସ୍ତ୍ର ସହ ୧୭ ଜଣଙ୍କୁ ଗିରଫ

ବ୍ରହ୍ମପୁର, ୧୫/୧୦(ଶ୍ରୁ.ମି.) : ବ୍ରହ୍ମପୁର ଏସପି ଆଶିଷ ସିଂହଙ୍କ ଅପରାଧିଙ୍କ ଉପରେ କଡା ନଜର ରହିଛି । ସେ ଆରକ୍ଷୀ ଅଧିକ୍ଷକ ଭାବରେ ଯୋଗ ଦେବା ପରଠାରୁ ଅସାମାଜିକ ତତ୍ତ୍ୱ ମାନଙ୍କ ଉପରେ ଚଡଉ କରି ସେମାନଙ୍କୁ ଜେଲ ଚାରିକାନ୍ଥ ଦେଖାଇବା ପାଇଁ ପୂରା ଦମ୍‌ରେ ଲାଗିପଡିଛନ୍ତି । ବିରିମାଡ ଦେଖି କୋଳଥ ଚୋପା ଅବସ୍ଥା ଭୋଗୁଛନ୍ତି ଅପରାଧିକ ଗୋଷ୍ଠୀ । ରବିବାର ଦୁଇଟି ଗୋଷ୍ଠୀଙ୍କ ବିରୁଦ୍ଧରେ ଭିନ୍ନ ଭିନ୍ନ ଥାନାରେ ହୋଇଥିବା ଅଭିଯୋଗ ଆଧାରରେ ୧୭ ଜଣଙ୍କୁ ଗିରଫ କରାଯିବା ସହ ସେମାନଙ୍କ ଠାରୁ ବିଭିନ୍ନ ମାରଣାସ୍ତ୍ର ଜବତ କରାଯାଇଛି । ବ୍ରହ୍ମପୁର ଗୋସାଣି ନୂଆଗାଁ ଥାନା ପକ୍ଷରୁ ୮ ଜଣ ଅଭିଯୁକ୍ତଙ୍କୁ ଓ ଟାଉନ ଥାନା ପକ୍ଷରୁ ୯ ଜଣଙ୍କୁ ଗିରଫ କରାଯାଇଛି ।

ନୀତିଶ୍ଳୋକ

ସର୍ଗାଣାମାଦିରନ୍ତଶ୍ଚ ମଧ୍ୟଂ ଚୈବାହମର୍ଜ୍ଜୁନ ।
ଅଧ୍ୟାତ୍ମବିଦ୍ୟା ବିଦ୍ୟାନାଂ ବାଦଃ ପ୍ରବଦତାମହମ୍ ॥

ହେ ଅର୍ଜ୍ଜୁନ ! ସମସ୍ତ ସର୍ଗର ଆଦି, ମଧ୍ୟ ଓ ଅନ୍ତରେ ମୁଁ ବିରାଜମାନ । ବିଦ୍ୟାମାନଙ୍କ ମଧ୍ୟରେ ଅଧ୍ୟାତ୍ମବିଦ୍ୟା(ବ୍ରହ୍ମବିଦ୍ୟା) ଏବଂ ପରସ୍ପର ଶାସ୍ତ୍ରାର୍ଥକାରୀମାନଙ୍କର (ତତ୍ତ୍ୱନିର୍ଣ୍ଣାୟକ) ବାଦ ହେଉଛି ମୁଁ ।

ହମ୍ବନଟୋଟାର ସନ୍ଦେଶ

ହମ୍ବନଟୋଟା ବିମାନବନ୍ଦରକୁ କ୍ରୟ କରିବା ପାଇଁ ଶ୍ରୀଲଙ୍କା ଓ ଭାରତ ମଧ୍ୟରେ ଆଲୋଚନାରେ ଯଥେଷ୍ଟ ଅଗ୍ରଗତି ଘଟିଛି । ଏଠାରେ ଅବସ୍ଥିତ ରାଜପକ୍ଷେ ଆନ୍ତର୍ଜାତିକ ବିମାନବନ୍ଦରକୁ ନିର୍ମାଣ କରିବା ପାଇଁ ଚୀନ ଶ୍ରୀଲଙ୍କାକୁ ବିପୁଳ ଆର୍ଥିକ ସହାୟତା ପ୍ରଦାନ କରିଥିଲା । ପୂର୍ବରୁ ଏହା ନିକଟବର୍ତ୍ତୀ ଏକ ବନ୍ଦରକୁ ମଧ୍ୟ ଦୀର୍ଘମିଆଦି ଲିଜ୍ ସୂତ୍ରରେ ଚୀନ ଶ୍ରୀଲଙ୍କା ଠାରୁ ନେଇଛି । ନିଜର ପଡୋଶୀ ତଥା ଆର୍ଥିକ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱୀ ଭାରତକୁ ଚାରିଆଡୁ ଘେରିବା ପାଇଁ ଚୀନର ଏହା ସୁନିଯୋଜିତ ଯୋଜନାର ଅନ୍ତର୍ଭୁକ୍ତ । ଗତବର୍ଷ ସାଂଘାଇ ଠାରେ ଚୀନ ନିଜର ମହତ୍ୱାକାଂକ୍ଷୀ ‘ୱାନ ବେଲ୍ଟ ୱାନ ରୋଡ’ ବା ‘ଓବି ଓଆର’ କାର୍ଯ୍ୟକ୍ରମକୁ ଆରମ୍ଭ କଲାବେଳେ ଏସିଆ, ୟୁରୋପ ଓ ଆଫ୍ରିକାର ବହୁ ଦେଶ ଏଥିରେ ସାମିଲ ହୋଇଥିଲେ । ଆମ ଦେଶକୁ ମଧ୍ୟ ଚୀନ ଆମନ୍ତ୍ରଣ କରିଥିଲା । ଆମର ପଡୋଶୀ ପାକିସ୍ତାନ ଅତି ଉତ୍ସାହର ସହ ଏହି ଯୋଜନାରେ ଅଂଶୀଦାର ରୂପେ ସାମିଲ ହୋଇଛି । କିନ୍ତୁ ଏହି ଯୋଜନା ପଛରେ ଚୀନର ବିସ୍ତାରବାଦୀ ମନୋବୃତ୍ତି ସ୍ପଷ୍ଟ ଭାବେ ପ୍ରକାଶ ପାଉଥିବାରୁ ଜାପାନ, କୋରିଆ, ଅଷ୍ଟ୍ରେଲିଆ, ଆମେରିକା ସମେତ ଭାରତ ଏହା ପଛରେ ଥିବା ଷଡଯନ୍ତ୍ରକୁ ବେଶ୍ ହୃଦୟଙ୍ଗମ କରି ଏଥିରୁ କେବଳ ନିବୃତ୍ତ ହୋଇନଥିଲେ ଅପିତୁ ଏହାକୁ ବିରୋଧ କରିବା ପାଇଁ ନିଷ୍ପତ୍ତି ନେଇଥିଲେ । ବହୁ ପୂର୍ବରୁ ଚୀନ ତିବ୍‌ବତ ବାଟ ଦେଇ ପାକିସ୍ତାନର ପଶ୍ଚିମ ଉପକୂଳବର୍ତ୍ତୀ ଗ୍ୱାଦର ପର୍ଯ୍ୟନ୍ତ ନିଜର ଆନ୍ତର୍ଜାତିକ ଅର୍ଥନୈତିକ କରିଡର ନିର୍ମାଣ ପାଇଁ ଚୁକ୍ତି ସ୍ୱାକ୍ଷର କରିସାରିଥିଲା । ଉଭୟ ରାଜପଥ ଓ ରେଳପଥ ମାଧ୍ୟମରେ ଚୀନ ଭୂମଧ୍ୟସାଗର ତଟ ପର୍ଯ୍ୟନ୍ତ ନିଜର ପ୍ରଭାବ ବୃଦ୍ଧି କରିବା ସହ ସମ୍ପୂର୍ଣ୍ଣ ଏସିଆ ଆଫ୍ରିକା ଓ ୟୁରୋପକୁ ନିଜ ପ୍ରଭାବ କ୍ଷେତ୍ରରେ ସାମିଲ କରିବା ପାଇଁ ଉଦ୍ୟମ କରିଆସୁଛି । ଶ୍ରୀଲଙ୍କା ଭଳି ପାକିସ୍ତାନରେ ମଧ୍ୟ ଗ୍ୱାଦର ବନ୍ଦରକୁ ଦୀର୍ଘକାଳୀନ ଲିଜ୍‌ରେ ଚୀନ ହାତେଇ ସାରିଛି । ପାକିସ୍ତାନ ସହିତ ସାମରିକ ତଥା କୂଟନୈତିକ ସମ୍ପର୍କ ନିବିଡ ଥିବା କାରଣରୁ ଏହାର ବିମାନବନ୍ଦର ବ୍ୟବହାର କରିବାରେ ଚୀନ ପାଇଁ କୌଣସି ସମସ୍ୟା ନାହିଁ । ତା ପୂର୍ବରୁ ପର୍ଯ୍ୟାୟକ୍ରମେ ସିଙ୍ଗାପୁର, ଥାଇଲାଣ୍ଡ, ମିଆଁମାର, ବାଙ୍ଗଲାଦେଶ ଓ ଶ୍ରୀଲଙ୍କାର ବିଭିନ୍ନ ବନ୍ଦରରେ ପ୍ରଚୁର ଆର୍ଥିକ ନିବେଶ କରି ନିଜର ନୌବାହିନୀ ପାଇଁ ସୁରକ୍ଷିତ ପୋତାଶ୍ରୟର ବ୍ୟବସ୍ଥା କରିସାରିଛି । ଆହୁରି ମଧ୍ୟ ଆଫ୍ରିକାର ପୂର୍ବ ଉପକୂଳରେ ଥିବା ଜିବୋଟି ପରି କ୍ଷୁଦ୍ର ଦେଶ ଉପରେ ପ୍ରଭାବ ବିସ୍ତାର କରି ସେଠାରେ ଏକ ପୋତାଶ୍ରୟକୁ ସେ କ୍ରୟ କରିସାରିଛି । ଏଭଳି ଏକ ଯୋଜନା ପଛରେ ଚୀନର ଉଦ୍ଦେଶ୍ୟ ସ୍ପଷ୍ଟ ଏସିଆର ପୂର୍ବ ଉପକୂଳରେ ଅବସ୍ଥିତ ଏହି ଦେଶଟି ପଶ୍ଚିମ ଉପକୂଳରେ ଅବସ୍ଥିତ ଭାରତ ପରି ଦେଶମାନଙ୍କ ସହ ସିଧାସଳଖ ପରିବହନ ପାଇଁ ଭୌଗୋଳିକ ପ୍ରତିବନ୍ଧକର ସମ୍ମୁଖୀନ ହୁଏ । ଉତ୍ତୁଙ୍ଗ ହିମାଳୟ ଶୃଙ୍ଗ ମଧ୍ୟର ଥିବା ଛୋଟ ଛୋଟ ଗିରିପଥ ଦେଇ ତିବ୍‌ବତ ବାଟେ ମାଲ୍ ପରିବହନ କରିବା ସୁରକ୍ଷା ଦୃଷ୍ଟିରୁ ଏବଂ ବର୍ଷର ୬ମାସ ବରଫପାତ ଯୋଗୁ ସୁଗମ୍ ହୋଇପାରେନାହିଁ । ଏଥିପାଇଁ ସମ୍ପୂର୍ଣ୍ଣ ଦକ୍ଷିଣ ଏସିଆକୁ ଅତିକ୍ରମ କରି ତାର ବାଣିଜ୍ୟ ପୋତ ଭାରତ ମହାସାଗର ବାଟେ ବଙ୍ଗୋପସାଗର ଓ ଆରବ ସାଗର ଦେଇ ଏହି ସବୁ ଦେଶରେ ପ୍ରବେଶ କରେ । କେବଳ ବାଣିଜ୍ୟିକ କାରଣରୁ ଯେ, ଚୀନ ଓବିଓଆର ଭଳି ଯୋଜନା ପାଇଁ ବର୍ଷ ବର୍ଷ ଧରି ବହୁ ବିଲିୟନ ଡଲାର ଖର୍ଚ୍ଚ କରିଚାଲିଛି ତା’ ନୁହେଁ । ଏକ ବିଶ୍ୱ ଶକ୍ତି ହେବାପାଇଁ ଚୀନର ଲାଳସା ବହୁଦିନରୁ ରହିଆସିଛି । ସୌଭାଗ୍ୟବସତଃ ଗତ ତିନି ଦଶନ୍ଧୀ ଧରି ଅର୍ଥନୈତିକ କ୍ଷେତ୍ରରେ ଚୀନ ଆମେରିକା, ଜାପାନ, ଦକ୍ଷିଣ କୋରିଆ ପରି ବୃହତ୍ତ ଆନ୍ତର୍ଜାତିକ ଅର୍ଥନୀତି ସମ୍ପର୍ଣ୍ଣ ଦେଶମାନଙ୍କୁ ପଛରେ ପକାଇ ଦୃତତମ ଅଭିବୃଦ୍ଧି ସମ୍ପନ୍ନ ଦେଶ ଭାବେ ମାନ୍ୟତା ହାସଲ କରିଛି । ବାଣିଜ୍ୟ କ୍ଷେତ୍ରରେ ଏହା ଆମେରିକା, ଜାପାନ ଓ ଦକ୍ଷିଣ କୋରିଆକୁ ଯେ, କେବଳ ଟକ୍କର ଦେଇଛି ତା’ନୁହେଁ ବସ୍ତୁତଃ ଚୀନର ଅର୍ଥନୈତିକ ଅଭ୍ୟୁଦୟ ଏହି ସବୁ ଦେଶକୁ ଅନେକ ପରିମାଣରେ ଚିନ୍ତିତ ତଥା ନିଷ୍ପ୍ରଭ କରିସାରିଲାଣି । ଏଣିକି ଏହି ଅର୍ଥନୈତିକ ସାମ୍ରାଜ୍ୟକୁ ୟୁରୋପ ପର୍ଯ୍ୟନ୍ତ ବିସ୍ତାରିତ କରିବା ତା’ର ଉଦ୍ଦେଶ୍ୟ । ତା’ ହୋଇପାରିଲେ ସେ ବିଶ୍ୱ ଅର୍ଥନୀତିରେ ଏକ ଅପରାଜେୟ ଶକ୍ତି ଭାବରେ ମୁଣ୍ଡ ଟେକିପାରିବ । ପୂର୍ବରୁ ସାମରିକ ଦୃଷ୍ଟିରୁ ଏହି ଦେଶ ନିଜକୁ ଯଥେୟଷ୍ଟ ଶକ୍ତିଶାଳୀ କହସାରିଛି । ଏହାର ଦୁର୍ଦ୍ଧର୍ଷ ପିପୁଲ୍ସ ଲିବରେସନ ଆର୍ମି ବିଶ୍ୱର ସର୍ବବୃହତ୍ତ ସେନାବାହିନୀର ମାନ୍ୟତା ପାଇସାରିଛି । ଋଷିଆ ସହଯୋଗରେ ଏହି ଦେଶ ପରମାଣୁ କ୍ଷେତ୍ର ଏବଂ ମହାକାଶ ଗବେଷଣାରେ ମଧ୍ୟ ଯଥେଷ୍ଟ ଅଗ୍ରଗତି କରିପାରିଛି । ନିଜର ବ୍ୟାବସାୟିକ ଫାଇଦା ଦୃଷ୍ଟିରୁ ଋଷ ଏହାକୁ ନୂତନ ପିଢୀର ଲଢୁଆ ବିମାନ ଆନ୍ତଃମହାଦେଶୀୟ କ୍ଷେପଣାସ୍ତ୍ର ଜ୍ଞାନକୌଶଳ ଏବଂ ଅଣୁ ପରମାଣୁ ଅସ୍ତ୍ର ସମ୍ପନ୍ନ ଲଢୁଆ ଯୁଦ୍ଧପୋତରେ ଶକ୍ତିଶାଳୀ ହେବାରେ ସାହାଯ୍ୟ କରିଚାଲିଛି । ଏସବୁ ମିଶିଲେ ଚୀନ ସମଗ୍ର ବିଶ୍ୱକୁ ନାଲି ଆଖି ଦେଖାଇବା ପାଇଁ ସମର୍ଥ ହୋଇପାରନ୍ତା । କିନ୍ତୁ ଏକ୍ଷେତ୍ରରେ ତା’ର ପ୍ରତିବନ୍ଧକ ସାଜିଛି ଭାରତ । ଗ୍ୱାଦର ପର୍ଯ୍ୟନ୍ତ ନିର୍ମାଣାଧିନ ଅର୍ଥନୈତିକ କରିଡର ପାକ୍ ଅଧିକୃତ କାଶ୍ମୀର ବା ପିଓକେ ବାଟ ଦେଇ ଯିବାକୁ ଥିବାରୁ ଭାରତ ଏହାକୁ ନିଜର ଅଞ୍ଚଳ ବୋଲି ଦାବି କରିବା ସହ ଏହି କରିଡର ନିର୍ମାଣ କ୍ଷେତ୍ରରେ ବିରୋଧ କରୁଛି । ତେଣେ ଦକ୍ଷିଣ ଚୀନ ସାଗର ଅଞ୍ଚଳକୁ ନିଜର ଏକଚାଟିଆ ନୌକ୍ଷେତ୍ର କରିବା ପାଇଁ ଚୀନର ଉଦ୍ୟେମକୁ ପଡୋଶୀ ଭିଏତନାମ , ଫିଲିପାଇନ୍ସ, ବ୍ରୋନିଓ ପ୍ରଭୃତି ଦେଶ ବିରୋଧ କରି ଆନ୍ତର୍ଜାତିକ ଅଦାଲତରେ ଫେରାଦ ହୋଇଛନ୍ତି । ଅଦାଲତ ଚୀନ ଦ୍ୱାରା ଏ କ୍ଷେତ୍ରରେ ନିର୍ମିତ କୃତିମ ହ୍ରଦକୁ ବେଆଇନ୍ ଦର୍ଶାଇବା ସତ୍ତ୍ୱେ ଚୀନ ଏଥିପ୍ରତି ଭୃକ୍ଷେପ କରୁନାହିଁ । ଏହି ଅଞ୍ଚଳ ତୈଳ ଓ ପ୍ରାକୃତିକ ଗ୍ୟାସରେ ଭରପୂର ହୋଇଥିବାରୁ ଭାରତ ଭିଏତନାମ ସହ ମିଳିତ ସହଯାଗରେ ତୈଳ ସମ୍ପଦ ଉତ୍ତୋଳନ ପାଇଁ ଯେଉଁ ଉଦ୍ୟମ କରିଆସୁଛି ତାହା ମଧ୍ୟ ଚୀନ ପାଇଁ ଚକ୍ଷୁଶୂଳର କାରଣ ହୋଇଛି । ଚୀନର ଏଭଳି ମନ୍ଦ ଉଦ୍ଦେଶ୍ୟ ବିରୋଧରେ ଅଷ୍ଟ୍ରେଲିଆ, ଜାପାନ, ଦକ୍ଷିଣ କୋରିଆ, ଅଷ୍ଟ୍ରେଲିଆ ପ୍ରଭୃତି ଦେଶ କଠୋର ଆଭିମୁଖ୍ୟ ଗ୍ରହଣ କରୁଥିବା ସମୟରେ ଭାତର ସେମାନଙ୍କ ସହ ମିଶି ଏହି କ୍ଷେତ୍ରରେ ମିଳିତ ନୌ ସମରାଭ୍ୟାସ କରିଛି । ଖାଲି ସେତିକି ନୁହେଁ ଚୀନର ବାଣିଜ୍ୟିକ ପ୍ରତିଦ୍ୱନ୍ଦ୍ୱୀ ଜାପାନ ସହ ଭାରତର ବାଣିଜ୍ୟିକ ତଥା କୂଟନୈତିକ ସମ୍ପର୍କ ବେଶ ନିବିଡ ।

ଏହି ସବୁ କାରଣରୁ ଭାରତକୁ ଉଚିତ୍ ଶିକ୍ଷା ଦେବା ପାଇଁ ଚୀନ କୌଣସି ସୁଯୋଗକୁ ହତଛଡା କରୁନାହିଁ । ଏନଏସଜିର ସଦସ୍ୟତା ହେଉ ବା ନିରାପତ୍ତା ପରିଷଦରେ ସ୍ଥାୟୀ ସଦସ୍ୟତାହେଉ ସବୁ କ୍ଷେତ୍ରରେ ଭାରତକୁ ବିରୋଧ କରୁଛି ଚୀନ । ଭେଟୋର ଅଧିକାରୀ ହୋଇଥିବାରୁ ଚୀନର ଏପରି ବିରୋଧ ଏହି ଦୁଇଟି ସଂସ୍ଥାରେ ସ୍ଥାୟୀ ସଦସ୍ୟତା ପାଇବା ପାଇଁ ମୁଖ୍ୟ ପ୍ରତିବନ୍ଧକ ହେଉଛି । ଇତି ମଧ୍ୟରେ ଦୀର୍ଘ ଦିନ ଧରି ଭାରତର ମିତ୍ର ରାଷ୍ଟ୍ର ରୂପରେ ପରିଚିତ ନେପାଳ, ଭୂଟାନ, ବାଙ୍ଗଲାଦେଶ, ମ୍ୟାଙ୍ଗମାର ଓ ଶ୍ରୀଲଙ୍କାକୁ ବିପୁଳ ଆର୍ଥିକ ସହାୟତା ପ୍ରଦାନ କରି ଚୀନ ଏହି ସବୁ ଦେଶରେ ନିଜର ସାମରିକ ଘାଟି ପ୍ରତିଷ୍ଠା କରିବା ପାଇଁ ଯେଉଁ ଉଦ୍ୟମ କରିଆସିଛି ଭାରତ ତାହାକୁ ପ୍ରତିହତ କରିବା ପାଇଁ କୂଟନୈତିକ ତଥା ଆର୍ଥିକ ଉଦ୍ୟମ ଅବ୍ୟାହତ ରଖିବା ବ୍ୟତିତ ଦତ୍ୟନ୍ତର ନାହିଁ । ଭାରତର ଏଭଳି ଉଦ୍ୟମର ଜବାବରେ ଚୀନ ଦୁଇ ମାସ ତଳେ ଭାରତ-ଭୂଟାନ ସୀମାନ୍ତରେ ଥିବା ଡୋକଲାମ ଠାରେ ସୈନ୍ୟ ସମାବେଶ କରିଥିଲା । ଏହା ପଛରେ ଥିବା ଚୀନର ମନ୍ଦ ଉଦ୍ଦେଶ୍ୟକୁ ବୁଝିପାରି ଭାରତ ବଡ ଚତୁରତାର ସହ ଏହାର କୂଟନୈତିକ ଜବାବ ଦେଇଥିଲା । ନିଜର ପଡୋଶୀମାନଙ୍କୁ ନାଲିଆଖି ଦେଖାଉଥିବା ଚୀନ ଡୋକଲାମରୁ ସୈନ୍ୟ ପ୍ରତ୍ୟାହାର କରିବା ପାଇଁ ବାରମ୍ବାର ଧମକ୍ ଦେବା ସତ୍ତ୍ୱେ ଭାରତ ଆଦୌ ବିଚଳିତ ନହୋଇ ଏ ଅଞ୍ଚଳରେ ନିଜର ସାମରିକ ଶକ୍ତି ବୃଦ୍ଧି କରିଚାଲିଲା । ଭାରତ ଏ କ୍ଷେତ୍ରରେ ଅଶାନ୍ତି ସୃଷ୍ଟି କରିଛି ଏବଂ ଚୀନର ସୀମା ମଧ୍ୟରେ ଅନୁପ୍ରବେଶ କରିଛି ବୋଲି ଯେତେ ଗଳାଫଟା ଚିତ୍କାର କଲେ ସୁଦ୍ଧା ଚୀନର କଥାକୁ ବିଶ୍ୱ ସମୁଦାୟ ଆଦୌ ବିଶ୍ୱାସକୁ ନେଲା ନାହିଁ । ଅପରପକ୍ଷରେ ଭାରତର ବୈଦେଶିକ ମନ୍ତ୍ରୀଙ୍କ ଅତ୍ୟନ୍ତ ଶାନ୍ତ ତଥା ସୁଦୃଢ ଜବାବକୁ ବିଶ୍ୱ ସମୁଦାୟ ଉଚ୍ଚ ପ୍ରଶଂସା କରିଥିଲା । ଏଣୁ ଦୀର୍ଘ ଦୁଇମାସ ପରେ ଉଭୟ ଦେଶର ସୈନ୍ୟ ପ୍ରତ୍ୟାହାର ପ୍ରସ୍ତାବକୁ ଏକପ୍ରକାର ବାଧ୍ୟ ହୋଇ ଚୀନ ସ୍ୱୀକାର କରିଥିଲା ।

ଭାରତ ସହିତ ସୀମା ବିବାଦ ସମେତ ସମସ୍ତ ସମସ୍ୟାକୁ ପଞ୍ଚଶୀଳ ନୀତି ଆଧାରରେ ସମାଧାନ କରିବା ପାଇଁ ଚୀନ ଆଗ୍ରହୀ ବୋଲି ଘୋଷଣା କରି ନିଜର ଭଦ୍ରଲୋକି ଦେଖାଉଥିଲେ ସୁଦ୍ଧା ଚୀନକୁ ଚିହ୍ନିବାରେ ଭାରତ ଆଉ ଭୁଲ କରିବାର ନାହିଁ । ଓଡିଆରେ ଥିବା ଢଗ ଅନୁସାରେ ଯାହା ପୁଅକୁ ସାପ କାମୁଡିଛି ତା’ ମା’ ପାଳଦଉଡି ଦେଖି ଡରେ ନ୍ୟାୟରେ ଭାରତ ମନରୁ ଚୀନର ୧୯୬୨ ଆକ୍ରମଣ କେବେହେଲେ ଲିଭିଯିବ ନାହିଁ । ମାଓତସେତୁଙ୍ଗ ଓ ଚାଓଏନଲାଏ ଗୋଟିଏ ପଟେ ନେହେରୁଙ୍କ ସହ ମିଶି ହିନ୍ଦୀ-ଚୀନି ଭାଇ ଭାଇ ଧ୍ୱନୀ ଦେବା ସହ ପଞ୍ଚଶୀଳ ନୀତିରେ ସ୍ୱାକ୍ଷର କରିବାର ସ୍ୟାହୀ ନଲିଭୁଣୁ ଲଦାଖ ଓ ନେଫାରେ ଚୀନ ସୈନ୍ୟମାନେ ଭାରତୀୟ ଜବାନମାନଙ୍କ ଉପରେ ଆକ୍ରମଣ କରି ଯେଉଁ ବିସ୍ତୃତ ଅଞ୍ଚଳ ନିଜ ଦଖଲକୁ ନେଇଯାଇଥିଲେ ପରବର୍ତ୍ତୀ କାଳରେ ତନ୍ମଧ୍ୟରୁ ଅଳ୍ପ କେତେକ ଅଞ୍ଚଳରୁ ସୈନ୍ୟ ପ୍ରତ୍ୟାହାର କରିବା ସତ୍ତ୍ୱେ ଏବେ ବି ହଜାର ହଜାର ବର୍ଗ କିଲୋମିଟର ଭାରତୀୟ ଭୂ-ଭାଗ ଚୀନ କବଜାରେ ରହିଛି । ତେଣୁ ନିଜର ଏହି ପଡୋଶୀକୁ ଚିହ୍ନିବାରେ ଭାରତ ଆଉ ଭୁଲ କରିବାର ପ୍ରଶ୍ନ ଉଠୁନାହିଁ । ଗ୍ୱାଦାର ବନ୍ଦର ଜବାବରେ ଇରାନ୍‌ର ଚାବାହାର ବନ୍ଦର ବିକଶିତ କରିବା, ପିଓକେରେ ଅର୍ଥନୈତିକ କରିଡରକୁ ବିରୋଧ କରିବା ଏବଂ ହମ୍ବନଟୋଟା ବିମାନବନ୍ଦରକୁ ଚୀନ ହାତରୁ ଛଡାଇ ନେଇ ଭାରତ ଠିକଣା ଜବାବ ଦେଇଛି ।

ନୂଆଦିଲ୍ଲୀରେ ବିମ୍‌ଷ୍ଟେକ ଆଲୋଚନା

ସୌମେନ୍ଦ୍ର ଜେନା

ଚଳିତ ମାସ ନୂଆଦିଲ୍ଲୀଠାରେ ବଙ୍ଗୋପସାଗର ତଟବର୍ତ୍ତୀ ଦେଶଗୁଡିକ ମଧ୍ୟରେ ସହଯୋଗ ବୃଦ୍ଧିପାଇଁ ଗଠିତ ସଂଗଠନ “ବେ ଅଫ୍ ବେଙ୍ଗଲ ଇନିସିଏଟିଭ୍ ଫର ମଲ୍‌ଟି ସେକ୍ଟୋରାଲ ଟେକ୍‌ନିକାଲ ଏଣ୍ଡ ଇକୋନୋମିକ କୋଅପରେସନ (ବିମ୍‌ଷ୍ଟେକ)”ର ଚାରିଦିନିଆ ବୈଠକ ଅନୁଷ୍ଠିତ ହୋଇଯାଇଛି । ବିପର୍ଯ୍ୟୟ ପରିଚାଳନା ଦୃଷ୍ଟିରୁ ଦକ୍ଷତା ବୃଦ୍ଧି ଓ ପ୍ରସ୍ତୁତି ନେଇ ଏହି ବୈଠକରେ ବ୍ୟାପକ ଆଲୋଚନା ହୋଇଥିଲା । ବଙ୍ଗୋପସାଗର ତଟବର୍ତ୍ତୀ ଦେଶଗୁଡିକରେ ପ୍ରତିବର୍ଷ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ନାହିଁ ନଥିବା କ୍ଷତି ହୋଇଥାଏ । ଏହି ଅଞ୍ଚଳରେ ପୃଥିବୀର ମୋଟ ଜନସଂଖ୍ୟାର ୨୨ ପ୍ରତିଶତ ବସବାସ କରିଥାନ୍ତି । ବାତ୍ୟା, ବନ୍ୟା, ଭୂକମ୍ପ ପରି ବିପର୍ଯ୍ୟୟ ଏହିସବୁ ଦେଶଗୁଡିକରେ ଆହ୍ୱାନ ରୂପେ ଛିଡା ହୋଇଛି । ୨୦୧୭ରେ ଏହି ସଂଗଠନର ୨୦ବର୍ଷ ପୂର୍ତ୍ତି ହେଉଥିବାରୁ ଉକ୍ତ ବୈଠକର ଗୁରୁତ୍ୱ ବେଶ ଅଧିକ ରହିଛି ।

ଗତବର୍ଷ ଗୋଆଠାରେ ଅନୁଷ୍ଠିତ ବ୍ରିକ୍‌ସର ବୈଠକକୁ ଭାରତ ପକ୍ଷରୁ ବିମ୍‌ଷ୍ଟେକ ଦେଶଗୁଡିକୁ ଯୋଗଦେବା ଲାଗି ନିମନ୍ତ୍ରଣ କରାଯାଇଥିଲା । ଫଳରେ ୨୦୧୬ ଅକ୍ଟୋବରରେ ବ୍ରିକ୍‌ସ-ବିମ୍‌ଷ୍ଟେକ ବୈଠକ ବେଶ୍ ସଫଳ ହୋଇଥିଲା । ତେଣୁ ନଭେମ୍ବର ୨୦୧୬ରେ ପାକିସ୍ଥାନରେ ଅନୁଷ୍ଠିତ ହେବାକୁ ଥିବା ୧୯ତମ ସାର୍କ ବୈଠକର ଗୁରୁତ୍ୱ ହ୍ରାସ ପାଇଥିଲା । ସେପ୍ଟେମ୍ବରରେ ଉରି ଆକ୍ରମଣପରେ ଭାରତ ଉକ୍ତ ବୈଠକରେ ଯୋଗଦେବ ନାହିଁ ବୋଲି ଘୋଷଣା କରିବାପରେ ସାର୍କ ବୈଠକ ଆୟୋଜନ କରିବା ମୂଲ୍ୟହୀନ ହୋଇପଡିଥିଲା । ଅନ୍ୟ ସଦସ୍ୟଦେଶଗୁଡିକ ଇସଲାମାବାଦ ଯିବାକୁ ମନା କରିବାରୁ ସାର୍କ ବୈଠକ ବନ୍ଦ ହୋଇଯାଇଥିଲା ।

ବିମ୍‌ଷ୍ଟେକ ସଂଗଠନ ଜୁନ୍ ୧୯୯୭ରେ ବ୍ୟାଙ୍କକ୍ ଘୋଷଣାଅନୁଯାୟୀ ଆରମ୍ଭ ହୋଇଥିଲା । ସାର୍କ କିମ୍ବା ଅନ୍ୟ କୌଣସି ସଂଗଠନର ବିକଳ୍ପ ଭାବେ ଏହା କାର୍ଯ୍ୟକରିବ ନାହିଁ ବୋଲି ମୂଳରୁ ସ୍ପଷ୍ଟ କରାଯାଇଥିଲା । ଦକ୍ଷିଣ ଏସିଆ ଓ ଦକ୍ଷିଣ-ପୂର୍ବ ଏସିଆ ମଧ୍ୟରେ ଅଧିକ ସହଯୋଗ ବଢାଇବା,ଆଲୋଚନାର ସୁସ୍ଥ ବାତାବରଣ ନିର୍ମାଣ ଏହାର ମୂଳଲକ୍ଷ୍ୟ ରହିଥିଲା । ଥାଇଲାଣ୍ଡ ସରକାରଙ୍କ ଉଦ୍ୟମ କ୍ରମେ ଏହାର ଗଠନ ହୋଇଥିଲା । ପ୍ରଥମେ ଏହି ସଂଗଠନର ନାମ ବିଷ୍ଟ-ଏକ୍ (ବଙ୍ଗଳାଦେଶ, ଭାରତ, ଶ୍ରୀଲଙ୍କା, ଥାଇଲାଣ୍ଡ ଇକୋନୋମିକ କୋ-ଅପରେସନ୍) ରଖାଯାଇଥିଲା । ପରେ ସେହିବର୍ଷ ମ୍ୟାନମାର ସଂଗଠନରେ ଯୋଗ ଦେବାରୁ ବିମ୍‌ଷ୍ଟେକ ନାମ ନେଇଥିଲା । ୨୨୦୦୪ରେ ନେପାଳ ଓ ଭୁଟାନ ସଂଗଠନରେ ଯୋଗଦେବା ପରେ ଏହା ଅଧିକ ସୁଦୃଢ ହୋଇଥିଲା । ତେବେ ୧୯୯୭ରେ ଗଠିତ ଏହି ସଂଗଠନର ୨୦୦୪ରେ ବିଧିବଦ୍ଧ ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା । ଥାଇଲାଣ୍ଡରେ ଅନୁଷ୍ଠିତ ଏହି ବୈଠକରେ ପ୍ରତି ଦୁଇବର୍ଷରେ ଥରେ ଏହାର ଶିଖର ଆଲୋଚନା ହେବାପାଇଁ ସ୍ଥିର ହେଲା । ପରେ ୨୦୦୮ରେ ନୂଆଦିଲ୍ଲୀଠାରେ ଏବଂ ୨୦୧୪ ମ୍ୟାନମାରର ନୋ-ପି-ତ ଠାରେ ବୈଠକ ହୋଇଥିଲା । ୨୦୧୬ରେ ବିମ୍‌ଷ୍ଟେକ ସହ ଅନ୍ୟ ଏକ ସଂଗଠନ ବ୍ରିକ୍‌ସର ପ୍ରଥମଥର ପାଇଁ ମିଳିତ ଆଲୋଚନା ଗୋଆଠରେ ସମ୍ଭବ ହୋଇପାରିଥିଲା । ବିଶେଷକରି ବ୍ୟବସାୟ, ବାଣିଜ୍ୟ, ପରିବହନ, ଯୋଗାଯୋଗ, ଶକ୍ତି, ଜନଗଣଙ୍କ ସଂପର୍କ, ଦାରିଦ୍ର୍ୟ ଦୂରୀକରଣ, ସନ୍ତ୍ରାସବାଦର ମୁକାବିଲା, ଜଳବାୟୁ ପରିବର୍ତ୍ତନ, ଶିକ୍ଷା, କୃଷି, ସ୍ୱାସ୍ଥ୍ୟ, ପରିବେଶ, ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପରି ୧୪ଟି ବିଷୟରେ ସହଯୋଗ ବୃଦ୍ଧି ପାଇଁ ସଂଗଠନ ଲକ୍ଷ୍ୟ ରଖିଛି । ବିମ୍‌ଷ୍ଟେକର ଶିଖର ବୈଠକ ବ୍ୟତିରେକ ବୈଦେଶିକ ମନ୍ତ୍ରିସମୂହ, ବ୍ୟବସାୟ-ବାଣିଜ୍ୟ ମନ୍ତ୍ରିସମୂହ ବରିଷ୍ଠ ଅଧିକାରୀଗଣଙ୍କ ମଧ୍ୟରେ ନିୟମିତ ଅନ୍ତରାଳରେ ବୈଠକ ଅନୁଷ୍ଠିତ ହେଉଛି । ୨୦୧୫ରେ ଢାକାଠାରେ ଏହାର ସଚିବାଳୟ ଖୋଲିଥିଲା । ନେପାଳ ଏବେ ବିମ୍‌ଷ୍ଟେକ ଦେଶଗୁଡିକର ମୁଖ୍ୟଭାବେ କାର୍ଯ୍ୟ କରୁଛି ।

ବିମ୍‌ଷ୍ଟେକ ଅନ୍ତର୍ଗତ ଦେଶଗୁଡିକର ମୋଟ ଉତ୍ପାଦ ୨.୭ ଟ୍ରିଲିଅନ୍ ହେବ । ଏହାର ସଦସ୍ୟଭୁକ୍ତ ଦେଶଗୁଡିକ ଗତ କିଛିବର୍ଷ ହେବ ୬ପ୍ରତିଶତ ବିକାଶ ହାରରେ ପ୍ରତିବର୍ଷ ବଢୁଛନ୍ତି । ଏହି ଦେଶଗୁଡିକରେ ପ୍ରଚୁର ପରିମାଣରେ ପ୍ରାକୃତିକ ଓ ମାନବସମ୍ବଳ ରହିଥିବା ସତ୍ତ୍ୱେ ସେ ସବୁର ଏପର୍ଯ୍ୟନ୍ତ ପ୍ରକୃତ ଉପଯୋଗ ହୋଇପାରିନାହିଁ । ସାର୍କ ସଂଗଠନରେ ପାକିସ୍ଥାନ ପାଇଁ ବାରମ୍ବାର ଅସୁବିଧାର ସମ୍ମୁଖୀନ ହେବାପରେ ଭାରତ ବିମ୍‌ଷ୍ଟେକ ଆଡକୁ ଆଗେଇଛି । ଏହାଛଡା ଭାରତର ଦକ୍ଷିଣ-ପୂର୍ବ ଏସିଆ ନୀତିକୁ ସୁଦୃଢ କରିବା ଦିଗରେ ଏହି ସଂଗଠନ ଅଧିକ ସହାୟକ ହେବ ବୋଲି ନୂଆଦିଲ୍ଲୀ କର୍ତ୍ତୃପକ୍ଷ ବିଚାର କରୁଛନ୍ତି । ଏହି ସଂଗଠନ ମାଧ୍ୟମରେ ମ୍ୟାନମାର ସହ ବନ୍ଧୁତା ବଢାଇ ଅନ୍ୟ ଦକ୍ଷିଣ-ପୂର୍ବ ଦେଶଗୁଡିକ ସହ ଯୋଗାଯୋଗ ସଂପର୍କ ସୁଦୃଢ କରିପାରିଲେ ଉତ୍ତର ପୂର୍ବାଞ୍ଚଳର ବିକାଶ ତ୍ୱରାନ୍ୱିତ ହେବା ସହ ବ୍ୟବସାୟ ଓ ବାଣିଜ୍ୟରେ ବୃଦ୍ଧିହେବ । ୨୦୦୪ରେ ବିମ୍‌ଷ୍ଟେକ ମୁକ୍ତବାଣିଜ୍ୟ ବୁଝାମଣା ସ୍ୱାକ୍ଷରିତ ହୋଇଥିଲା । ଅପରାଧ ଓ ଆନ୍ତର୍ଜାତିକ ସନ୍ତ୍ରାସବାଦ କ୍ଷେତ୍ରରେ ବିମଷ୍ଟେକ ସଦସ୍ୟଭୁକ୍ତ ଦେଶଗୁଡିକ ପରସ୍ପରକୁ ସାହାଯ୍ୟ କରିବାକୁ ସ୍ଥିର ହୋଇଥିଲା । ନିଶାଦ୍ରବ୍ୟ ଚୋରାଚାଲାଣକୁ ରୋକିବାପାଇଁ ସଦସ୍ୟ ରାଷ୍ଟ୍ରଗୁଡିକ ଏକମତ ହୋଇଥିଲେ । ପରିବହନର ଢାଞ୍ଚାଗତ ବିକାଶ ଓ ଯୋଗାଯୋଗ ବୃଦ୍ଧିପାଇଁ ବିମ୍‌ଷ୍ଟେକ ମୋଟରଯାନ ବୁଝାମଣା କରିବା, ବିଦ୍ୟୁତ ଯୋଗାଣ ପାଇଁ ବିମ୍‌ଷ୍ଟେକ ଶକ୍ତି କେନ୍ଦ୍ର ସ୍ଥାପନ କରାଯିବାଲାଗି ପ୍ରୟାସ ଜାରି ରହିଛି । ଏହାହେଲେ ଭୁଟାନ, ମ୍ୟାନମାର, ନେପାଳ ପରି ଦେଶ ବେଶ୍ ଭଲ ବାଣିଜ୍ୟ କରିପାରିବେ ।

ଗତବର୍ଷ ଗୋଆଠାରେ ଅନୁଷ୍ଠିତ ବୈଠକରେ ସ୍ଥିର ହୋଇଥିଲା ଯେ ସଂଗଠନର କମ୍ ବିକଶିତ ସଦସ୍ୟମାନଙ୍କୁ ସ୍ୱତନ୍ତ୍ର ସୁବିଧା ପ୍ରଦାନ କରାଯିବ । ଯାହାଫଳରେ ସେମାନେ ଆଞ୍ଚଳିକ ବାଣିଜ୍ୟ କ୍ଷେତ୍ରରେ ନିଜକୁ ପ୍ରତିଷ୍ଠା କରିପାରିବେ । ହେଲେ ଆଜିଯାଏ ନକାରାତ୍ମକ ତାଲିକାର ଆକାର, ଦରରେ ହ୍ରାସ, ବିବାଦର ସମାଧାନ ବ୍ୟବସ୍ଥା, ପ୍ରବେଶ କର ବ୍ୟବସ୍ଥା, ସୁରକ୍ଷା ପାଇଁ ପଦକ୍ଷେପ ଗ୍ରହଣ କରାଯିବା ପରି ଅନେକଗୁଡିଏ କ୍ଷେତ୍ରରେ ନିଷ୍ପତ୍ତି ନିଆଯାଇପାରିନାହିଁ । ସେବା ଓ ପୁଞ୍ଜିନିବେଶ ନେଇ ବୁଝାମଣା ସ୍ଥିର ହୋଇନାହିଁ । ଦୀର୍ଘ ପ୍ରଶାସନିକ ପ୍ରଣାଳୀ ଅଧିକ କାଗଜପତ୍ର ବ୍ୟବସ୍ଥା,କମ୍ପ୍ୟୁଟରକରଣ ଓ ବ୍ୟବସ୍ଥାର ଅଭାବ, ସମସ୍ତଙ୍କୁ ସୁହାଇଲାପରି ବାଣିଜ୍ୟ ନୀତି ଗ୍ରହଣ କରିବାକୁ ନେଇ ସଦସ୍ୟ ରାଷ୍ଟ୍ରଗୁଡିକ ମଧ୍ୟରେ ଆଲୋଚନା ଜାରି ରହିଛି । ୨୦୦୫ରୁ ୨୦୧୪ ମଧ୍ୟରେ ସଦସ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରେ ମୋଟ ବାଣିଜ୍ୟ ୨୫.୧୬ ବିଲିଅନ ଡଲାରରୁ ବଢି ୭୪.୬୩ ବିଲିଅନରେ ପହଞ୍ଚିଛି । କିନ୍ତୁ ଏହି ପାରସ୍ପରିକ ବାଣିଜ୍ୟ କ୍ଷେତ୍ରରେ ଭାରତ କେନ୍ଦ୍ରରେ ରହିଛି । ନେପାଳ, ମ୍ୟାନମାର, ଭୁଟାନ ଓ ଥାଇଲାଣ୍ଡ ପରି ସଦସ୍ୟଭୁକ୍ତ ରାଷ୍ଟ୍ରମାନଙ୍କ ମଧ୍ୟରେ ବାଣିଜ୍ୟ ନାମକୁ ମାତ୍ର ରହିଛି ।

ସନ୍ତ୍ରାସବାଦର ମୁକାବିଲା ନେଇ ୨୦୧୫ରେ ଥାଇଲାଣ୍ଡଠାରେ ବିମ୍‌ଷ୍ଟେକ ସଦସ୍ୟଭୁକ୍ତ ରାଷ୍ଟ୍ରଗୁଡିକର ୭ମ ମିଳିତ ବୈଠକ ଅନୁଷ୍ଠିତ ହୋଇଥିଲା । ଦକ୍ଷିଣ ଓ ଦକ୍ଷିଣ-ପୂର୍ବ ଏସିଆ ସନ୍ତ୍ରାସବାଦୀମାନଙ୍କ ଟାର୍ଗେଟରେ ଥିବା ନେଇ ଆଲୋଚନା ହୋଇଥିଲା । ଏହାର ଉଚିତ୍ ମୁକାବିଲା ପାଇଁ ସଦସ୍ୟରାଷ୍ଟ୍ରଗୁଡିକ ମଧ୍ୟରେ ସୂଚନା ଆଦାନ ପ୍ରଦାନ, ମିଳିତ ସନ୍ତ୍ରାସବିରୋଧୀ ଅଭିଯାନ କରାଯିବା ଉପରେ ଜୋର୍ ଦେବାଲାଗି ସ୍ଥିର ହୋଇଥିଲା ।

ବିମ୍‌ଷ୍ଟେକ ସଦସ୍ୟଭୁକ୍ତ ଦେଶଗୁଡିକ ପରସ୍ପର ନିକଟରେ ଥିଲେ ମଧ୍ୟ ଯୋଗାଯୋଗ ତଥା ପରିବହନର ଉତ୍ତମ ବ୍ୟବସ୍ଥା ସଦସ୍ୟଭୁକ୍ତ ରାଷ୍ଟ୍ରଗୁଡିକ ମଧ୍ୟରେ ଏପର୍ଯ୍ୟନ୍ତ ସ୍ଥାପନ ହୋଇପାରିନାହିଁ । ତେଣୁ ଟ୍ରାନସ ଏସିଆନ୍ ହାଇୱେ, କାଲାଦାନ ମଲଟି ମୋଡାଲ ଟ୍ରାନଜିଟ୍ ଏଣ୍ଡ ଟ୍ରାନସପୋର୍ଟ ପ୍ରୋଜେକ୍ଟ, ଭାରତ-ମ୍ୟାନମାର-ଥାଇଲାଣ୍ଡ ତ୍ରିରାଷ୍ଟ୍ରୀୟ ରାଜପଥ, ନୂଆଦିଲ୍ଲୀ-ହାନୋଇ ରେଳପଥ ନେଇ ଆଲୋଚନା ଚାଲିଛି ବଙ୍ଗଳାଦେଶ-ଭୁଟାନ-ଭାରତ-ନେପାଳ ପ୍ରୟାସ (ବିବିଆଇଏନ୍) ଏବଂ ବଙ୍ଗଳାଦେଶ-ଚୀନ-ମ୍ୟାନମାର ପ୍ରୟାସ (ବିସିଆଇଏମ୍) ପରି ଦୁଇଟି ଗୋଷ୍ଠିଗତ ବିକାଶମୁଖୀ ପ୍ରକଳ୍ପରେ ବିମ୍‌ଷ୍ଟେକର ଅନେକ ଦେଶ ସାମିଲ ହୋଇଛନ୍ତି । ବଙ୍ଗଳାଦେଶ-ଭୁଟାନ-ଭାରତ-ନେପାଳ ମଧ୍ୟରେ ୨୦୧୫ରେ ମୋଟରଯାନ ବୁଝାମଣା ଗୃହୀତ ହୋଇଛି । ଯାହାଫଳରେ ସଡକ ପଥରେ ଗୋଟିଏ ଦେଶରୁ ଅନ୍ୟଦେଶକୁ ଟ୍ରକ ଯୋଗେ ଆବଶ୍ୟକ ବସ୍ତୁ ଚାଲାଣ କରାଯାଇପାରିବ । ସୀମାନ୍ତରେ ଚାରିଦେଶ ପରିବହନକାରୀ ଟ୍ରକକୁ ଗନ୍ତବ୍ୟ ଦେଶକୁ ଯିବାପାଇଁ ପ୍ରବେଶ ସୁବିଧା ଯୋଗାଇ ଦେବେ । କାଲାଦାନ ମଲଟିମୋଡାଲ ଟ୍ରାନଜିଟ ଟ୍ରାନସପୋର୍ଟ ପ୍ରୋଜେକ୍ଟ ଏବଂ ଭାରତ-ମ୍ୟାନମାର-ଥାଇଲାଣ୍ଡ ତ୍ରିରାଷ୍ଟ୍ରୀୟ ରାଜପଥ ପ୍ରକଳ୍ପ ଏପର୍ଯ୍ୟନ୍ତ ଶେଷ ହୋଇପାରିନାହିଁ ।

ଭୌଗୋଳିକ ଦୃଷ୍ଟିରୁ ବିମଷ୍ଟେକ ସଦସ୍ୟଭୁକ୍ତ ରାଷ୍ଟ୍ରଗୁଡିକ ପରସ୍ପରର ନିକଟତର ଥିଲେ ମଧ୍ୟ ସମସ୍ତଙ୍କର ଅନେକଗୁଡିଏ ସାଧାରଣ ସମସ୍ୟା ରହିଛି । ଦ୍ରୁତ ବିକାଶ ପାଇଁ ପରିବେଶ ସୃଷ୍ଟି କରିବା, ନିର୍ଦ୍ଦିଷ୍ଟ ପ୍ରକଳ୍ପକୁ ପ୍ରାଧାନ୍ୟ ଦେଇ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କାର୍ଯ୍ୟଶେଷ କରିବା, ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ବିକାଶ ନିମନ୍ତେ ଦ୍ୱିପାକ୍ଷିକ ସ୍ୱାର୍ଥ ନେଇ ସହଯୋଗୀ ହେବା, ବୈଷୟିକ ଶିକ୍ଷା, ବିଜ୍ଞାନ ଓ ମହାକାଶ ବିଜ୍ଞାନ ଗବେଷଣା, ସ୍ୱାସ୍ଥ୍ୟସେବା, କୃଷିକୁ ନେଇ ପାରସ୍ପରିକ ସହଯୋଗ ବଢାଇ ଲାଭାନ୍ୱିତ ହେବା, ରୋଜଗାର ସୃଷ୍ଟି ସହ ଲୋକଙ୍କ ଜୀବନଧାରଣର ମାନରେ ଉନ୍ନତି ଆଣିବା ପାଇଁ ପ୍ରତ୍ୟେକ ସଦସ୍ୟ ରାଷ୍ଟ୍ରଗୁଡିକ ପ୍ରୟାସ କରିବା ଉଚିତ୍ ।

ଆଗାମୀ ଦିନରେ ବିମ୍‌ଷ୍ଟେକର ସଦସ୍ୟ ରାଷ୍ଟ୍ରଗୁଡିକ ପାରସ୍ପରିକ ବିଶ୍ୱାସର ସହ କାର୍ଯ୍ୟ କରିପାରିଲେ ଦକ୍ଷିଣ ଓ ଦକ୍ଷିଣ-ପୂର୍ବ ଏସିଆର ଦେଶଗୁଡିକର ଦ୍ରୁତତର ବିକାଶ ସମ୍ଭବ ହେବ । ଦକ୍ଷତା ଓ ବିଜ୍ଞାନର ଆଦାନ ପ୍ରଦାନରେ ଲୋକେ ସମୃଦ୍ଧ ହେଲେ ଏସିଆର ଏହି ବଡ ଭୂଖଣ୍ଡରୁ ଦାରିଦ୍ର୍ୟ ହ୍ରାସ ପାଇବା ସହ ସହଯୋଗ- ରାଜନୀତିରେ ମାଇଲଖୁଣ୍ଟ ପ୍ରତିଷ୍ଠା ହେବ ।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

ଦେଶରେ ଖାଦ୍ୟ ସମସ୍ୟା ଓ ତା’ର ଦୂରୀକରଣ :ଏକ ଦୃଷ୍ଟିପାତ

ଅମିନୀଲୁ ରାୟ

‘ଅନ୍ନ ବିହୁନେ ହଂସ ହାନି,
ଯୋଗ ସାଧିବୁ କାହା ଘେନି’ ?

ତେଣୁ ସଂସାରର ମୂଳଭୂତ ହେଉଛି ଅନ୍ନ । ମଣିଷର ମୌଳିକ ଓ ବାସ୍ତବ ସମସ୍ୟା ହେଲା ଖାଦ୍ୟ ସମସ୍ୟା । ଗବେଷଣା, ମହାକାଶ ଯାତ୍ରା ଓ ଜ୍ଞାନ ବିଜ୍ଞାନ ଚର୍ଚ୍ଚା - ସବୁ ଏହି ଅନ୍ନ ନିକଟରେ ବନ୍ଧା । ଅନ୍ନ ମୁଠାଏ ନଥିଲେ ସମଗ୍ର ସଂସାର ଅନ୍ଧକାରମୟ ହୋଇଉଠେ । ସଭ୍ୟତାର ବିକାଶ ଦିଗରେ ଯେତେ ସୁନେଲି ସ୍ୱପ୍ନ ଦେଖିଲେ ମଧ୍ୟ ଖାଦ୍ୟ, ବସ୍ତ୍ର ଓ ବାସଗୃହ ଭଳି କେତୋଟି ମୌଳିକ ସମସ୍ୟାର ସମାଧାନ ହୋଇନପାରିଲେ ସେହି ସୁନେଲି ସ୍ୱପ୍ନର କିଛି ମାନେ ହୁଏନା ।

ଅଧୁନା ଜନସଂଖ୍ୟା ଓ କଳକାରଖାନା ଦୃଷ୍ଟିରୁ ବିଚାରକୁ ନେଲେ ଦେଶରେ ଖାଦ୍ୟ ସମସ୍ୟାର ଦୂରୀକରଣ ନିମନ୍ତେ ମୁଖ୍ୟତଃ ପ୍ରଥମେ ଜନସଂଖ୍ୟା ବୃଦ୍ଧିକୁ ନିୟନ୍ତ୍ରଣ କରିବା ହେଉଛି ଏକାନ୍ତ ଜରୁରୀ । ଗାଣିତିକ ନୀୟମରେ ଜନସଂଖ୍ୟା ବଢିଚାଲିଥିଲାବେଳେ ଚାଷ ଜମିର ପରିମାଣ ସେମିତି ସୀମିତ ହୋଇ ରହିଛି । ଅନାବାଦି, ଗୋଚର, ଜଙ୍ଗଲ କଟାଯାଇ ହୋଇଥିବା ଜମି, ପତିତ ଜମି ଇତ୍ୟାଦିକୁ ଉଦ୍ଧାର କରି ଯେତିକି ଅଧିକ ଚାଷଜମି ବାହାର କରାଯାଉଛି, ତାହା ଆବଶ୍ୟକତା ଅନୁସାରେ ଅତି ନଗଣ୍ୟ । ତେଣୁ ଯଥା ସମ୍ଭବ ଜନସଂଖ୍ୟାର ବୃଦ୍ଧିକୁ ନ ରୋକିଲେ ଖାଦ୍ୟ ସମସ୍ୟା ତ ଦୂର ହେବ ନାହିଁ ବରଂ ତତ୍ ସହିତ ବାସଗୃହ ସମସ୍ୟା ବି ଦିନକୁ ଦିନ ଉତ୍କଟତର ହୋଇ ଉଠିବ ।

ପୁନଶ୍ଚ ବିକାଶମୂଳକ କାର୍ଯ୍ୟକ୍ରମ ନାମରେ ଚାଷ ଜମିକୁ ନଷ୍ଟ କରାଯିବା, ଉର୍ବର ଜମିକୁ ନଷ୍ଟ କରି ସେଠାରେ ବଡ ବଡ କଳକାରଖାନା ବସାଇବା, ସରକାରୀ କାର୍ଯ୍ୟାଳୟ ଓ ଦପ୍ତର ପାଇଁ ଆବାଦ ଯୋଗ୍ୟ ଚାଷ ଜମିକୁ ଦଖଲ କରିବା ଇତ୍ୟାଦି ବିଜ୍ଞତାର ପରିଚାୟକ ନୁହେଁ । ଯୋଜନା ଅନୁଯାୟୀ କୃଷି ବାବଦରେ ଅଧିକ ଅର୍ଥ ବରାଦ କରିବା ସଙ୍ଗେ ସଙ୍ଗେ ତାହାର ସଦୁପଯୋଗ କିପରି ହେଉଛି ତାହାକୁ ପରୀକ୍ଷା କରି ଦେଖାଯିବା ଉଚିତ । ଚାଷୀମାନଙ୍କୁ ପର୍ଯ୍ୟାପ୍ତ ଜଳସେଚନର ସୁଯୋଗ ଦିଆଗଲେ ସେମାନେ ଅଧିକ ଫସଲ ଅମଳ କରିବାକୁ ସମର୍ଥ ହେବେ । ପୁ’ଣି କେନାଲ୍ ଖୋଳାରେ ବହୁତ ଜମି ନଷ୍ଟ ହେଉଥିବାରୁ ତା ସ୍ଥାନରେ ଉଠା ଜଳସେଚନକୁ ଉତ୍ସାହିତ କରାଯିବା ନ୍ୟାୟସଙ୍ଗତ ।

ସଂପ୍ରତି ଆଧୁନିକତା ନାମରେ ଚାଷ ପ୍ରତି ଶିକ୍ଷିତ ଲୋକମାନେ ଦିନକୁ ଦିନ ଅତ୍ୟନ୍ତ ବିମୁଖ ହେବାର ଲକ୍ଷ୍ୟ କରାଯାଉଛି । ଆଜିକାଲି ସମସ୍ତେ ଚାଷ କରିବା ଛାଡି ଚାକିରି କରିବାକୁ ଆଗ୍ରହୀ । ପାଣି କାଦୁଅରେ ପଶି ଚାଷ କରିବାକୁ କେହି ଆଉ ଆଗ୍ରହ ପ୍ରକାଶ କରୁନାହାନ୍ତି । ନ୍ତଗାଁକୁ ଫେରି ଚାଲନ୍ତ ବୋଲି ଯେଉଁ ସ୍ଲୋଗାନ ଦିଆଯାଉଥିଲା , ତା’ର କୌଣସି ସୁଫଳ ମିଳିପାରି ନାହିଁ । ତେଣୁ ଏ ସଭ୍ୟ ଶିକ୍ଷିତ ଦୁନିଆରେ ଚାଷ ପ୍ରତି କିଭଳି ଶ୍ରଦ୍ଧା ଓ ଅନୁରାଗ ସୃଷ୍ଟି କରାଯାଇ ପାରିବ, ସେ ବିଷୟରେ ରାଷ୍ଟ୍ର ନେତାମାନେ ଚିନ୍ତା କରିବା ଉଚିତ । ଫସଲ ଚାଷ ସହିତ ମତ୍ସ୍ୟ ଚାଷ, ଛତୁ ଚାଷ, କୁକୁଡା ପାଳନ, ପଶୁ ପାଳନ ଇତ୍ୟାଦି ଆନୁସଙ୍ଗିକ ବୃତି ଦିଗରେ ଚାଷୀମାନଙ୍କୁ ଉତ୍ସାହିତ କରାଯିବା ନିହାତି ଆବଶ୍ୟକ ।

ସ୍ଥଳଭାଗକୁ ଦୃଷ୍ଟିରେ ରଖି ଦେଶରେ ଅତ୍ୟଧିକ କଳକାରଖାନା ପ୍ରତିଷ୍ଠା କରାଯିବା ଅନୁଚିତ । ଚାଷ ଜମିକୁ ନଷ୍ଟ ନ କରି ସେଠାରେ ମାତ୍ର ଗୋଟିଏ କାରଖାନା ବସାଇ ଅଧିକ ଅର୍ଥ ରୋଜଗାର କରିବା ଏବେ ଏକ ସାଧାରଣ ରୀତି ହୋଇଛି । ଗ୍ରୀକ୍ କାହାଣୀର ରାଜା ମିଡାସ୍‌ଙ୍କ ପରି ସମସ୍ତଙ୍କ ହାତରେ ଖାଲି ଟଙ୍କା ବା ସୁନା ଥିବ, ଅଥଚ ଖାଇବାକୁ ମୁଠାଏ ଅନ୍ନ ମିଳୁ ନଥିବ । ଏମିତି ହେଲେ ଏହା ଏକ ଭୟଙ୍କର ପରିସ୍ଥିତି ସୃଷ୍ଟି କରିବ । ଜଙ୍ଗଲ ରକ୍ଷା, ପରିବେଶର ସୁରକ୍ଷା, ପ୍ରଦୁଷଣ ନିରୋଧ, ମୃତିକା ସଂରକ୍ଷଣ, କୃଷି ସଂପର୍କୀୟ ଅଧିକ ଶିକ୍ଷା ଓ ତାଲିମ୍ ବ୍ୟବସ୍ଥା, ସ୍କୁଲ୍ ଓ କଲେଜ୍ ପାଠ୍ୟକ୍ରମରେ ବାଧ୍ୟତାମୂଳକ ଭାବେ କୃଷି ଶିକ୍ଷାର ବ୍ୟବସ୍ଥା ଇତ୍ୟାଦି ଏ ଦିଗରେ କିଛି ସାହାଯ୍ୟ କରିବ । ଖାଦ୍ୟ ସମସ୍ୟା ଦୂରୀକରଣ ନିମନ୍ତେ ଧାନ ଗହମ ଭଳି ମୁଖ୍ୟ ଫସଲ ସହିତ ଫଳ ଓ ପନିପରିବାର ବ୍ୟାପକ ଚାଷ କରାଯିବା ଉଚିତ । ତତ୍ ସହିତ ଲୋକମାନଙ୍କୁ ଖାଦ୍ୟ ସଂରକ୍ଷଣର ଆଧୁନିକ କୌଶଳମାନ ଯୋଗାଇ ଦେବା ସଙ୍ଗେ ସଙ୍ଗେ ମିତବ୍ୟୟୀ ହେବାକୁ ଶିକ୍ଷା ଦେବା ଅତ୍ୟନ୍ତ ଜରୁରୀ ।

ଖାଦ୍ୟର ଅଭାବ ମେଂଟାଇବାକୁ ଯାଇ ନେହେରୁଙ୍କ ଦ୍ୱାରା ନ୍ତଅଧିକ ଶସ୍ୟ ଉତ୍ପାଦନ କରନ୍ତ ନାମରେ ଯେଉଁ ସ୍ଲୋଗାନ ଦିଆଯାଇଥିଲା, ତା ପରିବର୍ତ୍ତେ ଏବେ ନ୍ତସବୁଜ ବିପ୍ଳବନ୍ତ ନାମରେ ଏକ ନୂତନ ଧ୍ୱନି ଦିଆଯାଉଛି । ଦେଶରେ ମୁଖ୍ୟତଃ କୃଷି, କୃଷକ ଓ ଖାଦ୍ୟ- ଏ ତିନୋଟି ଯାକ ଅଙ୍ଗାଙ୍ଗୀ ଭାବେ ଜଡିତ । ଅର୍ଥାତ୍ କୃଷିର ବିକାଶ ଘଟିଲେ ଓ ଅଧିକ ଫସଲ ଉତ୍ପାଦନ ହେଲେ ଖାଦ୍ୟ ସମସ୍ୟା ଦୂର ହୋଇପାରିବ । ଏଇ ଲକ୍ଷ୍ୟ ନେଇ କୃଷିକ୍ଷେତ୍ରରେ ଏକ ମହାନ୍ ବିପ୍ଳବର ଆବଶ୍ୟକତା ରହିଛି । ୧୯୬୭-୬୮ରେ ମେକ୍‌ସିକୋରୁ ଅଣାଯାଇଥିବା ଏକ ବାଙ୍ଗର ଜାତୀୟ ଗହମ ବିହନ ଏବଂ ଚୀନ୍‌ର ତାଇୱାନ୍‌ରୁ ଆସିଥିବା ଟାଇଚୁଙ୍ଗ୍ ନାମକ ବାଙ୍ଗର ଧାନର ବିହନ ଚାଷ କରାଯାଇ ପ୍ରଚୁର ଫସଲ ଅମଳ କରାଯାଇଥିଲା । ପୁନଶ୍ଚ ୧୯୮୩-୮୪ରେ ୨ୟ ସବୁଜ ବିପ୍ଳବ ପାଳନ କରାଯାଇଥିଲା । କିନ୍ତୁ ୧ମ ସବୁଜ ବିପ୍ଳବ କେବଳ ମାତ୍ର ପାବ, ହରିୟାନା ଓ ପଶ୍ଚିମ-ଉତର ପ୍ରଦେଶ ମଧ୍ୟରେ ସୀମିତ ହୋଇଥିବା ସ୍ଥଳେ ୨ୟ ବିପ୍ଳବଟି ପଶ୍ଚିମବଙ୍ଗ, ବିହାର, ଓଡିଶା, ମଧ୍ୟପ୍ରଦେଶ ଓ ଉତରପ୍ରଦେଶକୁ ସଂପ୍ରସାରିତ ହୋଇଥିଲା । କୃଷିବିଜ୍ଞାନୀଙ୍କ ମତରେ ବିଗତ ପ୍ରାୟ ଦୁଇ ଦଶନ୍ଧି ମଧ୍ୟରେ ଅଧିକ ଧାନ ଉତ୍ପାଦନ କ୍ଷେତ୍ରରେ ଏକ ନୀରବ ବିପ୍ଳବ ସଂଘଟିତ ହୋଇଛି । ଲୋକସଂଖ୍ୟା ବୃଦ୍ଧି ସଙ୍ଗେ ସଙ୍ଗେ ଧାନ ଗହମ ଉତ୍ପାଦନର ହାର ମଧ୍ୟ ବଢିଛି । ଏଥି ସହିତ ଖାଦ୍ୟଶସ୍ୟ ଉତ୍ପାଦନରେ ଭାରତ ଏକ ପ୍ରକାର ସ୍ୱାବଲମ୍ବନଶୀଳ ହୋଇପାରିଛି ।

ସାଧାରଣତଃ ଭାରତ ଏକ କୃଷିପ୍ରଧାନ ଦେଶ ହୋଇଥିବାରୁ କେନ୍ଦ୍ର ଓ ରାଜ୍ୟ ସ୍ତରରେ ସରକାର କୃଷି ପାଇଁ ଗୋଟିଏ ଲେଖାଁ ସ୍ୱତନ୍ତ୍ର ଦପ୍ତର ଲେଖିଛନ୍ତି । ୧୯୭୦ ମସିହାରୁ ଜାତୀୟ କୃଷି କମିଶନ ଗଠିତ ହୋଇଅଛି । କୃଷିର ସମସ୍ୟା ଓ କୃଷି ସଂପର୍କୀୟ ନୀତିନୀୟମ ଇତ୍ୟାଦି ଉକ୍ତ କମିଶନ ଅନୁଧ୍ୟାନ କରି ଦେଖନ୍ତି ଓ ସରକାରଙ୍କୁ ଆବଶ୍ୟକ ପରାମର୍ଶ ଦିଅନ୍ତି । ଭାରତ ଖାଦ୍ୟ କର୍ପୋରେସନ୍ ଫସଲ ଅମଳ ସମୟରେ ଚାଷୀମାନଙ୍କଠାରୁ ଉଚିତ ଦରରେ ଖାଦ୍ୟଶସ୍ୟ କ୍ରୟ କରି ତାଙ୍କ ଗୋଦାମରେ ରଖନ୍ତି ଏବଂ ପ୍ରାକୃତିକ ଦୁର୍ବିପାକ ଯଥା- ବନ୍ୟା, ବାତ୍ୟା, ଭୂମିକମ୍ପ ଇତ୍ୟାଦି ସମୟରେ ସରକାର ଏଇଥିରୁ ଶସ୍ୟ ନେଇ ଦୁର୍ଗତମାନଙ୍କୁ ସାହାଯ୍ୟ କରିଥାନ୍ତି ।

ଏହା ସତ୍ୟ ଯେ- ଏଭଳି ଏକ ବିକାଶଶୀଳ ରାଷ୍ଟ୍ରରେ କ୍ରମ ବର୍ଦ୍ଧମାନ ଲୋକ ସଂଖ୍ୟା ହିଁ ଖାଦ୍ୟ ସମସ୍ୟାର ମୁଖ୍ୟ କାରଣ । ୧୯୩୫ ମସିହା ବେଳକୁ ପୃଥିବୀର ଲୋକସଂଖ୍ୟା ୧୮୫ କୋଟି ଥିବାବେଳେ ତାହା ଆଜି ପ୍ରାୟ ୭୦୦ କୋଟିରେ ପହଂଚିଲାଣି । ଜାତିସଂଘ ତରଫରୁ ସତର୍କ କରାଇ ଦିଆଯାଇଛି କି- ୨୦୫୦ ମସିହା ବେଳକୁ ଏହି ସଂଖ୍ୟା ୯୨୦ କୋଟିରେ ପହଂଚିବ ବୋଲି ପୂର୍ବାନୁମାନ କରାଯାଏ । ପୁନଶ୍ଚ ଆଜିକୁ ୯୬ ବର୍ଷ ତଳେ ଅର୍ଥାତ୍ ୧୯୨୧ରେ ଅବିଭକ୍ତ ଭାରତବର୍ଷର ମୋଟ୍ ଲୋକସଂଖ୍ୟା ମାତ୍ର ୩୧ କୋଟି ୮୯ ଲକ୍ଷ ଥିଲାବେଳେ ଆଜି କେବଳ ଭାରତର ଲୋକସଂଖ୍ୟା ୧୩୪ କୋଟି ୨୫ ଲକ୍ଷରୁ ଉର୍ଦ୍ଧ ହେଲାଣି । କ୍ରମବର୍ଦ୍ଧିତ ଏହି ବିପ୍ଳବ ଜନସଂଖ୍ୟାକୁ ସୀମିତ ଜନରୁ ଖାଦ୍ୟ ଯୋଗାଇବା ବର୍ଷକୁ ବର୍ଷ ଦୁରୂହ ହୋଇପଡୁଛି ।

ସଂପ୍ରତି ରକ୍ଷଣାବେକ୍ଷଣର ଅଭାବ ଯୋଗୁଁ ବହୁ ଖାଦ୍ୟଶସ୍ୟ ନଷ୍ଟ ହେଉଛି । ମିତବ୍ୟୟିତା ଭାରତୀୟମାନଙ୍କର ଗୋଟିଏ ଅଭ୍ୟାସ ବା ଲକ୍ଷଣ ହୋଇନଥିବାରୁ ତଥା ଉପଯୁକ୍ତ ଶିକ୍ଷାର ଅଭାବରୁ ଆମେ ଯେତିକି ଖାଉ, ତା’ର ପ୍ରାୟ ଅର୍ଦ୍ଧେକ ପରିମାଣର ଖାଦ୍ୟ ନଷ୍ଟ କରିଥାଉ । ବଡ ବଡ ଭୋଜି ଉତ୍ସବରେ ମଧ୍ୟ ଯେଉଁଳି ଅବିଚାରିତ ଭାବେ ଖାଦ୍ୟ ନଷ୍ଟ କରାଯାଏ, ତାହା କମ୍ ଲଜ୍ଜାକର କଥା ନୁହେଁ । ପୃଥିବୀର କୋଟି କୋଟି ଲୋକ ଖାଦ୍ୟ ଅଭାବରେ ମୃତ୍ୟୁବରଣ କରୁଥିଲାବେଳେ ଧନୀ ଲୋକମାନେ ଖାଦ୍ୟ ନଷ୍ଟ କରିବାକୁ ଏକ ବିଳାସ ବୋଲି ମନେକରିଥାନ୍ତି । ଦୃଷ୍ଟାନ୍ତ ସ୍ୱରୂପ- ଆଫ୍ରିକାର ସୋମାନିଆ ଭଳି ମରୁଡିଗ୍ରସ୍ତ ଅଂଚଳରେ ଅନାହାର ମୃତ୍ୟୁ ଏକ ସ୍ୱାଭାବିକ ଘଟଣାରେ ପରିଣତ ହୋଇଛି । ସେଠାରେ ପ୍ରାୟ ଦେଢ କୋଟି ଲୋକ ମୃତ୍ୟୁ ସହିତ ସଂଗ୍ରାମ କରୁଛନ୍ତି । ଦୈନିକ ହାରାହାରି ଦୁଇ ଶହ ଲୋକ ପ୍ରାଣ ହରାଉଛନ୍ତି । ତେଣୁ ଭାରତରେ ପ୍ରତ୍ୟେକ ନାଗରିକ ଖାଦ୍ୟଶସ୍ୟ ପ୍ରତି ସଚେତନତା, ସଂରକ୍ଷଣ ଓ ଉତ୍ପାଦନ ଦିଗରେ ଧ୍ୟାନ ଦେବା ସହିତ ଖାଦ୍ୟ ସମସ୍ୟାର ସମାଧାନ ତଥା ଦୂରୀକରଣ ନିମନ୍ତେ ସୁଚିନ୍ତିତ ପଦକ୍ଷେପମାନ ଗ୍ରହଣ କଲେ ଭାରତବର୍ଷରୁ ଖାଦ୍ୟ ସମସ୍ୟାର ବିଲୋପ ଘଟିବ, ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ ।

ଘାଗଡା, ରାହାମା, ଜଗତ୍‌ସିଂହପୁର
ମୋ-୯୯୩୭୪୧୨୫୧୫

MARKETS TODAY ପୁଞ୍ଜିବଜାର ହାଲଚାଲ

SENSEX	32,432.69 + 250.47 (0.78%)
NIFTY	10,167.45 + 71.05 (0.70%)

ଟଙ୍କାର ବିନିମୟ ମୂଲ୍ୟ

୧ ଡଲାର=୬୪.୯୫୬ପଇସା

ଆନ୍ଧ୍ରପ୍ରଦେଶର ତିରୁପତି ମନ୍ଦିର

ଲଣ୍ଡିତ ପାଇଁ ବକ୍ସିସ, ୨୪୩ ବାରିକ ବହିଷ୍କୃତ

ତିରୁପତି,୧୫/୧୦ (ଏଜେନ୍ସି): ଆନ୍ଧ୍ରପ୍ରଦେଶର ଚର୍ଚ୍ଚିତ ତିରୁମାଲା ମନ୍ଦିର ଦର୍ଶନ ପାଇଁ ଦୂର ଦୂରାନ୍ତରୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାନ୍ତି । ଅଧିକାଂଶ ଭକ୍ତ ମାନସିକ ଆଧାରରେ ଏଠାକୁ ଆସିଥାନ୍ତି । ଠାକୁରଙ୍କୁ ଦର୍ଶନ କରିବା ପୂର୍ବରୁ ମାନସିକଧାରୀମାନେ ଲଣ୍ଡିତ ହୋଇଥାନ୍ତି । ମନ୍ଦିରର ପରିଚାଳନା ଟ୍ରଷ୍ଟ ତିରୁପତି ଦେବସ୍ଥାନମ ଟ୍ରଷ୍ଟ ଲଣ୍ଡିତ କରିବା ପାଇଁ ୯୪୩ ଜଣ ବାରିକଙ୍କୁ କାର୍ଯ୍ୟରେ ଲଗାଇଥାନ୍ତି । ସେମାନଙ୍କୁ ମନ୍ଦିର ତରଫରୁ ପ୍ରାପ୍ୟ ପ୍ରଦାନ କରାଯାଉଥିବା ବେଳେ ମାନସିକଧାରୀମାନଙ୍କୁ ମାଗଣାରେ ଲଣ୍ଡିତ କରିବା ପାଇଁ ମନ୍ଦିରର ନିୟମ ରହିଛି । କିନ୍ତୁ ଏହି ବାରିକମାନଙ୍କ ବିରୋଧରେ ବକ୍ସିସ ମାଗିବା ଅଭିଯୋଗ ଆଣିଥିଲେ ଭକ୍ତମାନେ । ଭକ୍ତଙ୍କ ଠାରୁ ୧୦ ଟଙ୍କାରୁ ଆରମ୍ଭ କରି ୫୦ ଟଙ୍କା ପର୍ଯ୍ୟନ୍ତ ବକ୍ସିସ ମାଗିବା ଅଭିଯୋଗ ହୋଇଥିଲା । ଫଳରେ ଟ୍ରଷ୍ଟ ଘଟଣାର ଯାଞ୍ଚ କରି ସତ୍ୟାସତ୍ୟ ଜାଣିବା ପରେ ୨୪୩ ଜଣ ବାରିକଙ୍କୁ କାର୍ଯ୍ୟରୁ ବହିଷ୍କାର କରିଛି । କିନ୍ତୁ ମନ୍ଦିର ଟ୍ରଷ୍ଟର ଏଭଳି ପଦକ୍ଷେପକୁ ସେବା ନିୟୋଜିତ ବାରିକମାନେ ବିରୋଧ କରିଛନ୍ତି । ଏହାଦ୍ୱାରା ତାଙ୍କର ଦାନାପାଣି ଚାଲିଯାଉଥିବାରୁ ମାନବିକତା ଦୃଷ୍ଟିରୁ ଦୋଷ ତ୍ରୁଟି ମାର୍ଜନା କରାଯାଇ ପୁଣି ଥରେ କାର୍ଯ୍ୟରେ ଲଗାଯିବା ପାଇଁ ଦାବି ହୋଇଛି । କେବଳ ସେତିକି ନୁହେଁ ଏହି ଦାବିରେ ବହିଷ୍କୃତ ବାରିକମାନେ ମନ୍ଦିର ସମ୍ମୁଖରେ ବିକ୍ଷୋଭ କରିଛନ୍ତି । ପ୍ରକାଶଥାଉକି ଆକଳନ ଅନୁସାରେ ସପ୍ତାହକୁ ତିରୁମାଲା ମନ୍ଦିରକୁ ପ୍ରାୟ ୬୦ ହଜାରରୁ ୭୦ ହଜାର ଯାତ୍ରୀ ଆସିଥାନ୍ତି । ବିଶେଷ କରି ଛୁଟିଦିନରେ ଶ୍ରଦ୍ଧାଳୁଙ୍କ ସଂଖ୍ୟା ଏକ ଲକ୍ଷରେ ପହଞ୍ଚିଥାଏ । ଯାତ୍ରୀମାନଙ୍କ ମଧ୍ୟରୁ ପ୍ରାୟ ୭୦% ମାନସିକ ରଖିଥିବା ଯାତ୍ରୀ ପ୍ରଭୁ ତିରୁପିଙ୍କ ଦର୍ଶନ ପୂର୍ବରୁ ଲଣ୍ଡା ହୋଇଥାନ୍ତି ।

ମୋଦି, ଯୋଗୀ ସରକାରଙ୍କୁ ଏନଜିଟି ନିର୍ଦ୍ଦେଶ

ସ୍ୱଚ୍ଛ ଗଙ୍ଗା ପାଇଁ କ'ଣ ପଦକ୍ଷେପ ନେଇଛ ଜଣାଅ

ନୂଆଦିଲ୍ଲୀ ,୧୫/୧୦ (ଏଜେନ୍ସି): ଗୋମୁଖରୁ ଉନ୍ନାଓ ପର୍ଯ୍ୟନ୍ତ ବିସ୍ତୃତ ଗଙ୍ଗାର ସ୍ୱଚ୍ଛତାକରଣ ପାଇଁ ଯେଉଁ ନିର୍ଦ୍ଦେଶ ଦିଆଯାଇଥିଲା ତାହାକୁ କେତେ ପରିମାଣରେ ଅନୁପାଳନ କରାଯାଇଛି, ତାହାର ବିସ୍ତୃତ ତଥ୍ୟ ଏକ ସତ୍ୟପାଠ ମାଧ୍ୟମରେ ଦାଖଲ କରିବାକୁ କେନ୍ଦ୍ର, ଉତ୍ତରପ୍ରଦେଶ ଏବଂ ଉତ୍ତରାଖଣ୍ଡ ସରକାରଙ୍କୁ ନ୍ୟାସନାଲ ଗ୍ରୀନ ଟ୍ରିବ୍ୟୁନାଲ (ଏନଜିଟି) ନିର୍ଦ୍ଦେଶ ଦେଇଛନ୍ତି । ଗଙ୍ଗାନଦୀକୁ ପୁଣି ଥରେ ସ୍ୱଚ୍ଛ କରିବା ପାଇଁ ଏନଜିଟି ପୂର୍ବରୁ ନିର୍ଦ୍ଦେଶ ଜାରି କରିଥିଲେ । ହରିଦ୍ୱାର ଠାରୁ ଉନ୍ନାଓ ମଧ୍ୟରେ ରହିଥିବା ଗଙ୍ଗାନଦୀର ଧାର ଠାରୁ ୧୦୦ ମିଟର ପର୍ଯ୍ୟନ୍ତ ଅଞ୍ଚଳକୁ 'ନୋ ଡେଭଲପମେଣ୍ଟ ଜୋନ' ଏବଂ ୫୦୦ ମିଟର ପରିଧି ମଧ୍ୟରେ କୌଣସି ବର୍ଜ୍ୟବସ୍ତୁ ନଫିଙ୍ଗିବା ପାଇଁ ଜଷ୍ଟିସ ସ୍ୱତନ୍ତର କୁମାରଙ୍କ ଅଧକ୍ଷତାରେ ଗଠିତ ଏନଜିଟି ଖଣ୍ଡପୀଠ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ କାନପୁରରୁ ଉତ୍ତରପ୍ରଦେଶ ସୀମା ପର୍ଯ୍ୟନ୍ତ କି ପ୍ରକାର ପଦକ୍ଷେପ ନିଆଯାଇଛି ତାହା ଜଣାଇବାକୁ ସମସ୍ତ ରାଜ୍ୟ ଷ୍ଟେକହୋଲ୍ଡରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ତେବେ ନିର୍ଦ୍ଦେଶର ଅନୁପାଳନ କରାଯାଇନଥିବା କୋର୍ଟ ଜାଣିବାକୁ ପାଇଥିବା ବେଳେ ଖୁବ୍ ଶୀଘ୍ର କୋଏସିଭ ଅର୍ଡର ଜାରି କରିବାକୁ କୋର୍ଟ ବିଚାର କରିଛନ୍ତି । ଏହି ନିର୍ଦ୍ଦେଶର ନକଲକୁ ୟୁପି ଏବଂ ଉତ୍ତରାଖଣ୍ଡ ମୁଖ୍ୟ ସଚିବଙ୍କ ଓକିଲଙ୍କୁ ପ୍ରଦାନ କରାଯିବ । ପ୍ରମୁଖ ଓକିଲମାନେ ନିର୍ଦ୍ଦେଶର କପି ସେମାନଙ୍କ ନିକଟରେ ପହଞ୍ଚାଇଦେବେ ବୋଲି କୋର୍ଟ କହିଛନ୍ତି । ଏଥି ସହିତ ଜାରି ହେବାକୁ ଥିବା ନିର୍ଦ୍ଦେଶ ଏକ ନକଲ ମଧ୍ୟ ନ୍ୟାସନାଲ ମିଶନ ଫର କ୍ଲିନ ଗଙ୍ଗାର ଡିଜି, ଜଳସମ୍ପଦ ମନ୍ତ୍ରାଳୟ ସଚିବ, ପରିବେଶ ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ସଚିବନଙ୍କ ନିକଟକୁ ପଠାଯିବ ବୋଲି ଏନଜିଟି କହିଛନ୍ତି । ତେବେ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୪ ତାରିଖକୁ ଧାର୍ଯ୍ୟ ହୋଇଛି ।

ହୋଟେଲ, ରେଷ୍ଟୁରାଣ୍ଟ ଉପରୁ ଜିଏସଟି କମିପାରେ

ନୂଆଦିଲ୍ଲୀ ,୧୫/୧୦ (ଏଜେନ୍ସି): ବିଳାସପୂର୍ଣ୍ଣ ହୋଟେଲ ଏବଂ ରେଷ୍ଟୁରାଣ୍ଟ ଉପରୁ ଦ୍ରବ୍ୟ ଏବଂ ସେବା କର କମିବାରେ ସମ୍ଭାବନା ରହିଛି । ତେବେ ଆସନ୍ତା ନଭେମ୍ବର ମାସରେ ଜିଏସଟି କମିବା ନେଇ ଯଥେଷ୍ଟ ସମ୍ଭାବନା ରହିଛି । ଜିଏସଟି ପରିଷଦ ଦ୍ୱାରା ଏକ ୫ ଜଣିଆ ମନ୍ତ୍ରୀୟସ୍ତରୀୟ ପ୍ୟାନେଲ ଗଠନ କରାଯାଇଛି । ଏହି ପ୍ୟାନେଲ ଆଗକୁ ହେବାକୁ ଥିବା ଏହାର ପ୍ରଥମ ବୈଠକରେ ରେଷ୍ଟୁରାଣ୍ଟ ଏବଂ ଲକଜୁରି ହୋଟେଲ ଉପରୁ ଟିକସ ହାର ହ୍ରାସ କମାଇବା ଉପରେ ବିଚାର କରିପାରେ । ଏହି ପ୍ୟାନେଲରେ ଯାହା ନିଷ୍ପତ୍ତି ହେବ ତାହାକୁ ଗୁଆହାଟୀରେ ନଭେମ୍ବର ୯ ତାରିଖରେ ହେବାକୁ ଥିବା ଜିଏସଟି ପରିଷଦ ବୈଠକରେ ଉପସ୍ଥାପନ କରାଯିବ ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି । ଏବେ ଏସି ରେଷ୍ଟୁରାଣ୍ଟରେ ୧୮% ଏବଂ ଅଣ ଏସି ରେଷ୍ଟୁରାଣ୍ଟରେ ୧୨% ଜିଏସ୍‌ଟି ଲାଗୁଥିବା ବେଳେ ଏଥିରେ କଷ୍ଟମର ଅସନ୍ତୁଷ୍ଟ ଅଛନ୍ତି ବୋଲି ନୀତି ନିର୍ଦ୍ଧାରକମାନେ ଚିନ୍ତା କରୁଛନ୍ତି । ଜିଏସଟି ଲାଗୁ ହେବା ପୂର୍ବରୁ ରେଷ୍ଟୁରାଣ୍ଟଗୁଡିକର ପ୍ରାୟ ୪୦% ଖାଦ୍ୟ ବିଲରେ ୧୫% ସେବା ଟିକସ ଲାଗୁ ହେଉଥିଲା । ଏଥି ସହିତ ରାଜ୍ୟଗୁଡିକ ଭିନ୍ନ ଭିନ୍ନ ଭ୍ୟାଟ ଲାଗୁ କରିଥିଲେ ।

ଗୁରୁଦାସପୁର ଲୋକସଭା ଉପନିର୍ବାଚନ

କଂଗ୍ରେସକୁ ମିଳିଲା ବଡ ବିଜୟ

ଗୁରୁଦାସପୁର,୧୫/୧୦ (ଏଜେନ୍ସି): ଗୁରୁଦାସପୁର ଲୋକସଭା ଉପନିର୍ବାଚନର ଫଳ ପ୍ରକାଶ ପାଇଛି । ପଞ୍ଜାବରେ ଶାସକ ଦଳ କଂଗ୍ରେସର ପ୍ରାର୍ଥୀ ସୁନୀଲ ଜାଖଡ ଭାଜପା ପ୍ରାର୍ଥୀ ରିଭାଲ ସ୍ୱାରନ ସାଲାରିଆଙ୍କୁ ପରାସ୍ତ କରି ବିଜୟୀ ହୋଇଛନ୍ତି । ସୁନୀଲ ସାଲାରିଆଙ୍କୁ ପାଖାପାଖି ୧.୫ ଲକ୍ଷରୁ ଉର୍ଦ୍ଧ୍ୱ ଭୋଟରେ ପରାସ୍ତ କରି ବଡ ବିଜୟ ହାସଲ କରିଛନ୍ତି । ରାଜ୍ୟରେ କଂଗ୍ରେସର ଲୋକପ୍ରିୟତା ଦିନକୁ ଦିନ ବଢୁଥିବା ଜାଖରଙ୍କ ଦମ୍‌ଦାର ବିଜୟରୁ ପ୍ରମାଣିତ ହୋଇଥିବା ବେଳେ ଉକ୍ତ ଅଞ୍ଚଳରେ ପ୍ରାଧାନ୍ୟ ବିସ୍ତାର କରିବାକୁ ଚାହୁଁଥିବା ଭାଜପାକୁ ଝଟକା ଲାଗିଛି । ବିଜୟଲାଭ କରିବା ପରେ ଜାଖର ନିଜ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । କଂଗ୍ରେସକୁ ବିଜୟୀ କରି ରାଜ୍ୟବାସୀ କେନ୍ଦ୍ରରେ କ୍ଷମତାସୀନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏକ ଦୃଢ ସନ୍ଦେଶ ପହଞ୍ଚାଇବାକୁ ଚାହିଁଛନ୍ତି ଯେ, ସେମାନେ ମୋଦି ସରକାରଙ୍କ ନୀତିରେ ସମ୍ପୂର୍ଣ୍ଣ ଭାବେ ଅସନ୍ତୁଷ୍ଟ ଅଛନ୍ତି । କଂଗ୍ରେସ ଉପାଧକ୍ଷଙ୍କ ପାଇଁ ଏହି ବିଜୟ ରେଡ ରିବନରେ ବନ୍ଧା ଏକ ସୁନ୍ଦର ଦୀପାବଳି ଉପହାର ବୋଲି କଂଗ୍ରେସର ଅନ୍ୟତମ ନେତା ନବଜୋତ ସିଧୁ କହିଛନ୍ତି । ବିଜୟଲାଭ କରିବା ପରେ କଂଗ୍ରେସ ନେତା ଏବଂ କର୍ମୀ ଗୁରୁଦାସପୁର, ଚଣ୍ଡିଗଡ ଏବଂ ଅନ୍ୟ ସ୍ଥାନରେ ବାଣ ଫୁଟାଇ, ମିଠା ବାଣ୍ଟି ଖୁସି ମନାଇଛନ୍ତି । ୨୦୧୪ ସାଧାରଣ ନିର୍ବାଚନ ସମୟରେ ଏହି ସିଟ୍ ଭାଜପା ଖାତାରେ ରହିଥିଲା । ୪ ଥର ଏହି ସିଟ୍‌ରୁ ବିଜୟୀ ହୋଇଥିବା ଭାଜପା ଏମପି ବିନୋଦ ଖାନ୍ନାଙ୍କ ପରଲୋକ ପରେ ଗତ ଏପ୍ରିଲରୁ ଏହି ସିଟ୍ ଖାଲି ପଡିଥିଲା । ଅକ୍ଟୋବର ୧୧ରେ ଉପନିର୍ବାଚନ ହୋଇଥିବା ବେଳେ ଭୋଟ ଗଣତି ଆରମ୍ଭରୁ କଂଗ୍ରେସ ଆଗୁଆ ରହିଥିଲା । ପଞ୍ଜାବ କଂଗ୍ରେସ ସଭାପତି ଥିବା ଜାଖର ଭାଜପା ପ୍ରାର୍ଥୀ ସାଲାରିଆ ଏବଂ ଆମ ଆଦମୀ ପାର୍ଟି ପ୍ରାର୍ଥୀ ମେଜର ଜେନେରାଲ ସୁରେଶ କୁମାର ଖଜୁରିଆ (ରିଟାୟାର୍ଡ)ଙ୍କ ଠାରୁ ବହୁ ବ୍ୟବଧାନରେ ଆଗୁଆ ରହିଥିଲେ । ତେବେ କଂଗ୍ରେସ ଭୋଟ ଗଣତିରେ ଗୋଳମାଳ କରିଥିବା ଅଭିଯୋଗ ଆଣି ଖଜୁରିଆ ଭୋଟ ଗଣତି କେନ୍ଦ୍ର ଛାଡିଥିଲେ । ଗୁରୁଦାସପୁର ଏବଂ ଫଠାନକୋଟ ଟାଉନରେ ଭୋଟ ଗଣତି ଅନୁଷ୍ଠିତ ହୋଇଥିଲେ । ଏହି ଆସନରେ ୧୫.୨୨ ଲକ୍ଷ ଲୋକ ନିଜ ମତଦାନ କରିଥିଲେ ।

ଜେଲରେ ହନିପ୍ରୀତଙ୍କ ପ୍ରଥମ ରାତି

ମଶା କାମୁଡିଲେ, ଅନିଦ୍ରା ରହିଲେ

ଅମ୍ବାଲା,୧୫/୧୦ (ଏଜେନ୍ସି): ଏୟାର କଣ୍ଡିସନ ରୁମରେ ବେଶ୍ ବିଳାସବ୍ୟସନରେ ଜୀବନ ଅତିବାହିତ କରୁଥିବା ବାବା ରାମ ରହିମଙ୍କ ପୋଷ୍ୟା କନ୍ୟା ହନୀପ୍ରୀତଙ୍କ ଦୁର୍ଦ୍ଦଶା ବଢିଯାଇଛି । ତାଙ୍କ ରିମାଣ୍ଡ ଅବଧି ଶେଷ ହେବା ପରେ ପଞ୍ଚକୁଲା ଅଦାଲତ ତାଙ୍କୁ ୧୪ ଦିନ ପାଇଁ ଜେଲ ହାଜତକୁ ପଠାଇଦେଇଥିଲେ । ତେବେ ଜେଲରେ ପ୍ରଥମ ରାତି ହନିଙ୍କ ପାଇଁ ଥିଲା ଜୀବନର ସବୁଠାରୁ ଯନ୍ତ୍ରଣାଦାୟକ ରାତି । ଦିନେ ତାଙ୍କୁ ଏଭଳି ରାତି ବିତାଇବାକୁ ହେବ ବୋଲି ସେ କେବେ ବି ସ୍ୱପ୍ନରେ ସୁଦ୍ଧା ଭାବିନଥିଲେ । ଜେଲରେ ପ୍ରଥମ ରାତିରେ ସେ ଅନିଦ୍ରାରେ ରହିଥିଲେ । ପ୍ରବଳ ମଶା କାମୁଡିବା ଯୋଗୁଁ ତାଙ୍କୁ ନିଦ ହୋଇନଥିଲା । ସେହିପରି ଅନ୍ତେବାସିନୀଙ୍କୁ ଶୋଇବା ପାଇଁ ତକିଆ ଦିଆଯିବା ଲାଗି ଜେଲର ନିୟମ ନଥିବାରୁ ହନିଙ୍କୁ ମଧ୍ୟ ତକିଆ ଖଣ୍ଡେ ଦିଆଯାଇନଥିଲା । କଡା ସୁରକ୍ଷା ବଳୟରେ ତାଙ୍କୁ ଜେଲର ମହିଳା ସେଲରେ ଅନ୍ୟ ମହିଳା ବନ୍ଦିନୀମାନଙ୍କ ଠାରୁ ଅଲଗା ରଖାଯାଇଥିଲା । ତାଙ୍କ ଉପରେ ନଜର ରଖିବାକୁ ମହିଳା କନେଷ୍ଟବଳଙ୍କୁ ମୁତୟନ କରାଯାଇଥିଲା । ହନିପ୍ରୀତ ଜେଲରେ କାହାରି ସହିତ କଥାବାର୍ତ୍ତା ନକରି ଚୁପ୍ ରହିଥିଲେ । ଜେଲରେ ଥିବା ହନିପ୍ରୀତ ଏବଂ ତାଙ୍କ ସହଯୋଗୀ ସୁଖଦୀପଙ୍କୁ ଭୋରୁ ଜେଲ କର୍ମଚାରୀମାନେ ଉଠାଇ ଗାଧୋଇବା ପାଇଁ କହିଥିଲେ । ସକାଳ ଜଳଖିଆରେ ସେମାନଙ୍କୁ ଚା ଏବଂ ଦି ଖଣ୍ଡ ପାଉରୁଟି ଦିଆଯାଇଥିଲା । ତେବେ ଏଥି ପୂର୍ବରୁ ତାଙ୍କ ଦେହ ଭଲ ନାହିଁ ଏବଂ ନାଡିର ବେଗ ବୃଦ୍ଧି ପାଇଛି ବୋଲି ହନି କହିଥିଲେ । ଅର୍ଦ୍ଧକପାଳୀ ଏବଂ ଦେହ ଘୋଳାବିନ୍ଧା ହେଉଛି ବୋଲି ହନିପ୍ରୀତ କହିଥିଲେ । ତେଣୁ ଅମ୍ବାଲା ସିଭିଲ ହସ୍ପିଟାଲରୁ ଏକ ତିନିଜଣିଆ ଡାକ୍ତରୀ ଦଳ ତାଙ୍କ ସ୍ଥାସ୍ଥ୍ୟାବସ୍ଥା ପରୀକ୍ଷା କରି ସ୍ୱାସ୍ଥ୍ୟବସ୍ଥା ଠିକ୍ ଥିବା ଦର୍ଶାଇଥିଲେ । ଏହାପରେ ତାଙ୍କୁ ଜେଲରେ ରଖାଯାଇଥିଲା ।

ଭାରତର ଶକ୍ତିକୁ ଚୀନ ବୁଝିଛି: ରାଜନାଥ



ନୂଆଦିଲ୍ଲୀ,୧୫/୧୦ (ଏଜେନ୍ସି): ନିକଟରେ ଚୀନ ଭାରତ ସହିତ ସବୁ ସମସ୍ୟାର ସମାଧାନ କରିଛି । କାରଣ ଚୀନ ଭାରତର ଶକ୍ତିକୁ ଭଲ ଭାବେ ବୁଝିପାରିଛି । ଭାରତ ଆଉ ପୂର୍ବ ଭଳି ହୋଇ ରହିନାହିଁ । ଏହା କ୍ରମେ ଏକ ଶକ୍ତିଶାଳୀ ରାଷ୍ଟ୍ରରେ ପରିଣତ ହୋଇଛି । ଚୀନ ଏହାକୁ ଭଲ ଭାବେ ବୁଝିଥିବାରୁ ଦୀର୍ଘ ଦିନ ଧରି ଚାଲିଥିବା ଡୋକଲାମ ବିବଦାର ସମାଧାନ କରିବାରେ ଆଗ୍ରହ ପ୍ରକାଶ କରିଥିଲା ବୋଲି ଉତ୍ତରପ୍ରଦେଶର ଲକ୍ଷ୍ମୌକୁ ଦୁଇ ଦିନିଆ ଗସ୍ତରେ ଯାଇଥିବା କେନ୍ଦ୍ର ଗୃହମନ୍ତ୍ରୀ ରାଜନାଥ ସିଂ ଏକ ସାମ୍ବାଦିକ ସମ୍ମିଳନୀରେ ମତପୋଷଣ କରିଛନ୍ତି । ଏହି ଅବସରରେ ପାକିସ୍ତାନକୁ ମଧ୍ୟ ଆକ୍ରମଣ କରିବାକୁ ଭୁଲିନାହାନ୍ତି ରାଜନାଥ ସିଂ । ପାକିସ୍ତାନ ସବୁବେଳେ ଭାରତୀୟ ସୀମାରେ ଆତଙ୍କବାଦୀ ଅନୁପ୍ରବେଶର ନାପାକ ଉଦ୍ୟମ କରୁଛି । କିନ୍ତୁ ଭାରତୀୟ ସୁରକ୍ଷା ବଳ ଦ୍ୱାରା ପାକିସ୍ତାନ ଏଭଳି ନାପାକ ହରକତ ବିଫଳ ହେଉଛି ବୋଲି ରାଜନାଥ କହିଛନ୍ତି । ପାକିସ୍ତାନର ପ୍ରତ୍ୟେକ ସୀମାପାର ଆତଙ୍କବାଦ ଉଦ୍ୟମରେ ୫-୧୦ ଜଣ ଆତଙ୍କବାଦୀକୁ ଭାରତୀୟ ସେନା ନିହତ କରିବାରେ ସମର୍ଥ ହେଉଛନ୍ତି । ଭାରତ ଆଉ କୌଣସି କ୍ଷେତ୍ରରେ ଦୁର୍ବଳ ହୋଇ ରହିନାହିଁ ବୋଲି ରାଜନାଥ ସିଂ କହିଛନ୍ତି । ରାଜନାଥ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମଧ୍ୟ ପ୍ରଶଂସା କରିଛନ୍ତି । ଦେଶର ପ୍ରଥମଥର ପାଇଁ ଏଭଳି ଏକ ପ୍ରଧାନମନ୍ତ୍ରୀ ପାଇଛି ଯିଏକି ବଡ ବଡ କମ୍ପାନୀ ପାଇଁ ଥିବା ବ୍ୟାଙ୍କଗୁଡିକୁ ଗରିବଙ୍କ ସେବାରେ ଲଗାଇବାରେ ସକ୍ଷମ ହୋଇଛନ୍ତି । ୨୦୨୨ ସୁଦ୍ଧା ଭାରତରୁ ଦାରିଦ୍ର୍ୟ ଦୂରୀକରଣ ପାଇଁ ମୋଦି ଲକ୍ଷ୍ୟ ରଖିଛନ୍ତି । ଖୁବ୍ ଶୀଘ୍ର ଆମେ ଲକ୍ଷ୍ୟହାସଲ କରିବୁ ବୋଲି ସେ କହିଛନ୍ତି ।

୩ ବର୍ଷୀୟା ଭାରତୀୟ ବାଳିକା ଆମେରିକାରେ ନିଖୋଜ

ନୂଆଦିଲ୍ଲୀ,୧୫/୧୦ (ଏଜେନ୍ସି): ଆମେରିକାର ଟେକ୍ସାସରେ ୩ ବର୍ଷୀୟା ଜଣେ ଭାରତୀୟ ବାଳିକା ନିଖୋଜ ହୋଇଯାଇଛନ୍ତି । ଏହି ଘଟଣାକୁ ଏବେ ସପ୍ତାହେ ପୂରିଯାଇଛି । ସୂଚନାରୁ ଜଣାପଡିଛି ଯେ, ନିଖୋଜ ବାଳିକାର ପିତା ତାଙ୍କୁ ଦଣ୍ଡସ୍ୱରପ ଭୋର ପ୍ରାୟ ୩ଟାରେ ଘର ବାହାରେ ଛିଡା କରାଇଥିଲେ । କିନ୍ତୁ ଏହାର କିଛି ସମୟ ପରେ ସେ ନିଖୋଜ ହୋଇଯାଇଥିଲେ । ତାଙ୍କ ବାପା ଘଟଣାକୁ ୫ ଘଣ୍ଟା ପରେ ପୋଲିସକୁ ଖବର ଦେଇଥିଲେ । ଏହି ଘଟଣାରେ ଝିଅକୁ ଅମାନବୀୟ ଦଣ୍ଡ ଦେଇଥିବାରୁ ପିତାଙ୍କୁ ଗିରଫ କରାଯାଇଛି । ପିତା ଅଭିଯୋଗ କରିଛନ୍ତି ଯେ, ଝିଅ କ୍ଷୀର ନପିଇବାରୁ ତାଙ୍କ ଦଣ୍ଡସ୍ୱରୂପ ଭୋର ପ୍ରାୟ ୩ଟାରେ ଘର ବାହାରେ ଛିଡା କରାଇ ଦେଇଥିଲେ । କିନ୍ତୁ ଏହା ପରେ ସେ ନିଖୋଜ ହୋଇଯାଇଥିଲେ । ଝିଅକୁ ଦଣ୍ଡ ଦେବାର ଅଧଘଣ୍ଟା ପରେ ଯାଇ ଦେଖିବା ବେଳକୁ ଝିଅ ସେଠାରେ ନଥିଲା ଏବଂ ଏକ ହିଂସ୍ର ଜନ୍ତୁ ବୁଲୁଥିଲା । ହୁଏତ ହିଂସ୍ରଜନ୍ତୁ ତା'ର କିଛି କରିଦେଇଥାଇପାରେ ବୋଲି ପିତା ଅଭିଯୋଗ କରିଥିବା ବେଳେ ପୋଲିସ ଅନୁସନ୍ଧାନ ଅନ୍ୟ କିଛି କହୁଛି । ଭୋର ପ୍ରାୟ ୪ ଟା ସମୟରେ ଏକ ଏସୟୁଭି କାର ଘରୁ ବାହାରିଥିଲା ଏବଂ ଏକ ଘଣ୍ଟା ପରେ ପୁଣି ଘରକୁ ଫେରିଆସିଥିଲା । ହୁଏତ ଉକ୍ତ ୩ ବର୍ଷୀୟା ଝିଅର ନିଖୋଜ ପଛରେ ଏହି କାରର ସମ୍ପୃକ୍ତି ଥାଇପାରେ ବୋଲି ପୋଲିସ ସନ୍ଦେହ କରୁଛି । ପୋଲିସ ଘଟଣାର ତଦନ୍ତ ଜାରି ରଖିଛି । ଭାରତରେ ଜନ୍ମିତ ଏହି ଝିଅ କୁପୋଷଣର ଶିକାର ହେବା ପରେ ଓ୍ୱେସଲେ ମ୍ୟାଥୁଙ୍କ ପରିବାର ତାଙ୍କୁ ପୋଷ୍ୟକନ୍ୟା ଭାବେ ଗ୍ରହଣ କରିଥିଲେ ।

ଭାରତୀୟ ଅର୍ଥନୀତିକୁ ଆଇଏମଏଫ ମୁଖ୍ୟଙ୍କ ପ୍ରଶଂସା

ସଂରଚନାତ୍ମକ ପରିବର୍ତ୍ତନର ସକରାତ୍ମକ ସାବ୍ୟସ୍ତ ହୋଇଛି

INTERNATIONAL MONETARY FUND

ନୂଆଦିଲ୍ଲୀ ,୧୫/୧୦ (ଏଜେନ୍ସି): ଭାରତୀୟ ଅର୍ଥନୀତି ଏବଂ ଅର୍ଥବ୍ୟବସ୍ଥାକୁ ପ୍ରଶଂସା କରିଛନ୍ତି ଆନ୍ତର୍ଜାତୀୟ ମୁଦ୍ରାପାଣ୍ଠୀ (ଆଇଏମଏଫ) ମୁଖ୍ୟ ଖ୍ରିଷ୍ଟେନ ଲୋଗାର୍ଡ । ଗତ ଦଶନ୍ଧିରେ ଭିତରେ ଭାରତୀୟ ଅର୍ଥନୀତିରେ ହୋଇଥିବା ସଂରଚନାତ୍ମକ ପରିବର୍ତ୍ତନର ସକରାତ୍ମକ ପ୍ରଭାବ ପଡିଛି । ନୋଟବନ୍ଦୀ ଏବଂ ଜିଏସଟି ଭଳି ପଦକ୍ଷେପକୁ ସେ ସଫଳ ପ୍ରୟାସ ବୋଲି ଅଭିହିତ କରିଛନ୍ତି । ଏତେ ବଡ ନିଷ୍ପତ୍ତି ନେବା କୌଣସି ଦେଶ ପାଇଁ ଏକ କଠିନ କାର୍ଯ୍ୟ ଅଟେ । ଏଭଳି ବଡ ନିଷ୍ପତ୍ତି ଦ୍ୱାରା ଅର୍ଥନୀତିରେ ପ୍ରାରମ୍ଭିକ ପର୍ଯ୍ୟାୟରେ ସାମାନ୍ୟ ପ୍ରଭାବ ପଡିବା ସ୍ୱାଭାବିକ କଥା । କିନ୍ତୁ ଏହା ଦ୍ୱାରା ଭାରତୀୟ ଅର୍ଥନୀତି ସକାରାତ୍ମକ ଦିଗରେ ଗତି କରୁଛି । ଭାରତୀୟ ଅର୍ଥ ବ୍ୟବସ୍ଥା ବେଶ୍ ମଜବୁତ ସ୍ଥିତିରେ ରହିଥିବା ସେ ପ୍ରଶଂସା କରି କହିଛନ୍ତି । ସେ କହିଛନ୍ତି ଯେ, ଆଇଏମଏଫ ଭାରତୀୟ ଅର୍ଥ ବ୍ୟବସ୍ଥାର ସମ୍ଭାବ୍ୟ ବିକାଶ ହାରକୁ ହ୍ରାସ କରିଥିଲେ ମଧ୍ୟ ଭାରତର ଅର୍ଥ ବ୍ୟବସ୍ଥା ଠିକ୍ ରାସ୍ତାରେ ଅଛି । ଭବିଷ୍ୟତରେ ଏଥିରେ ଯଥେଷ୍ଟ ବୃଦ୍ଧି ଘଟିବ । ସେ ଆହୁରି ମଧ୍ୟ କହିଛନ୍ତି ଯେ, ଭାରତୀୟ ମୁଦ୍ରାକୋଷ ପରିମାଣ ହ୍ରାସ ପାଇଛି । ମହଙ୍ଗା ଦର ହ୍ରାସ ପାଇଛି ତଥାପି ଭାରତୀୟ ଅର୍ଥନୀତିରେ ସୁଧାର ଯୋଗୁଁ ଭବିଷ୍ୟତରେ ତାହା ସୁଧୁରିବ ଯିବ ଓ ଯୁବଗୋଷ୍ଠୀଙ୍କୁ ରୋଜଗାରର ଅଧିକ ସୁଯୋଗ ମିଳିବ ।

ଏକ ଲକ୍ଷ ମଦ୍ରାସା ଟଏଲେଟ ନିର୍ମାଣ କରିବେ ମୋଦି ସରକାର

ନୂଆଦିଲ୍ଲୀ,୧୫/୧୦ (ଏଜେନ୍ସି): 'ସ୍ୱଚ୍ଛ ଭାରତ ମିଶନ'କୁ ଆଉ ପାଦେ ଆଗେଇ ନେବାକୁ ଲକ୍ଷ୍ୟ ରଖିଛନ୍ତି ମୋଦି ସରକାର । ଏଥି ଅନ୍ତର୍ଗତ ଦେଶରେ ଥିବା ସମସ୍ତ ମଦ୍ରାସାରେ ଏକ ଲକ୍ଷ ଶୌଚାଳୟ ନିର୍ମାଣ କରିବାକୁ ମୋଦି ସରକାର ନିଷ୍ପତ୍ତି ନେଇଛନ୍ତି । ଖୁବ୍ ଶୀଘ୍ର କାର୍ଯ୍ୟାରମ୍ଭ ହେବ ବୋଲି ନିର୍ଭରଯୋଗ୍ୟ ସୂତ୍ରରୁ ପ୍ରକାଶ । କେନ୍ଦ୍ର ସଂଖ୍ୟାଲଘୁ ମନ୍ତ୍ରାଳୟ ଚଳିତ ବର୍ଷ ମାର୍ଚ୍ଚ ମାସରେ ମଦ୍ରାସାଗୁଡିକରେ 'ଥ୍ରୀଟି' (ଟିଚର, ଟିଫିନ ଏବଂ ଟଏଲେଟ) କାର୍ଯ୍ୟକ୍ରମ ପ୍ରଚଳିତ କରିବାକୁ ନିଷ୍ପତ୍ତି ନେଇଥିଲେ । ତେଣୁ ଏନେଇ ଚଳିତ ଆର୍ଥିକ ବର୍ଷରେ ଏକ ଲକ୍ଷ ଶୌଚାଳୟ ନିର୍ମାଣ କରିବାକୁ ଲକ୍ଷ୍ୟ ରଖିଛନ୍ତି ମୋଦି ସରକାର । ମନ୍ତ୍ରାଳୟ ଅଧିନସ୍ଥ ସଂସ୍ଥା ମୌଲାନା ଆଜାଦ ଏଜୁକେଶନ ଫାଉଣ୍ଡେସନ (ଏମଏଇଏଫ) ମଦ୍ରାସାଗୁଡିକରେ ହେବାକୁ ଥିବା ଶୌଚାଳୟର କାର୍ଯ୍ୟକୁ ଦେଖାରେଖା କରିବ । ଏମଏଇଏଫ ୨୦୧୭-୧୮ ଆର୍ଥିକ ବର୍ଷରେ ଶୌଚାଳୟ ନିର୍ମାଣ କରିବାକୁ କେତେକ ଏନଜିଓ ସଂସ୍ଥା ଠାରୁ ଆବେଦନ ମଗାଇଥିବା ବେଳେ ବେଳେ ଅନେକ ଏନଜିଓ ଏଥିପାଇଁ ଆବେଦନ କରିଥିବା ଜଣାପଡିଛି ।

ସୁନ୍ଦରଗଡ ଜିଲ୍ଲା ସମାଚାର

ରାସ୍ତାକଡରୁ ନିଖୋଜ ଯୁବତୀର କଙ୍କାଳ ଉଦ୍ଧାର

ବନ୍ଧମୁଣ୍ଡା,୧୫/୧୦(ଶ୍ରୁ.ମି.): ରାଉରକେଲା ପୋଲିସ ଜିଲ୍ଲା ଅଧିନରେ ଥିବା ବନ୍ଧମୁଣ୍ଡା ଥାନା ଅଞ୍ଚଳର ତିଲକାନଗର ମସ୍ତିରୁ ଗତ ୨ମାସ ତଳେ ଲେତା ପୂର୍ତ୍ତି(୨୨) ନାମକ ଜଣେ ବିବାହିତା ମହିଳା ନିଖୋଜ ହୋଇଯାଇଥିଲେ। ଏନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ କେସ ରୁଜୁ କରି ତଦନ୍ତ କରୁଥିବା ବେଳେ ଗତ କାଲି ବାହାଗୁଡା ଗ୍ରାମକୁ ଯାଇଥିବା ରାସ୍ତା କଡର ଜମିରେ ଗୋଟିଏ ମଣିଷ କଙ୍କାଳ ପଡିଥିବା ଖବର ପାଇ ପୋଲିସ ପହଞ୍ଚି କଙ୍କାଳକୁ ଜବତ କରି ଯାଞ୍ଚ ଆରମ୍ଭ କରିଥିବା ବେଳେ ମୃତ ଲେତାର ଭଉଣୀ ଆସି ଜଙ୍ଗଲ ପାଖରେ ପଡିଥିବା କପଡାକୁ ଦେଖି ଏହା ତାଙ୍କ ଭଉଣୀ ଲେତାର ବୋଲି ଚିହ୍ନଟ କରିଥିଲା। ପାରିବାରିକ କଳହକୁ ନେଇ ପ୍ରଥମେ ସ୍ୱାମୀ ଘରୁ ପଳାଇବା ପରେ ସ୍ତ୍ରୀ ଲେତା ନିଖୋଜ ହେବା ଏବଂ ନିଖୋଜର ୨ମାସ ପରେ ନିଖୋଜ ଲେତାଙ୍କ କଙ୍କାଳ ମିଳିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

ରାଉରକେଲା ପୋଲିସ ହିଟ୍‌ଲରି ଶାସକ ଏତଲା ଦେବାକୁ ଯାଇଥିବା ପୀଡିତା ମହିଳାଙ୍କ ନାମରେ କେସ୍ ଦାଏର



ବେଦବ୍ୟାସ,୧୫/୧୦(ଶ୍ରୁ.ମି.): ଲୋକଙ୍କ ମଧ୍ୟରେ ଝଗଡା ହେଲେ ପୀଡିତାମାନେ ନ୍ୟାୟ ପାଇଁ ଥାନାକୁ ଯାଇଥାନ୍ତି। ତେବେ ପୀଡିତାକୁ ନ୍ୟାୟ ଦେବା ବଦଳରେ ଥାନା ବାଲା ଓଲଟା ପୀଡିତା ଉପରେ କେସ ଦାଏର କରିନେବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ମିଳିଥିବା ସୂଚନା ଅନୁସାରେ ରାଉରକେଲା ପୋଲିସ ଜିଲ୍ଲା ଅଧିନରେ ଥିବା ବ୍ରାହ୍ମଣୀ ତରଙ୍ଗ ଥାନା ଅଞ୍ଚଳର କଲୁଙ୍ଗା ଫାଣ୍ଡି ଅଞ୍ଚଳରେ ରହୁଥିବା ରୀତା ଗୁପ୍ତା ନାମକ ଜଣେ ମହିଳା ରାସ୍ତାରେ ଯାଉଥିବା ବେଳେ ଗତ ୧୦/୧୦/୧୭ରିଖଦିନ ବିଷ୍ଣୁ ଲାଲ ନାମକ ଜଣେ ଯୁବକ ଧକ୍କା ଦେଇଥିଲା। ଫଳରେ ଆହାତ ରୀତା ଥାନାକୁ ଯାଇଥିଲେ ଏତଲା ଦେବା ପାଇଁ କିନ୍ତୁ ଥାନବାଲା ଏତଲା ନେଇ ନଥିଲେ। ସ୍ଥାନର ଏପରି ଆଚରଣ ବିରୁଦ୍ଧରରେ ରୀତା ପ୍ରଥମେ ଡିଆଇଜି ଏବଂ ପରେ ଏସ୍‌ପିଙ୍କୁ ସାକ୍ଷାତ କରି ନିଜ ଦୁଃଖ କହିଥିଲେ। ଏସପିଙ୍କ ହସ୍ତକ୍ଷେପ ଫଳରେ ରୀତାର ଏତଲାକୁ ଥାନା କର୍ତ୍ତୁପକ୍ଷ ଗ୍ରହଣ କରିଥିଲେ ସତ ତେବେ ଔଷଧ ବିକଳରେ ତାଟିଆ କାମୁଡିବା ପରିକା ନିଜ ଦୋଷକୁ ଲୁଚାଇବା ପାଇଁ ତଥା ପୀଡିତା ମହିଳାକୁ ହଇରାଣ ହରକତ କରିବା ପାଇଁ ଓଲଟା ବିଷ୍ଣୁର ଏତଲା କ୍ରମେ ମହିଳା ଉପରେ ଏକ କେସ କରିଥିବା ଜଣାପଡିଛି। ଏଠାରେ ସୂଚନା ଯୋଗ୍ୟକି ସଞ୍ଜୀବ ମାରିକ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଥିବାବେଳେ ରାଉରକେଲା ଗସ୍ତରେ ଆସି ଏସପିଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କାଉଣ୍ଟର କେସ ଗୁଡିକ ପ୍ରୋତ୍ସାହନ ଦେବା ବଦଳରେ କାଉଣ୍ଟର କେସ ଦେବା ପାଇଁ ଆସୁଥିବା ବ୍ୟକ୍ତିମାନଙ୍କୁ ତାଗିଦ କରିବା ପାଇଁ ସମସ୍ତ ଥାନାକୁ ପରାମର୍ଶ ଦେଇଥିବା କଥା କହିଥିଲେ। ତତ୍କାଳୀନ ଥାନା ସୁରକ୍ଷାଙ୍କ ଏହି ପରାମର୍ଶ ରାଉରକେଲଶ ପୋଲିସ ଜିଲ୍ଲାରେ କାର୍ଯ୍ୟକାରୀ ହେଉନଥିବା ଜଣାପଡିଛି।

ଟ୍ରକର କବାଟ ଭାଙ୍ଗି ନଗଦ ଟଙ୍କା ଲୁଟ

ବେଦବ୍ୟାସ,୧୫/୧୦(ଶ୍ରୁ.ମି.): ବ୍ରାହ୍ମଣୀତରଙ୍ଗ ଥାନା ଅଞ୍ଚଳରେ ଥିବ ବେଦବ୍ୟାସ ଏବଂ କୁଆଁରମୁଣ୍ଡା ରୋଡରେ ଥିବା ଏଫସିଆଇ ଟ୍ରାନ୍ସପୋର୍ଟ ନିକଟରେ ଚାଳକ ଉପେନ୍ଦ୍ର କୁମାର ସିଂ ନିଜ ଟ୍ରକ ନମ୍ବର-OD14E4516 କୁ ଠିଅକରି ଶୌଚ ପାଇଁ ଯାଇଥିଲା। ଆସି ଦେଖିବା ବେଳରୁ ଟ୍ରକର କବାଟ ତାଲା ଭାଙ୍ଗିଯାଇ କେବିନରେ ଥିବା ନଗଦ ୫୦୦୦ଟଙ୍କା, ମୋବାଇଲଫୋନ, ଆଧାରକାର୍ଡ, ଡ୍ରାଇଭିଂ ଲାଇସେନ୍ସ ଆଦି ସବୁକୁ କେହି ଦୁର୍ବୃତ ଚୋରି କରିନେଇ ଯାଇଛି। ଏନେଇ ଶ୍ରୀ ସିଂହ ବ୍ରାହ୍ମଣୀତରଙ୍ଗ ଥାନାରେ ଏକ ଏତଲା ଦେଇଥିବା ଜଣାପଡିଛି।

ନବବିବାହିତା ନମିତା ମୃତ୍ୟୁ ମାମଲା ସ୍ୱାମୀ-ଶାଶୂ-ଶଶୁର-ଖୁଡିଶାଶୂ ସମେତ ୪ ଗିରଫ

ରାଉରକେଲା,୧୫/୧୦(ଶ୍ରୁ.ମି): ସମ୍ବଲପୁର ଥାନା ଅଞ୍ଚଳରେ ଥିବା ମହାନ୍ତି ପଡାରେ ରହୁଥିବା ନମିତା ଗୌଡ ରାଉରକେଲା ଉଦୀତନଗର ଥାନା ଅଞ୍ଚଳର ଏଲଆଇସି କଲୋନୀର ରାଜକୁମାର ଗୌଡଙ୍କ ପୁଅ ଆଲୋକକୁ ଗତ ୭/୧୦/୧୭ରେ ବିବାହ କରିଥିଲେ। ତେବେ ୧୩/୧୦/୧୭ରେ ନମିତା ନିଜ ଘରେ ଫାଶି ଦେଇ ଆତ୍ମହତ୍ୟା କରିଥିଲେ ଯଦିଓ ଯୌତୁକ ବାବଦରେ ନମିତାକୁ ହତ୍ୟା କରାଯାଇଥିବା ନେଇ ନମିତାର ମା' ରେବତୀ ଉଦିତନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏନେଇ ଏକ କେସ ରୁଜୁ କରି ସ୍ୱାମୀ-ଆଲୋକ.ଶଶୁର-ରାଜକୁମାର ଏବଂ ଶାଶୂ ଓ ଖୁଡିଶାଶୂ ସମେତ ୪ଜଣଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଥିବା ଜଣାପଡିଛି।

ଆରଏସପି ବ୍ଲାଷ୍ଟ ଫର୍ଣ୍ଣେସରେ ଗ୍ୟାସ ଲିକ୍ ଘଟଣା

କେତେ ସତ-କେତେ ମିଛ-ନା ଷଡଯନ୍ତ୍ର

ରାଉରକେଲା,୧୫/୧୦(ଶ୍ରୁ.ମି.): ଓଡିଶାର ଶିଳ୍ପ ରାଜଧାନୀ ରାଉରକେଲାର ଇସ୍ପାତ କାରଖାନା ନାକେବଳ ଓଡିଶା ସମଗ୍ର ଦେଶର ସର୍ବପ୍ରଥମ ରାଷ୍ଟ୍ରାୟତ ଉଦ୍ଦେଶ୍ୟ। ଦିନଥିଲା ଏହି ଆରଏସପିକୁ ଦେଖି ଓଡିଶାବାସୀଙ୍କ ମୁହଁରେ ଗୋଟିଏ କଥା ଥିଲା ଆରେ ଭାଇ ହେଲା ତ ହେଲା-ନ ହେଲେ ଚାଲ ରାଉରକେଲା। ଆରଏସପି ସ୍ଥାପନା ଦିନଠାରୁ ଆଜିପର୍ଯ୍ୟନ୍ତ ,ନାନାଘାତ ପ୍ରତିଘାତ ମଧ ଦେଇ ଗତି କରୁଥିବା ସତ୍ୱେ ଆଜି ମଧ ଓଡିଶାର ରାଜସ୍ୱ ସଂଗ୍ରହରେ ଏକ ପ୍ରମୁଖ ଭୂମିକା ନେଇଛି। କେବଳ ସେତିକି ନୁହେଁ ବିଗତ କିଛିବର୍ଷ ହେବ ନିୟମିତ କ୍ଷତିରେ ଚାଲୁଥିବା ଆରଏସପି ସିଇଓ ଭାବେ ଅଶ୍ୱିନୀ କୁମାର ଦାୟିତ୍ୱ ନେବା ପରେ ଶ୍ରୀ କୁମାରଙ୍କ କାର୍ଯ୍ୟ ଦକ୍ଷତାର ସଦୁପଯୋଗ କରି ତାଙ୍କରି ମାର୍ଗ ଦର୍ଶନରେ ଏକଦା କ୍ଷତିରେ ଆରଏସପି ଆଜି ତାର ଉତ୍ପାଦନରେ ଗୋଟିଏ ପରେ ଗୋଟିଏ ରେକର୍ଡ ସୃଷ୍ଟି କରି କ୍ଷତିର ପରିମାଣକୁ ଶୂନ କରିବା ସ୍ଥାନରେ ପହଞ୍ଚିଯାଇଛି। ତେବେ କିଛି ଦିନ ହେବ ଆରଏସପି ଉପରେ ଯେପରି କାହାର ଖରାପ ନଜର ପଡିଯାଇଛି। ଚାହେଁ ସେ ଛୋଟ ହେଇ କିମ୍ବା ବଡହେଇ ଯେ କୌଣସି କଳକାରଖାନାରେ ଦୁର୍ଘଟଣା ଯେ ନଘଟିବ ତାହା କହିବା ଅସମ୍ଭବ। କିନ୍ତୁ କାରଖାନାରେ ଘଟିଥିବା ଅଘଟଣ ତଥା ଦୁର୍ଘଟଣାକୁ ଅତିରଞ୍ଜିତ କରି ସର୍ବସାଧାରଣରେ ପ୍ରକାଶ କରି ଆରଏସପିର ପ୍ରତିଷ୍ଠାରେ ଆଞ୍ଚ ଆସିବା ଏକ ଷଡଯନ୍ତ୍ର ଛଡା ଆଉ କ'ଣ ହୋଇପାରେ ?ଗତ ସପ୍ତାହରେ ବ୍ଲାଷ୍ଟ ଫର୍ଣ୍ଣେଷ 'ଦୁର୍ଗା'ରେ ହୋଇଥିବା ସଟଡାଉନକୁ ବ୍ରେକଡାଉନ ବୋଲି କହି ୧୦କୋଟି ଝଟକାର କ୍ଷତି ବୋଲି କହି ପ୍ରଚାର କରିବା ଖବର ସଂପୂର୍ଣ୍ଣ ମିଥ୍ୟା ଥିବା ବେଳେ ବର୍ତ୍ତମାନ ଗତ ୧୩/୧୦/୧୭ରେ ବ୍ଲାଷ୍ଟ ଫର୍ଣ୍ଣେଷ-୧ରେ ଥିବା ୫ଟି ପ୍ଲେଟ କୁଲିଙ୍ଗ ସିଷ୍ଟମ ମଧ୍ୟରୁ ଗୋଟିଏରେ ତ୍ରୁଟି ଥିବା ନେଇ ଅଧିକାରୀମାନେ ଯାଞ୍ଚ ବେଳେ ଏହାର ମରାମତି ପାଇଁ ଟାଟା ପ୍ରୋଜେକ୍ଟ ଇଣ୍ଡିଆ ଲିମିଟେଡ ନାମକ ସାମ୍ଭାକୁ ଦାୟିତ୍ୱ ନେଇଥିଲେ। ଘଟଣା ଦିନ ଟାଟା କମ୍ପାନୀର ୫ଜଣ ଶ୍ରମିକ ପ୍ରାୟ ୩୩ ମିଟର ଉପରେ ଚଢି ଏହି କୁଲିଙ୍ଗ ସିଷ୍ଟମର ମରାମତି କରି ପୁଣି ତଳକୁ ଓହ୍ଲାଇ ଆସିଥିଲେ। ତେବେ ତଳେ ଏମାନେ ନିଜକୁ ଅସୁସ୍ଥ ମନେକରୁଥିବା ନେଇ ଘଟଣା ସ୍ଥଳରେ ଉପସ୍ଥିତ ଥିବା ଡିଜିଏମ୍‌ଙ୍କୁ କହିବାରୁ ଉତ୍ପାଦନ ସମେତ ସର୍ବଦା ଶ୍ରମିକମାନଙ୍କ ସ୍ୱାସ୍ଥ୍ୟବସ୍ଥାକୁ ଗୁରୁତ୍ୱ ନେଇଥିବା ଆରଏସପି ଅଧିକାରୀମାନେ ଯେକୌଣସି ପ୍ରକାରର ଅଘଟଣକୁ ଏଡାଇବା ପାଇଁ ତତ୍‌କ୍ଷଣାତ ସମସ୍ତ ଶ୍ରମିକମାନଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଆରଏସପି ପରିସରରେ ଥିବା ପ୍ରାଥମିକ ଚିକିତ୍ସା କେନ୍ଦ୍ର ପରେ ଆଇଜିଏଚର ଆଇସିୟୁରେ ଭର୍ତ୍ତି କରାଇଥିଲେ। ଘଟଣାର ମରାମତି ଗମ୍ଭୀରତାକୁ ହୃଦବୋଧ କରି ଆରଏସପି ଅଶ୍ୱିନୀ କୁମାରଙ୍କ ନିର୍ଦ୍ଦେଶ କ୍ରମେ ଆଇଜିଏଚରେ ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ସନ୍ଧ୍ୟାରେ ସମସ୍ତଙ୍କୁ ସାଧାରଣ ୱାର୍ଡକୁ ସିଫ୍ଟ କରିଦିଆଯାଇଥିଲା ଏବଂ ତାପରଦିନ ଅର୍ଥାତ ପରେ ସମସ୍ତଙ୍କୁ ୧୪/୧୦/୧୭ ଅପରାହ୍ନରେ ଘରକୁ ପଠାଇଦିଆଯାଇଥିଲା। କିନ୍ତୁ ଏହା ନିଜସ୍ୱ ଢଙ୍ଗରେ ଏତେ ଅତିରଞ୍ଜିତ କଲେ କି ଯେପରି ଏହା ଏକ ଗମ୍ଭୀର ଘଟଣା ଖବର ପାଇ ଶ୍ରମିକମାନେ କାମ କଲାବେଳେ ଉପରୁ ଖସିତଳକୁ ପଡିଥିବା କଥା ଲେଖିବାକୁ ମଧ ପଛାଇଲେ ନାହିଁ। ଏଠି ପ୍ରଶ୍ନ ଉଠେ କି ଆଜି ଜଣେ ଶ୍ରମିକ ୩୩ ମି. ଉପରୁ ଅସୁସ୍ଥ ହୋଇ ଖସିପଡେ ତେବେ ସେ କ'ଣ ଏପରି ଆହାତ ହୋଇନଥାନ୍ତା କି ମାତ୍ର ୨୪ଘଣ୍ଟାଆ ଅଭଜର୍ ପରେ ଭଲହୋଇ ଘରକୁ ଫେରିଯାଇଥାନ୍ତା। ଘରେ ରହୁଥିବାବେଳେ ହଠାତ ଅଘଟଣ ଘଟିଜଣ ଜଳି ଆହାତ ହୋଇଯାଏ ତେବେ କ'ଣ ଘରର ମୁଖିଆ ତଥା ଅନ୍ୟ ସଦସ୍ୟମାନେ ଦାୟୀ କି ! ଅପରପଟେ ଘଟଣାର ସତ୍ୟାସତ୍ୟର ଅନୁସନ୍ଧାନ ନ କରି ଆରଏସପି ଏକ ରାଷ୍ଟ୍ରାୟତ ଉଦ୍ୟୋଗ ସମ୍ବନ୍ଧରେ ଏପରି ଅପପ୍ରଚାର କରିବା ବାସ୍ତବରେ କେତେ ଦୂର ଠିକ-ନା ଭୁଲ-ନା ଏହା ଆରଏସପି ତଥା ସିଇଓଙ୍କ ବିରୁଦ୍ଧରେ ଏକ ଷଡଯନ୍ତ୍ର ତାହା ବିଚାର କରିବା ଯୋଗ୍ୟ।

ଚାଉଳ ବେପାରରେ ଦୁର୍ନୀତି ଅଭିଯୋଗ

ଚଢାଦରରେ ବିକ୍ରୀ ପାଇଁ ଯାଉଥିବା ୨୫୦ବସ୍ତା ଚାଉଳ ଜବତ



ହେମଗିରି,୧୫/୧୦(ଶ୍ରୁ.ମି.): ପଡୋଶୀ ଝାରସୁଗୁଡାରୁ ଜୈନିକ ଚାଉଳ ବେପାରୀଙ୍କ ଠାରୁ କମଦାମରେ ଚାଉଳ କିଣି ଏକ ଟ୍ରକ ନମ୍ବରOR15F5471ରେ ସୁନ୍ଦରଗଡ ଜିଲ୍ଲାର ହେମଗିରି ବ୍ଲକର କନିକା ଅଞ୍ଚଳରେ ଚଢାଉଦରରେ ବିକ୍ରୀ ପାଇଁ ଯାଉଥିବା ଖବର ପାଇ ହେମଗିରି ପୋଲିସ ଟ୍ରକଟିକୁ ଅଟକାଇଥିଲେ। ଯାଞ୍ଚବେଳେ ଟ୍ରକରେ ଥିବା ପ୍ରାୟ ୨୫୦ବସ୍ତା ଚାଉଳକୁ କମ୍‌ଦାମ ଦେଖାଇ ମାର୍କେଟରେ ଗ୍ରାହକଙ୍କୁ ଚଢାଉ ଦରରେ ବିକିବା ପାଇଁ ଅଣାଯାଇଥିବା ଜଣାପଡିଥିଲା। ଏନେଇ ପୋଲିସ ତଦନ୍ତ ଜାରି କରିଥିବା ବେଳେ ଟ୍ରକ ସମେତ ଚାଉଳକୁ ଜବତ କରିଥିବା ଜଣାପଡିଛି।

ଗାଡିରେ ଲିଫ୍ଟ ନେବା ହେଲା କାଳ

ଲିଫ୍ଟ ମାଗି ବସିଥିବା ଯୁବକଙ୍କ ଦ୍ୱାରା ଗାଡିଚାଳକ ଠାରୁ ଲୁଟ

ରାଜଗାଙ୍ଗପୁର,୧୫/୧୦(ଶ୍ରୁ.ମି.): ନିଜ ଗନ୍ତବ୍ୟ ସ୍ଥଳକୁ ଯିବାପାଇଁ ପ୍ରଥମେ ରାସ୍ତାରେ ଯାଉଥିବା ଗାଡିଚାଳକୁ ଅଟକାଇ ଗାଡିରେ ବସିବା ଏବଂ ପରେ ଗାଡିଚାଳକଙ୍କୁ ମାରଣାସ୍ତ୍ର ଦେଖାଇ ଲୁଟକରିବା ଘଟଣା ରାଜଗାଙ୍ଗପୁର ସହରରେ ଚର୍ଚ୍ଚାର ବିଷୟ ହୋଇଛି। ମିଳିଥିବା ସୂଚନା ଅନୁସାରେ ରାଜଗାଙ୍ଗପୁର କୋର୍ଟରେ ଷ୍ଟାମ୍ପପେପର ବିକାଳୀଭାବେ କାର୍ଯ୍ୟକରୁଥିବାର ମଧ ବତାଇ ଅଗ୍ରୱାଲ ନିଜ ଗାଡିରେ ଘୋଘର ଧାମକୁ ଯାଉଥିବା ବେଳେ ବାଟରେ ୨ଜଣ ଯୁବକ ଶ୍ରୀ ଅଗ୍ରୱାଲଙ୍କ ଅଟକାଇ ବିଲାଇଗଡ ରାସ୍ତା(ପଚାରିବା)ସହିତ ଆଗକୁ ବାଟ ଦେଖାଇଦେବାର ଅନୁରୋଧ କରି ଜଣେ ଶ୍ରୀ ଅଗ୍ରୱାଲଙ୍କ ଗାଡି ପଛରେ ବସିଥିଲା। ତେବେ କିଛି ଦୂରଯିବା ପରେ ଏକ ହନୁମାନ ମନ୍ଦିରର ଏକ ନିଛାଟିଆ ସ୍ଥାନରେ ଉକ୍ତ ୨ଜଣ ଯୁବକ ଗାଡିକୁ ଅଟକାଇ ରାମ ଅବତାରକୁ ମାଡମାରି ତାଙ୍କ ନିକଟରେଥିବା ନଗଦ ୫୦୦୦ଟଙ୍କା ,ସୁନା ମୁଦି,ମୋବାଇଲ ଫୋନ ଆଦି ଛଡାଇ ନେଇ ପଳାଥିଲେ। କେବଳ ସେତିକି ନୁହେଁ ଯୁବକମାନେ ଶ୍ରୀ ଅଗ୍ରୱାଲଙ୍କ ଗାଡିକୁ ମଧ ଛଡାଇ ନେବାର ପ୍ରୟାସ କରିବାରୁ ଶ୍ରୀ ଅଗ୍ରୱାଲ ପାଟି କରିବାରୁ ସେମାନେ ଦୌଡିପଳାଇଥିବା ଜଣାପଡିଛି। ପରେ ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ କେସ ରୁଜୁ କରି ତଦନ୍ତ ଚଳାଇଛି।

ପୋଲତଳକୁ ଖସିଲା ଡମ୍ଫର, ଚାଳକ ମୃତ

ଲହୁଣୀପଡା,୧୫/୧୦(ଶ୍ରୁ.ମି.): ଲହୁଣୀପଡା ଥାନା ଅଞ୍ଚଳରେ ଥିବା ଦର୍ଜିଙ୍ଗ ଗ୍ରାମ ପଞ୍ଚାୟତରେ ଆମରୁଡିପୋଲ ଦେବା ପାଇଁ ଯାଉଥିବା ଏକ ଡମ୍ଫର ନମ୍ବର-OR14X6615ର ଚଳକ ଭାରସାମ୍ୟ ହରାଇବାରୁ ୮ପ୍ରାୟ ୫ଫୁଟ ପୋଲତଳକୁ ଡମ୍ଫରଟି ଖସିପଡିଥିଲା। ଫଳରେ ଚାଳକ କଳେବର କୁମ୍ଭାର(୩୦) ଚମ୍ପାଧରଣ ନିକଟରେ ହୋଇଥିବା ଏକ ଦୁର୍ଘଟଣାରେ ପ୍ରମୋଦ କୁମାର ମହାନ୍ତ ନାମକ ଜଣ ବ୍ୟକ୍ତି ଆହତ ହୋଇ ଚିକିତ୍ସା ପାଇଁ ଆଇଜିଏଚ୍ ରେ ଭର୍ତ୍ତି ହୋଇଥିବା ଜଣାପଡିଛି।

ହରିହରପୁର ଓ ବ୍ରଜନାଥପୁରରେ ଧନଦାତ୍ରୀଙ୍କୁ ମେଲାଣି

ତାଳଚେର,୧୫/୧୦(ଶ୍ରୁ.ମି): ତାଳଚେର ବ୍ଲକ ଅନ୍ତର୍ଗତ ବ୍ରଜନାଥପୁର ଗୋଡିସାହି ଓ ହରିହରପୁରରେ ଧନଦାତ୍ରୀଙ୍କ ଭସାଣୀ ଉତ୍ସବ ସମ୍ପନ୍ନ ହୋଇଛି। ଏହି ଉପଲକ୍ଷ୍ୟେ ମା'ଲକ୍ଷ୍ମୀଙ୍କ ମୃଣ୍ମୟ ପ୍ରତିମାକୁ ଶ୍ରଦ୍ଧାଳୁମାନେ ସନ୍ଧ୍ୟା ୬ଟା ବେଳେ ଏକ ବିରାଟ ପଟୁଆରରେ ୨ଟି ପଂଚାୟତର ୮ଟି ଗ୍ରାମରେ ପରିକ୍ରମା କରାଇଥିଲେ। ଘଣ୍ଟ,ମାଦଳ, ନଦିଆଁ, କିର୍ତ୍ତନ ଆଦିରେ ଏକ ଭାବାବେଗ ପରିବେଶ ମଧ୍ୟରେ ମା'ଙ୍କୁ ମେଲାଣି ଦିଆ ଯାଇଥିଲା। ବ୍ରଜନାଥପୁର ପଞ୍ଚାୟତର ସରପଞ୍ଚ ଭାଗୀରଥି ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶାନ୍ତି ଶୃଙ୍ଖଳାର ସହ ବିସର୍ଜନ କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା। ଏହି ଭସାଣୀ ଉତ୍ସବରେ ହରିହରପୁର ଗ୍ରାମର ମାଧବ ସାହୁ, ଶରତ ସାହୁ,ଗୋପ ପ୍ରଧାନ, ଉଚ୍ଛବ ପ୍ରଧାନ,ନିରୋଦ ପ୍ରଧାନ,ପରମା,ବସନ୍ତ, ଅରେଇ, ରିଣ୍ଟୁ, ବାବୁଲା, ଲିପୁ, ବିଭୂତି, କିଶୋରୀ, ବିରେନ ଓ ବ୍ରଜନାଥପୁର ଗ୍ରାମର ଗୋବିନ୍ଦ ସାହୁ, ଅଜିତ ସାହୁ ବିନୋଦ ସାହୁ, ଯଦୁନାଥ ସାହୁ, ସୁମନ୍ତ, ମାଧବ, ଶ୍ରବଣ, ଦୋଳ, ସୁବ୍ରତ ହେମନ୍ତ,ବନମାଳି, ଶିବାନ, ମଣ୍ଟୁ, ମନୋଜ ପ୍ରମୁଖ ସହଯୋଗ କରିଥିଲେ।

ରୁଗୁଡିରେ ଲୋକ ଜନଶକ୍ତି ପାର୍ଟିର ଜିଲ୍ଲା କାର୍ଯ୍ୟାଳୟ ଉଦ୍‌ଘାଟିତ

ବଡବିଲ,୧୫/୧୦ (ଶ୍ରୁ.ମି.): କେନ୍ଦୁଝର ଜିଲ୍ଲା ରୁଗୁଡି ଠାରେ ଲୋକ ଜନ ଶକ୍ତି ପାର୍ଟିର କେନ୍ଦୁଝର ଜିଲ୍ଲା କାର୍ଯ୍ୟାଳୟ ଶନିବାର ଅପରାହ୍ନରେ ଉଦ୍‌ଘାଟିତ ହୋଇଛି। ପାର୍ଟିର କେନ୍ଦୁଝର ଜିଲ୍ଲା ସଭାପତି ସୁବାଷ ଆପଟ ଏହାର ଉଦ୍‌ଘାଟନ କରିଥିଲାବେଳେ ପାର୍ଟିର ରାଜ୍ୟ ସଭାପତି ରାଜନଲାଲ ଶ୍ରୀବାସ୍ତବ, ରାଜ୍ୟ ଉପସଭାପତି ଚିତ୍ତରଞ୍ଜନ ମଲ୍ଲିକ, ପ୍ରିୟ ଦର୍ଶନ ଧୀର, ରାଜ୍ୟ ସାଧାରଣ ସମ୍ପାଦକ ଇନ୍ଦ୍ରଜୀତ ଦାଶ, ଜିଲ୍ଲା ଉପସଭାପତି ବିଜୟ କୁମାର ବାରିକ, ସମ୍ପାଦକ ରଣଜୀତ ସିଂହ, ଲୋଇଡାପଦା ପଞ୍ଚାୟତ ସଭାପତି ରାଜୁ ଖିଲାର, ବଲାଣୀ ପଞ୍ଚାୟତ ସଭାପତି ଉପେନ୍ଦ୍ର ଖିଲାର, ଯୋଡା ବ୍ଲକ ସଭାପତି ଆସିଫ ଆସାଦ ପ୍ରମୁଖ ଉପସ୍ଥିତ ରହିଥିଲେ। ଜନମଙ୍ଗଳକାରୀ କାର୍ଯ୍ୟ ଯଥା ସାଧାରଣ ଲୋକଙ୍କ ମୌଳିକ ଅଧିକାର, ସ୍ୱାସ୍ଥ୍ୟ ସେବା, ଶିକ୍ଷା, ସରକାରୀ ଅନୁଦାନର ସଦ୍‌ବିନିଯୋଗ ଉପରେ ନିରୀକ୍ଷଣ କରିବାକୁ ପାର୍ଟି ସର୍ବଦା ତତ୍ପର ରହିବ ବୋଲି ଘୋଷଣା କରାଯାଇଥିଲା।

ଗୋଟିଏ ରାତିରେ ୩ ଟି ଗ୍ରାମରୁ ଚୋରି

ମାର୍ଶାଘାଇ,୧୫/୧୦(ଶ୍ରୁ.ମି): ମାର୍ଶାଘାଇ ବ୍ଲକ ପାଟକୁରା ଥାନା ଅଂଚଳର ଶନିବାର ବିଳମ୍ବିତ ରାତିରେ ପୃଥକ ପୃଥକ ୩ ଟି ଗ୍ରାମରୁ ଚୋରି ହୋଇଥିବା ପାଟକୁରା ଥାନାରରେ ଅଭିଯୋଗ ହୋଇଛି। ସୂଚନା ମୁତାବକ ରାଘବପୁର ଗ୍ରାମର ବାବୁ ପଣ୍ଡାଙ୍କ ଘରର କବାଟ ଭାଙ୍ଗି ତାଙ୍କ ଗଡ଼ରେଜ୍ ରୁ ୭ ହଜାର ଟଙ୍କା, ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସହ ଏଟିଏମ୍ କାର୍ଡ଼ ଓ ଘରେ ଥିବା ୨ଟି ସାଇକେଲ୍ ଦୃବୃତମାନେ ଲୁଟି ନେଇଛନ୍ତି। ସେହିପରି ମାଣ୍ଡିଆ ଗ୍ରାମର ପରକ୍ଷିତ ବାରିକଙ୍କ ଘରୁ ୧୦ ହଜାର ଟଙ୍କା ସହ ୨ ଟି ମୋବାଇଲ୍ ଚୋରି ହୋଇଛି। ସେହିପରି ପୋଦନା ଗ୍ରାମର ନକୁଳ ବିଶ୍ୱାଳଙ୍କ ଘରୁ ୨ ଟି ସୁନା ଚେନ୍ ,ସୁନା ମୁଦି ସମେତ ୧୭ ହଜାର ଟଙ୍କା ଚୋରି ହୋଇଥିବା ଜଣାପଡ଼ିଛି। ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି। ସୂଚନାଥାଉକି ପାଟକୁରା ଅଞ୍ଚଳରେ ବାରମ୍ବାର ଚୋରି, ଡକାୟତି, ରାହାଜାନି ,ଲୁଟ ଘଟଣା ବଢିଚାଲିଥିବା ବେଳେ ପୋଲିସର ଦକ୍ଷତା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରିଛି।

ଏସ୍.ଡି.ଏଫ୍,ତାଳଚେର ଆନୁକୂଲ୍ୟରେ ବିଜୁ କନ୍ୟା ରତ୍ନ ସପ୍ତାହ ପାଳିତ

ତାଳଚେର,୧୫/୧୦(ଶ୍ରୁ.ମି): ସ୍ୱେଚ୍ଛାସେବୀ ସଙ୍ଗଠନ ସୋସିଆଲ ଡେଭ୍‌ଲପମେଣ୍ଟ ଫାଉଣ୍ଡେସନ, ତାଳଚେର ଏବଂ ସ୍ପନ୍ଦନ, କାଣ୍ଡସର, ଅନୁଗୋଳର ମିଳିତ ସହଯୋଗରେ ବିଜୁ କନ୍ୟା ରତ୍ନ ସପ୍ତାହ ଦିବ୍ୟଜୀବନ ହାଇସ୍କୁଲ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମକୁ ସ୍ଥାନୀୟ ସରପଞ୍ଚ ଦୁର୍ଯ୍ୟୋଧନ ମୁଦୁଲି ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହ ରାଜ୍ୟ ବାଳିକା ଓ ମହିଳା ନୀତି ୨୦୧୪ ମାଧ୍ୟମରେ ବାଳିକାମାନଙ୍କୁ ସମାନ ସୁବିଧା, ସୁଯୋଗ ପ୍ରଦାନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରାରମ୍ଭରେ ସୋସିଆଲ ଡେଭଲ ପମେଣ୍ଟ ଫାଉଣ୍ଡେସନ,ତାଳଚେରର ନିର୍ଦ୍ଦେଶକ ବୁଦ୍ଧଦେବ ଦାସ ଅତିଥି ପରିଚୟ ପ୍ରଦାନ କରିବାସହ କନ୍ୟା ସନ୍ତାନଙ୍କର ସ୍ୱାସ୍ଥ୍ୟ, ପୁଷ୍ଟି, ନିରାପତ୍ତା, ବିଦ୍ୟାଳୟକୁ ଯିବା ଓ ସେମାନଙ୍କର ବିକାଶ ନିମନ୍ତେ ଉପଯୁକ୍ତ ପରିବେଶ ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ପନ୍ଦନର ନିର୍ଦ୍ଦେଶକ କନ୍ୟା ଶିଶୁର ଗୁରୁତ୍ୱ ସମ୍ପର୍କରେ ଗୋଷ୍ଠୀଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବାକୁ ଆହ୍ୱାନ ଦେଇଥିଲେ। ଶେଷରେ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଏପରି ଏକ ଭଲ କାର୍ଯ୍ୟକ୍ରମ କରାଯାଇଥିବାରୁ ସ୍ୱେଚ୍ଛାସେବୀ ସଙ୍ଗଠନକୁ ଧନ୍ୟବାଦ ପ୍ରକଟ କରାଯାଇଥିଲା। ସେହପରି ଅନୁଗୋଳ ବ୍ଲକ ରନ୍ତଲେଇ ପଞ୍ଚାୟତ ଅନ୍ତର୍ଗତ ମୂଷା ପାପୁଲି ୟୁପି ସ୍କୁଲଠାରେ ସୋସିଆଲ ଡେଭଲପମେଣ୍ଟ ଫାଉଣ୍ଡେସନ,ତାଳଚେର ପକ୍ଷରୁ ବିଜୁ କନ୍ୟା ରତ୍ନ ସପ୍ତାହ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ସଙ୍ଗଠନର ନିର୍ଦ୍ଦେଶକ ବୁଦ୍ଧଦେବ ଦାସ ଅତିଥି ପରିଚୟ ପ୍ରଦାନ କରିବାସହ,କନ୍ୟାମାନେ ସେମାନଙ୍କର ମତକୁ ସ୍ୱାଧିନଭାବେ ପରିପ୍ରକାଶ କରିବା ଏବଂ ସମସ୍ତ କାର୍ଯ୍ୟରେ ସକ୍ରିୟତାର ସହ ଅଂଶଗ୍ରହଣ କରିବା ନେଇ ସମସ୍ତଙ୍କୁ ବୁଝାଇଥିଲେ। ରାଜେଶ କୁମାର ଦାସ,ମହାଦେବ ଦାସ,ଆଶିଷ ସାମଲ,ଦୁର୍ଯ୍ୟୋଧନ ଗଡନାୟକ,ବିନୋଦ କୁମାର ଦାସ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରକାଶଥାଉକି ସୋସିଆଲ ଡେଭଲପମେଂଟ ଫାଉଣ୍ଡେସନ,ସେଚ୍ଛାସେବୀ ସଙ୍ଗଠନ ତାଳଚେର ପକ୍ଷରୁ ଅନୁଗୋଳ ଜିଲ୍ଲାରେ କନ୍ୟାରତ୍ନ ବୃଦ୍ଧି ଲିଙ୍ଗଗତ ଭେଦଭାବ ଦୂରୀକରଣ,କନ୍ୟା ଭ୍ରୁଣ ହତ୍ୟା ରୋକାଯିବା,ପୁଷ୍ଟି,ନିରାପତ୍ତା,ଶିକ୍ଷା ଅଧିକାର,ଶିଶୁ ସୁରକ୍ଷା ଅଧିକାର ଆଦି ଉପରେ ସଚେତନତା କାର୍ଯ୍ୟକ୍ରମମାନ ଆୟୋଜିତ କରାଯାଇ ଆସୁଛି।

ଗଡତଳ କଲେଜରେ ଯୋଗ ଶିବିର ଉଦ୍‌ଘାଟିତ

ତାଳଚେର,୧୫/୧୦(ଶ୍ରୁ.ମି): ତାଳଚେର ଥର୍ମାଲ ନିକଟସ୍ଥ ଗଡତଳ କଲେଜରେ ଏନ୍.ଟି.ପି.ସି/ ଟି.ଟି.ପି.ଏସ ସହଯୋଗରେ ଆୟୋଜିତ ଏକ ୩ଦିନିଆ ରେଡକ୍ରସ କ୍ୟାମ୍ପ ତଥା ଯୋଗ ଶିବିରକୁ ତାଳଚେର ଉପଜିଲ୍ଲାପାଳ ମିହିର ପ୍ରସାଦ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ତାଳଚେର ଥର୍ମାଲ ପ୍ରକଳ୍ପ ଜି.ଏମ୍ ମିଥିଲେଶ କୁମାର ସିଂ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ତାଳଚେର ଥର୍ମାଲ ଏ.ଜି.ଏମ୍ (ଏଚ.ଆରଆଲୋଇସ ଟପ୍ନୋ, ମ୍ୟାନେଜର (ଏଚ.ଆର)ରାକେଶ ସିଂକୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଉପ ଜିଲ୍ଲାପାଳ ଶ୍ରୀ ମହାନ୍ତି ଯୋଗର ଅତୀତ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଜି.ଏମ୍ ଶ୍ରୀ ସିଂ ଆଧୁନିକ ଜୀବନ ଚର୍ଯ୍ୟାରେ ଯୋଗର ଗୁରୁତ୍ୱ ଏବଂ ଏହାର ପ୍ରଚାର, ପ୍ରସାରର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ। ସେହିପରି ଶ୍ରୀ ଟପ୍ନୋ ଆଜିର ଯୁବ ସମାଜ ଯୋଗ ଏବଂ ଶାରୀରିକ ବ୍ୟାୟାମକୁ ଗ୍ରହଣ କରି ଦୈନନ୍ଦିନ ଜୀବନରେ ଏହାକୁ ସାମିଲ କରିବାକୁ ସମସ୍ତଙ୍କୁ ଆହ୍ୱାନ କରିଥିଲେ। ଏହି ଶିବିରରେ ମୋଟ୍ ୧୫୦ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

ବିଜେପି କର୍ମୀଙ୍କ ଅନ୍ୟାୟ ପୂର୍ଣ୍ଣ ଗିରଫଦାରୀ ନେଇ ଦଳ ପକ୍ଷରୁ ତୀବ୍ର ପ୍ରତିକ୍ରିୟା

ପର୍ଜଙ୍ଗ ଥାନା ଆଇଆଇସିଙ୍କ ବଦଳି ଦାବି: ୧୮ରେ ଏସଡ଼ିପିଓଙ୍କ କାର୍ଯ୍ୟାଳୟ ଘେରାଉ

ଢେଙ୍କାନାଳ, ୧୫/୧୦(ଶ୍ରୁ.ମି): ଢେଙ୍କାନାଳ ଜିଲ୍ଲା ପର୍ଜଙ୍ଗ ବ୍ଲକ ଭାରତୀୟ ଜନତା ପାର୍ଟି ପକ୍ଷରୁ ୯ ଦଫା ଦାବି ନେଇ ବ୍ଲକ ଘେରାଉ କରାଯାଇଥିବା ବେଳେ ବ୍ଲକ ପରିସରରେ ଲଙ୍କାକାଣ୍ଡ ସୃଷ୍ଟି ହୋଇଥିଲା। ବିଡ଼ିଓଙ୍କ ଏତଲାକ୍ରମେ ପୁଲିସ ୧୮ ଜଣ ବିଜେପି କର୍ମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହାର ପ୍ରତିବାଦରେ ଆଜି ଜିଲ୍ଲା ବିଜେପି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ଜିଲ୍ଲା ସଭାପତି ବିଭୂତି ଭୂଷଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ପୂର୍ବତନ ରାଜ୍ୟସଭା ସାଂସଦ ରୁଦ୍ର ନାରାୟଣ ପାଣି ଏକ ବିବୃତି ରଖି କହିଥିଲେ ଯେ ଶାସକ ଦଳର ଇଙ୍ଗିତରେ ପୁଲିସ ବିଜେପିର ନିରୀହ କର୍ମୀମାନଙ୍କୁ ଗିରଫ କରିଛି । ସେ ମୁଖ୍ୟ ଅଭିଯୁକ୍ତ ବୋଲି ପୁଲିସ ଦର୍ଶାଇଥିବା ବେଳେ ତାଙ୍କୁ କାହିଁକି ଗିରଫ କରାଯାଉନି ବୋଲି ସେ ଜିଲ୍ଲା ଏସପିଙ୍କୁ ଖୋଲାଖୋଲି ଆହ୍ୱାନ ଦେଇଛନ୍ତି । ଏଭଳି ଅନ୍ୟାୟ ଗିରଫଦାରୀ ଯଦି ଜାରି ରହେ ତେବେ ଆସନ୍ତା ୧୮ ତାରିଖରେ କାମାକ୍ଷାନଗର ଏସଡିପିଓଙ୍କ କାର୍ଯ୍ୟାଳୟ ଘେରାଉ କରାଯିବା ସହିତ ଜେଲଭରୋ ଆନ୍ଦୋଳନ କରାଯିବ ବୋଲି ଶ୍ରୀ ପାଣି ଚେତାବନୀ ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ତଥା ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି କୃଷ୍ଣଚନ୍ଦ୍ର ପାତ୍ର କହିଥିଲେ ଯେ ବିଜେପି କର୍ମୀଙ୍କୁ ଯେପରି ଅନ୍ୟାୟ ଭାବେ ଗିରଫ କରାଯାଉଛି ସେଥିପାଇଁ ପର୍ଜଙ୍ଗ ଥାନା ଆଇଆଇସି ଲିଙ୍ଗରାଜ ଲେଙ୍କାଙ୍କୁ ଆସନ୍ତା ୧୭ ତାରିଖ ସୁଦ୍ଧା ବଦଳି କରିବା ପାଇଁ ଦାବି କରିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ନଗରପାଳ ସୁଧାଂଶୁ କୁମାର ଦଳେଇ, ପୂର୍ବତନ ନଗରପାଳ ସୁନିଲ ଶର୍ମା, ପୂର୍ବତନ ଜିଲ୍ଲା ସଭାପତି ନରେଶ ମହାପାତ୍ର ଏବଂ ଜିଲ୍ଲା ଉପ ସଭାପତି ନବକିଶୋର ଗୁରୁ, ସଂପାଦକ ପ୍ରେମାନନ୍ଦ ଜେନା ପ୍ରମୁଖ ପୁଲିସର ଦମନଲୀଳାକୁ ତୀବ୍ର ନିନ୍ଦା କରିଥିଲେ । ଉଲ୍ଲେଖ ଯୋଗ୍ୟ, ପର୍ଜଙ୍ଗ ବ୍ଲକରେ ହେଉଥିବା ଦୁର୍ନୀତି, ଦଳୀୟ ପ୍ରତିନିଧିଙ୍କୁ ଅଣଦେଖା, ଜାତୀୟ ଖାଦ୍ୟ ନିରାପତା ଯୋଜନାରେ ଅଯୋଗ୍ୟଙ୍କୁ ସାମିଲ କରିବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅଯୋଗ୍ୟ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ, ଭତା ପ୍ରଦାନରେ ଅନିୟମିତତା, ପାଇଖାନା ନିର୍ମାଣରେ ହେରଫେର, ଫସଲ କ୍ଷତିପୂରଣ ପ୍ରଦାନରେ ବ୍ଲକ ପ୍ରଶାସନର ସ୍ଥାଣୁତା, ନଳକୂପ ଖନନରେ ହେଉଥିବା ଦୁର୍ନୀତିର ତଦନ୍ତ ଦାବି କରି ଭାଜପା ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା ।

ଟ୍ରକ୍ ଓଲଟି ୨ ଗୁରୁତର

ଗଞ୍ଜାମ, ୧୫/୧୦(ଶ୍ରୁ.ମି.): ରମ୍ଭା ଥାନା ଅନ୍ତର୍ଗତ ସାବୁଲିଆ ଗ୍ରାମ ନିକଟସ୍ଥ ଜାତୀୟ ରାଜପଥରେ ଖୋର୍ଦ୍ଧାରୁ ରାଜମହେନ୍ଦ୍ରି ଯାଉଥିବା ଏକ ତାର ବୋଝେଇ ଟ୍ରକ ନଂ- AP31AT4789ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଫଳରେ ଗାଡିର ଡ୍ରାଇଭର ଓ ହେଲପର ଏନ୍ କୁଟୁସୁ ରାଓ ଓ ଏସ୍.କେ ଜୈନ ଗୁରୁତର ଆହତ ହୋଇଥିଲେ। ପ୍ରଥମେ ତାଙ୍କୁ ରମ୍ଭା ମେଡିକାଲ ପରେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଗୁରୁତର ଆହତ ଡ୍ରାଇଭର ଓ ହେଲପର ଘର ଆନ୍ଧ୍ରପ୍ରଦେଶର ବିଜୟାୱାର ବୋଲି ଜଣାପଡିଛି।

ବିବାହର ପ୍ରତିଶ୍ରୁତି ଦେଇ ପ୍ରତାରଣା-ଯୁବକ ଗିରଫ

ଗଞ୍ଜାମ, ୧୫/୧୦(ଶ୍ରୁ.ମି.): ଗଞ୍ଜାମ ବ୍ଲକ ଅନ୍ତର୍ଗତ ଆଲିଆବାଦ ଗ୍ରାମ ଜୈନିକ ଯୁବତୀ ବିବାହର ପ୍ରତିଶ୍ରୁତି ପ୍ରତାରଣା କରିବା ଅଭିଯୋଗରେ ଉକ୍ତ ଗ୍ରାମର ଯୁବକ ଉଦୟ ନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଗଞ୍ଜାମ ଆଇଆଇସି ରମାକାନ୍ତ ମହାଳିକ ସୂଚନା ଦେଇଛନ୍ତି।

ଭାଲୁ କାମୁଡାରେ ଜଣେ ଗୁରୁତର

ତେଲକୋଇ୧୫/୧୦(ଶ୍ରୁ.ମି):ତେଲକୋଇ ବନାଂଚଳ ଅଧିନସ୍ଥତ କରଦାଙ୍ଗୀ ପଂଚାୟତର ଆମ୍ବତଇଲା ସାହିର ଚିନ୍ତାମଣୀ ମହାନ୍ତ(୪୫) ଗୋରୁ ଚରେଇବା ସମୟରେ ଭାଲୁ ଆକ୍ରମଣର ଶିକାର ହୋଇଛନ୍ତି । ସାହି ଲୋକେ ତୁରନ୍ତ ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରି ଚିକିତ୍ସା କରାଇଥିଲେ । ହେଲେ ଗୁରୁତର ଥିବା ଯୋଗୁଁ ତାଙ୍କୁ କେନ୍ଦୁଝର ସ୍ୱାସ୍ଥ୍ୟକେନ୍ଦ୍ର କୁ ପଠାଇଯାଇଥିଲା । ବନାଂଚଳ ଅଧିକାରୀ ଗୁରୁତରଙ୍କୁ ଚିକିତ୍ସା ପାଇଁ ଆର୍ଥିକ ସହାୟତା ଦେଲେ ।

କେଜେଏସ ଆହଲୁୱାଲିଆ କାରଖାନାରେ ଦୁର୍ଘଟଣା

ଘଟଣାସ୍ଥଳ ପରିଦର୍ଶନ କଲେ ଫ୍ୟାକ୍ଟ୍ରିଜ ଏଣ୍ଡ ବଏଲର ନିର୍ଦ୍ଦେଶକ କମଳେନ୍ଦୁ

ବଡବିଲ, ୧୫;।୧୦ (ଶ୍ରୁ.ମି.):- କେନ୍ଦୁଝର ଜିଲ୍ଲା ରୁଗୁଡି ଥାନା ଅନ୍ତର୍ଗତ ବରପଦାସ୍ଥିତ କେଜେଏସ ଆହଲୁୱାଲିଆ କାରଖାନାରେ ଶୁକ୍ରବାର ଦିନ ହୋଇଥିବା ବିସ୍ଫୋରଣରେ ୧୩ ଶ୍ରମିକ ପୋଡି ହେବା ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ନିମନ୍ତେ ଫ୍ୟାକ୍ଟ୍ରିଜ୍ ଏଣ୍ଡ ବଏଲର୍ସ ନିର୍ଦ୍ଦେଶକ କମଳେନ୍ଦୁ ମହାପାତ୍ର ଓ କେନ୍ଦୁଝର ଜୋନ୍ ସହ-ନିର୍ଦ୍ଦେଶକ ଉମେଶ ଚନ୍ଦ୍ର ସୂତାର ଶନିବାର ଅପରାହ୍ନରେ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ବାରମ୍ବାର ଦୁର୍ଘଟଣା ଘଟୁଥିବା ଆହଲୁୱାଲିଆ କାରଖାନାର ଇଡିଙ୍କ ଉପରେ ବିରକ୍ତ ହୋଇଥିଲେ ନିର୍ଦ୍ଦେଶକ କମଳେନ୍ଦୁ ମହାପାତ୍ର। ତଦନ୍ତ ପ୍ରକ୍ରିୟାରେ କମଳେନ୍ଦୁ କହିଛନ୍ତିଯେ, ଇଣ୍ଡକଶନ ଫର୍ଣ୍ଣେସରେ କଏଲ ଥାଏ ଓ ତାକୁ ଥଣ୍ଡା କରିବାକୁ ପାଣି ରହେ। କୌଣସି କାରଣରୁ କଏଲ ଲିକ୍ ହୋଇ ଏହି ବିସ୍ଫୋରଣ ଘଟିଛି। ଇଣ୍ଡକଶନ ଫର୍ଣ୍ଣେସର ନକ୍ସା ପ୍ରସ୍ତୁତକାରୀ ଓ ନିର୍ମାଣକାରୀଙ୍କୁ ଡାକି ଏହାର କାରଣ ଖୋଜି ବାହାର କରିବାକୁ କୁହାଯାଇଛି। କାରଖାନାରେ ଢିଲା ସୁରକ୍ଷା ବ୍ୟବସ୍ଥା ଥିବା ନେଇ ନିର୍ଦ୍ଦେଶକ ଅନୁଭବ କରି କହିଛନ୍ତି ଯେ, ସୁରକ୍ଷା ବ୍ୟବସ୍ଥାକୁ ନେଇ ପୂର୍ବରୁ ଅଭିଯୋଗ ହୋଇଥିଲା। ବିଭାଗ ପକ୍ଷରୁ ସେଥିନେଇ ପଦକ୍ଷେପ ମଧ୍ୟ ନିଆଯାଇଥିଲା। କାରଖାନା ବିରୁଦ୍ଧରେ ପୂର୍ବରୁ ୪ ଟି ମକଦମା ରୁଜୁ କରାଯାଇଛି। ଦୁର୍ଘଟଣାର କାରଣ ଖୋଜି ବାହାର କରିବା ସହ ସୁରକ୍ଷା ବ୍ୟବସ୍ଥାର ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ ପରେ ପଦକ୍ଷେପ ନିଆଯିବ। ତେବେ ନିର୍ଦ୍ଦେଶକ କମଳେନ୍ଦୁ ମହାପାତ୍ର ଯୋଡାରେ ଚିକିତ୍ସିତ ହେଉଥିବା ଶ୍ରମିକଙ୍କୁ ଭେଟିଥିବାବେଳେ ବିଭାଗର ସହ ନିର୍ଦ୍ଦେଶକ କଟକରେ ଚିକିତ୍ସିତ ହେଉଥିବା ଶ୍ରମିକଙ୍କୁ ଭେଟିଥିବା ଜଣାଇଛନ୍ତି। ଦୁର୍ଘଟଣା ପରେ ଫର୍ଣ୍ଣେସ ସମ୍ପୂର୍ଣ୍ଣ ଅଦରକାରୀ ଅଟେ। ସମ୍ପୂର୍ଣ୍ଣ ଫର୍ଣ୍ଣେସ ବଦଳ କରାଯିବା ପରେ କାରଖାନା ଚାଲୁ କରିବାକୁ ଅନୁମତି ଦିଆଯିବ ଓ ସେପର୍ଯ୍ୟନ୍ତ କାରଖାନା ବନ୍ଦ ରହିବ ବୋଲି ନିର୍ଦ୍ଦେଶକ କମଳେନ୍ଦୁ ମହାପାତ୍ର କହିଛନ୍ତି।

ଦିନେଶଙ୍କୁ ସଦ୍‌ଭାବନା ପୁରସ୍କାର

ରାଜକନିକା, ୧୫/୧୦ (ଶ୍ରୁ.ମି.): ରାଜକନିକା ବ୍ଲକ୍ ଅଧିନ ମା ଯଶୋଦା ପୂଜ୍ୟପୂଜା ସଂସଦର ଅଧ୍ୟକ୍ଷ ବିଶିଷ୍ଟ ସଙ୍ଗୀତକାର ତଥା ଯୁବ ସମାଜସେବୀ ଦିନେଶ ମଲ୍ଲିକଙ୍କୁ ଭୁବନେଶ୍ୱରସ୍ଥିତ ରେଡ୍‌କ୍ରସ୍ ଭବନରେ ଗତ ଶୁକ୍ରବାର ଦିନ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ରାଜ୍ୟସ୍ତରୀୟ କବି କଳାକାର ସମାବେଶରେ ଉଲ୍ଲେଖନୀୟ କୃତି ପାଇଁ ମୁଖ୍ୟ ଅତିଥି ଶିଶୁ ଓ ମହିଳା ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୂର୍ବତନ ବାଚସ୍ପତି ଶରତ କର, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଅଶ୍ୱିନୀ ମିଶ୍ରଙ୍କ ଉପସ୍ଥିତିରେ ଶ୍ରୀ ମଲ୍ଲିକଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର, ଉତ୍ତରୀୟ ଦେଇ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଏ ଖବର ପ୍ରଚାରିତ ହେବାପରେ ରାଜକିକା ବ୍ଲକ୍‌ର ପ୍ରାକ୍ତନ ଅଧ୍ୟକ୍ଷ କପିଳେନ୍ଦ୍ର ମଲ୍ଲିକ, ଏଡିଏମ୍ ଧନଞ୍ଜୟ ସ୍ୱାଇଁ, ପ୍ରଶାସନିକ ଅଧିକାରୀ ଗଗନ ବିହାରୀ ସାହୁ, ସମାଜସେବୀ କପିଳ ମିଶ୍ର, ରାଜକନିକା ଥାନାଧିକାରିଣୀ ସନ୍ଧ୍ୟାରାଣୀ ବେହୁରିଆ, ଶିକ୍ଷକ ସଞ୍ଜୟ ସାମଲ, ବଟକୃଷ୍ଣ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ପତି, ଅର୍ଚ୍ଚିତା ଦାସ, ସ୍ୱର୍ଣ୍ଣଲତା ଦାସ, ନଳିନୀପ୍ରଭା ଦାସ ପ୍ରମୁଖ ଶ୍ରୀ ମଲ୍ଲିକଙ୍କୁ କୃତଜ୍ଞତା ଜଣାଇଛନ୍ତି।

ଯୋଗାଣ ବିଭାଗ ଅଧିକାରୀଙ୍କ ମଧ୍ୟରେ ମତଭେଦ

ନିରୀକ୍ଷକମାନେ ଗଢ଼ିଲେ ନୂତନ ସଂଘ

ଭୁବନେଶ୍ୱର, ୧୫/୧୦(ଶ୍ରୁ.ମି): ରାଜ୍ୟସରକାରଙ୍କ ଖାଦ୍ୟ, ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗରେ କାର୍ଯ୍ୟରତ ଅଧିକାରୀମାନଙ୍କ ମଧ୍ୟରେ ସଂଘ ପ୍ରସଙ୍ଗକୁ ନେଇ ତୀବ୍ର ମତଭେଦ ସୃଷ୍ଟି ହୋଇଛି । ଏପରିକି ଏହି ବିଭାଗ ଅଧିନରେ କାର୍ଯ୍ୟରତ ଯୋଗାଣ ଏବଂ ବିପଣୀ ନିରୀକ୍ଷକମାନେ ନୂତନ ସଂଘ ଗଠନ କରିଛନ୍ତି । ଯାହାର ନାମ ରଖାଯାଇଛି ଓଡ଼ିଶା ରାଜ୍ୟ ଯୋଗାଣ ବିଭାଗ ନିରୀକ୍ଷକ ସଂଘ (ଓଡ଼ିଶା ଷ୍ଟେଟ୍ ଇନିସ୍‌ପେକ୍ଟର ଅଫ୍ ସପ୍ଲାଇଜ୍ ଆସୋସିଏସନ୍)

ଖବର ନେବାରେ ଜଣାପଡ଼ିଛି ଯେ, ଯୋଗାଣ ବିଭାଗର ଅଧିକାରୀମାନଙ୍କୁ ନେଇ ୧୯୬୨ ମସିହାରେ ଅଲ୍ ଓଡ଼ିଶା ସିଭିଲ୍ ସପ୍ଲାଇଜ୍ ଏକ୍‌ଜିକ୍ୟୁଟିଭ୍ ଅଫିସରର୍ସ ଆସୋସିଏସନ୍ ଗଠନ କରାଯାଇଥିଲା । ସେଥିରେ ଜିଲ୍ଲା ଯୋଗାଣ ଅଧିକାରୀ, ସହକାରୀ ଯୋଗାଣ ଅଧିକାରୀ ଏବଂ ନିରୀକ୍ଷକମାନେ ସାମିଲ୍ ଥିଲେ । ମାତ୍ର ଏହି ସଂଘ ନିରୀକ୍ଷକମାନଙ୍କ ବିଭିନ୍ନ ସମସ୍ୟା ଓ ଯୁକ୍ତିଯୁକ୍ତ ଦାବୀ ପ୍ରତି ଗୁରୁତ୍ୱ ଦେଲାନାହିଁ । ଅସଲ କଥା ହେଉଛିଯେ, ଏହି ସଂଘର ସାଧାରଣ ପରିଷଦ ବୈଠକ ଗତ ୨୦୦୪ ମସିହା ଜୁନ୍ ୧୧ ତାରିଖରେ ଅନୁଷ୍ଠିତ ହୋଇଥିଲା । ନିରୀକ୍ଷକମାନେ ଏ ସଂକ୍ରାନ୍ତରେ ଅଭିଯୋଗ କଲେ ବି ତାହା ଡକା ଗଲାନାହିଁ । ତେଣୁ ଉଭୟ ଯୋଗାଣ ନିରୀକ୍ଷକ ଓ ବିପଣୀ ନିରୀକ୍ଷକମାନେ ମୂଳ ସଂଘରୁ ଓହରିଯାଇ ନୂତନ ସଂଘ ଗଠନ କରିଛନ୍ତି । ଏହି ନୂତନ ସଂଘକୁ ପ୍ରଚଳିତ ଆଇନ୍ ଅନୁସାରେ ବିଧିବଦ୍ଧ ଭାବେ ପଞ୍ଜିକରଣ ନିମନ୍ତେ ଯୋଗାଣ ବିଭାଗ ଏବଂ ସ୍ୱରାଷ୍ଟ୍ର ବିଭାଗକୁ ମଧ ପତ୍ର ଲେଖାଯାଇଛି । (ଅଭିଯୋଗ ପ୍ରକୋଷ୍ଠ ନଂ-୭୯୩/୨୯.୦୬.୨୦୧୬) ଏ ସମ୍ପର୍କରେ ନୂତନ ସଂଘର କାର୍ଯ୍ୟକାରୀ ସଭାପତି ବିଷ୍ଣୁଚରଣ ପରିଡ଼ା କହିଛନ୍ତି ଯେ, ଏବେ ଯୋଗାଣ ବିଭାଗରେ ୩୧ଜଣ ଜିଲ୍ଲାଯୋଗାଣ ଅଧିକାରୀ, ୧୨୦ଜଣ ସରକାରୀ ଯୋଗାଣ ଅଧିକାରୀ ଥିଲାବେଳେ ନିରୀକ୍ଷକଙ୍କ ସଂଖ୍ୟା ହେଉଛି ୩୩୩ । ନୂତନ ସଂଘ ଗଠନ ହେଲାପରେ ପୂର୍ବ ସଂଘର ଆଗାମୀ ୧୪.୧୦.୨୦୧୭ କାର୍ଯ୍ୟକ୍ରମକୁ ବର୍ଜନ କରାଯାଇଛି । ଏହି ବର୍ଜନ ନିଷ୍ପତ୍ତିକୁ ସମସ୍ତେ ନିରୀକ୍ଷକ ସ୍ୱାଗତ କରିଛନ୍ତି ।

ହର ଗୌରୀ ଯାତ୍ରା ଉଦ୍‌ଯାପିତ

ସୁବର୍ଣ୍ଣପୁର, ୧୫/୧୦(ଶ୍ରୁ.ମି.): ଦୀର୍ଘ୯ଦିନ ଧରି ସ୍ଥାନୀୟ ଢ଼େରାପଡ଼ା ବୁଢୀମା ମନ୍ଦିର ପ୍ରାଙ୍ଗଣରେ ଚାଲିଥିବା ସୁବର୍ଣ୍ଣପୁରର ପ୍ରସିଦ୍ଧ ହରଗୌରୀ ଯାତ୍ରା ଗତ କାଲି ଉଦ୍‌ଯାପିତ ହୋଇଯାଇଛି। ଗତ ରାତ୍ରିରେ ଶ୍ରୀଶ୍ରୀ ହରଗୌରୀଙ୍କୁ ମୁଣ୍ଡରେ ଧାରଣ କରି ଦୁଇଜଣ ମହିଳା ବିଭିନ୍ନ ସାହି ପରିକ୍ରମା କରିଥିଲେ। ପରେ ସୁସଜ୍ଜିତ ଗାଡିରେ ତାଙ୍କୁ ବସାଇବା ପରେ ସକାଳ ୪ଟାରୁ ଦେବ ଦମ୍ପତିଙ୍କ ଭସାଣୀ ଉତ୍ସବ ଅନେକ ଜାକଜମକରେ ଅନୁଷ୍ଠିତ ହୋଇଥିଲା। ବିଶେଷ କରି ନଗର ପରିକ୍ରମାର ଶୋଭାଯାତ୍ରାରେ ବ୍ରହ୍ମପୁରର ଯୋଡିଶଙ୍ଖ, ଭଞ୍ଜନଗରର ବାଘନୃତ୍ୟ, କଟକର କାଳୀନୃତ୍ୟ ଓ ଭବାନିପାଟଣାର ଆଦିବାସୀ ନୃତ୍ୟର ତାଳେ ତାଳେ ଦିନ ୨ଟା ପର୍ଯ୍ୟନ୍ତ ହଜାର ହଜାର ଦର୍ଶକ ଝୁମିଥିଲେ। ପ୍ରକାଶ ଯୋଗ୍ୟ ଯେ ସୁବର୍ଣ୍ଣପୁରରେ ବସବାସ କରି ଆସୁଥିବା ତେଲୁଗୁ ସଂପ୍ରଦାୟ ଦେୱାଙ୍ଗ ଡେରା ସମାଜ ପକ୍ଷରୁ କେଉଁ ଆବାହମାନ କାଳରୁ ଅନୁଷ୍ଠିତ ହେଉଥିବା ଏହି ହରଗୌରୀ ଯାତ୍ରା ବା ବୁଢୀମା ଯାତ୍ରା ଏବେ ଆଉ ନିର୍ଦ୍ଦିଷ୍ଟ ଗୋଟିଏ ଜାତି ଦ୍ୱାରା ଆବଦ୍ଧ ନରହି କ୍ରମେ ସମସ୍ତ ବର୍ଗର ଜନସାଧାରଣଙ୍କ ସଂସ୍କୃତିରେ ଏବେ ଏକ ଗଣପର୍ବର ମାନ୍ୟତା ପାଇ ସାରିଛି। ଆଶ୍ୱିନ ପୂର୍ଣ୍ଣମୀଠାରୁ ଆରମ୍ଭ ହେଉଥିବା ଏହି ହରଗୌରୀଯାତ୍ରା ଦିର୍ଘ ୯ଦିନ ଧରି ବିଭିନ୍ନ ପରଂପରା ଓ ସଂସ୍କୃତିର ଗାଥା ବହନ କରି ସମଗ୍ର ସହରରେ ଭାଇଚାରା ଓ ଭାତୃଭାବର ବାର୍ତ୍ତା ବାଣ୍ଟିଥାଏ। ଏହି ଯାତ୍ରା ସମୟରେ ସମଗ୍ର ସହର ଉତ୍ସବ ମୁଖର ହୋଇଥିବା ସହ ସମସ୍ତ ସହରବାସୀଙ୍କ ପ୍ରତ୍ୟେକ୍ଷ ଯୋଗଦାନରେ ଏହିଯାତ୍ରା ଦିନକୁଦିନ ବହୁତ ଆଦୃତି ଲାଭ କରି ପାରିଛି। ସ୍ମରଣ ଯୋଗ୍ୟଯେ ତେଲୁଗୁ ସଂପ୍ରଦାୟ ତରଫରୁ ଆୟୋଜିତ ହେଉଥିବା ଏହି ଯାତ୍ରା ଯୋଗୁଁ ବିଭିନ୍ନ ପାରଂପରିକ ରୀତିନୀତିରେ ଏହା ଆୟୋଜିତ ହେଉଥିବା ବେଳେ ପୂର୍ଣ୍ଣ କୁମ୍ଭର ଉପରିଭାଗରେ ତେଲଦୀପ ଜାଳିବା ହେଉବା ପୃଥିବୀର ମଙ୍ଗଳ ପାଇଁ ଏକଖଣ୍ଡା ଦ୍ୱାରା ବନ୍ଦାଣ ସମୟରେ ତେଲୁଗୁ ସ୍ତୋତଗାନ ଦ୍ୱାରା ସମସ୍ତ ପରିବେଶରେ ଏକ ଭାବପୂର୍ଣ୍ଣ ଭାବ ଗଢି ଉଠିଥିଲା। ପ୍ରତ୍ୟେକଦିନ ସନ୍ଧ୍ୟାରେ ଆୟୋଜିତ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ଯଥାକ୍ରମେ କଟକ କଳାବିକାଶ କେନ୍ଦ୍ର, କଳାଶ୍ରୀ ଆର୍ଟ ଏକାଡେମୀ ଭୁବନେଶ୍ୱର, ସ୍ରିଷ୍ଟି ଡାନ୍ସ ଏକାଡେମୀ କୋଲକାତା, ଗୀତ ସଙ୍ଗୀତ ଖଡଗପୁର ଦ୍ୱାରା ପ୍ରତ୍ୟେହ ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମକୁ ମଧ ଦର୍ଶକ ଡେର ରାତି ଯାଏ ଦେଖି ଝୁମି ଉଠିଥିବା ଦେଖାଯାଇଥବଲା। ସର୍ବୋପରି ଚଳିତ ବର୍ଷ ହରଗୌରୀ ଯାତ୍ରାର ସଫଳ ଆୟୋଜନ ପାଇଁ ସମସ୍ତ ଜନସାଧାରଣ, ଜିଲ୍ଲା ପ୍ରଶାସନ, ପୋଲିସ ପ୍ରଶାସନ, ଗଣମାଧମର ସହଯୋଗ ପାଇଁ ଯାତ୍ରା କମିଟି ପକ୍ଷରୁ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

ବିପୁଳ ପରିମାଣରେ ଦେଶୀମଦ ସହ ପିକଅପ୍ ଜବତ,ଜଣେ ଗିରଫ

ଧାମନଗର, ୧୫/୧୦(ଶ୍ରୁ.ମି): ଧାମନଗର ଥାନା ଅନ୍ତର୍ଗତ ତାଳପଦା ଯେନା ସାହି ନିକଟରୁ ଏକ ପିକଅପ୍ ଗାଡିରେ ଚୋରାରେ ବିକ୍ରିପାଇଁ ଯାଉଥିବା ବିପୁଳ ପରିମାଣରେ ଦେଶୀମଦ ସ୍ଥାନୀୟ ପୋଲିସ ଜବତ କରିଥିବା ବେଳେ ଗାଡି ଡ୍ରାଇଭରକୁ ଗରିଫ କରିଛି । ଶନିବାର ବିଳମ୍ବିତ ରାତ୍ରିରେ ଧାମନଗର ପୋଲିସ ପେଟ୍ରୋଲିଂ କରୁଥିବା ସମୟରେ ମଦବୋଝେଇ ପିକଅପ ଗାଡିକୁ ଗୋଡାଇ ଧରିଥିଲେ । ଓ.ଆର୦୪-ଏଲ୧୦୫୭ନମ୍ବର ପିକଅପ ଗାଡିରେ ୪୦ପେଟି ଦେଶୀମଦ ଥିବା ବେଳେ ପୋଲିସ ଗାଡିସହ ମଦକୁ ଜବତ କରିଥିଲେ । ଗିରଫ ଡ୍ରାଇଭର ଯାଜପୁର ଜିଲ୍ଲା ମଙ୍ଗଳପୁର ଥାନା ଅନ୍ତର୍ଗତ ଦଶରଥପୁର ଗ୍ରାମର ଚାନ୍ଦିଆ ଯେନା ବୋଲି ଜଣାଯାଇଥିବା ବେଳେ ମଦ ମାଫିଆ ଯାଜପୁର ଜିଲ୍ଲା ମଙ୍ଗଳପୁର ଥାନା ଅଞ୍ଚଳର ଧର୍ମରାଜ ଧିର ଓ ଚୋରା ମଦ ବେପାରୀ ଧାମନଗର ଥାନା ଅନ୍ତର୍ଗତ ତାଳପଦା ଗ୍ରାମର ରବିନ୍ଦ୍ର ଯେନାଙ୍କ ପୁଅ କାରୁଆ ଯେନା ବୋଲି ଜଣାଯାଇଛି । ଧାମନଗର ପୋଲିସ ଥାନା କେସ ନଂ ୨୦୭/୧୭ରେ ଏକ ମମଲା ରୁଜୁ କରି ଅଭିଯୁକ୍ତ ଚାନ୍ଦିଆ ଯେନାକୁ ଗିରଫ କରି କୋର୍ଟ ଚାଲାଣ କରିଛି ।

ଜିଲ୍ଲା ପ୍ରାଣୀ ସଂପଦ ବିଭାଗ ପକ୍ଷରୁ ବିଶ୍ୱ ଅଣ୍ଡା ଦିବସ ପାଳିତ

ସୋନପୁର, ୧୫/୧୦(ଶ୍ରୁ.ମି): ଆଜି ସୋନପୁର ଜିଲ୍ଲା ପ୍ରାଣୀ ସଂପଦ ବିଭାଗ ପକ୍ଷରୁ ବିଶ୍ୱ ଅଣ୍ଡା ଦିବସ ପାଳିତ ହୋଇଯାଇଛି। ଚାଷୀ ମାନଙ୍କ ମଧ୍ୟରେ ସଚେତନତାର ବାର୍ତ୍ତା ପହଞ୍ଚାଇବା ପାଇଁ ଏବଂ ଏହି ଅଣ୍ଡା ଶରୀର ଉପରେ କେତେ ପୁଷ୍ଟିକର(ଭିଟାମିନ) ଯୋଗାଇଛି ତାହାଉପରେ ସଚେତନ କରିବା ଉଦ୍ଦେଶ୍ୟରେ ଆୟୋଜନ ହୋଇଥିବା ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲାପାଳ ଶ୍ରୀ ଦାଶରଥି ଶତପଥି ଶତପଥି ଯୋଗ ଦେଇ 'ସଣ୍ଡେ ଓ ମଣ୍ଡେ ରୋଜ ଖାଓ ଅଣ୍ଡେ ବୋଲି ମତ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ସମାଜ ସୁରକ୍ଷା ଅଧିକାରୀ ସୁନିଲ୍ ଦାଶ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱନାଥ ସାହୁ, କୃଷି ବିକାଶ କେନ୍ଦ୍ର ପ୍ରୋଜେକ୍ଟ କୋଡିନେଟର, ଜଳଛାୟା ପ୍ରକଳ୍ପ ଅଧିକାରୀ ଯୋଗଦେଇ ଏହି ଦିବସ ପାଳନ ଉଦ୍ଦେଶ୍ୟରେ ନିଜର ମତାମତ ରଖିଥିଲେ। ଡା. କିଶୋର ବହିଦାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାକୁ ଡା. ସୁନିଲ କୁମାର ମହାପାତ୍ର ପରିଚାଳନା କରିଥିଲେ। ସିପ୍ରାରାଣୀ ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ।

ବିଜୁ ପଟ୍ଟନାୟକ ଶତବାର୍ଷିକୀ ଉପଲକ୍ଷେ ବରିଷ୍ଠ ନାଗରିକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ସୋନପୁର, ୧୫/୧୦(ଶ୍ରୁ.ମି): ସୁବର୍ଣ୍ଣପୁର ଜିଲ୍ଲା ଅବସର ପ୍ରାପ୍ତ ସରକାରୀ କର୍ମଚାରୀ ମାନଙ୍କ ଦ୍ୱାରା ଗତ ୧୨.୧୦.୧୭ ଦିନ ସୋନପୁର ଟାଉନ ହଲି ଠାରେ ବହୁ ବିଶିଷ୍ଟ ବ୍ୟକ୍ତି ତଥା ବରିଷ୍ଠ ନାଗରିକ ମାନଙ୍କୁ ଉଚ୍ଚକୋଟିର ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲେ। ଏହି ଉପଲକ୍ଷେ ଏକ ଆଲୋଚନା ଚକ୍ର ରେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଓଡିଶା ପ୍ରତି ରହି ଆସିଥିବା ଉଲ୍ଲେଖ ମୟ ଅବଦାନ ଉପରେ ଏବଂ ନବୀନ ସରକାରଙ୍କର ବହୁମୁଖି ଲୋକହିତ କର ଯୋଜନା ତଥା ବରିଷ୍ଠ ନାଗରିକ ମାନଙ୍କ ପ୍ରତି ସରକାରଙ୍କ ପାଖରୁ ମିଳୁଥିବା ବିଭିନ୍ନ ସୁବିଧା ସୁଯୋଗ ଉପରେ ବିସ୍ତାର ଭାବେ ବକ୍ତା ମାନଙ୍କ ଦ୍ୱାରା ଆଲୋଚନା କରାଯାଇଥିଲ । ସୁବର୍ଣ୍ଣପୁର ଜିଲ୍ଲାର ଜନ୍ମଦାତା ଭାବେ ଏ ଜିଲ୍ଲା ଦୃତ ବିକାଶ ରେ ବହୁ ଅବଦାନ ରହିଥିବା ଯୋଗୁଁ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କୁ ବରିଷ୍ଠ ନାଗରିକଙ୍କ ପକ୍ଷରୁ ଏ ସଭାରେ ଗଭୀର ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଥିଲା ଏବଂ ବର୍ତ୍ତମାନର ନବୀନ ସରକାର ବିଜୁ ବାବୁଙ୍କୁ ଅଧୁରା ସ୍ୱପ୍ନକୁ ପୁରା କରି ଆସୁଥିବାରୁ ତାଙ୍କୁ ଓଡିଶାର ହିରୋ ବୋଲି କହି ସାଧୁବାନ ଜଣା ଯାଇଥିଲା । ଏହି ସଭାରେ ମଞ୍ଚାସୀନ ଥିବା ଅବସର କର୍ମଚାରୀ ସଂଘର ସଭାପତି ଶ୍ରୀ ଉପେନ୍ଦ୍ର ବାରିକ, କାର୍ଯ୍ୟକାରୀ ସଂଘର ସଭାପତି ତଥା ସଭାର ସଂଯୋଜକ ବ୍ରଜମୋହନ ଦାନୀ , ବ୍ରଜ ଗୋପାଳ ପୂଜାରୀ, ତରଭା ସଭାପତି ହରିବନ୍ଧୁ ପାଣୀଗ୍ରାହୀ, କୃଷ୍ଣ ଚନ୍ଦ୍ର ପାତୀ, ସଂଘ ଉପଦେଷ୍ଟା ହରପ୍ରସାଦ ରଥ ,ସୁଶ୍ରୀ ରେଣୁକା ମିଶ୍ର, ପଦ୍ମଶ୍ରୀ ଚତୁର୍ଭୂଜ ମେହେର, ଡ.ରମେଶ ପତ୍ରୀ,ଶିକ୍ଷକ ସଂଘର ଉପଦେଷ୍ଟା ନୀଳମାଧବ ଗୁରୁଙ୍କୁ ଫୁଲତୋଡା, ଉପଢ଼ୌକନ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । କର୍ମଚାରୀ ସଂଘର ସକ୍ରିୟ ସଦସ୍ୟ ଲବ ମିଶ୍ର ଧନ୍ୟବାଦ ଅର୍ପଣ କରିଥିବା ବେଳେ ଶିକ୍ଷକ ନରେନ୍ଦ୍ର ମିଶ୍ର ମଞ୍ଚାସୀନ ବରିଷ୍ଠ ନାଗରିକ (ଅତିଥି) ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅବସର କର୍ମଚାରୀ ସଂଘର କାର୍ଯ୍ୟକାରୀ କମିଟି ସଦସ୍ୟ କମଳ ଲୋଚନ ମହାନ୍ତି ,ବିବେକ ପଟ୍ଟନାୟକ ଏହି ଉତ୍ସବରେ ସହଯୋଗ କରିଥିଲେ । ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ନିରଞ୍ଜନ ପୂଜାରୀ , ପ୍ରାକ୍ତନ ନିଗମ ଅଧ୍ୟକ୍ଷ ଅଭିମନ୍ୟୁ କୁଶଳ ବିଜୁଜନତା ଦଳ ଜିଲ୍ଲା ସଭାପତି ସରୋଜ କର୍ମୀ, ଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଟାଉନ ହଲ ମୁଖ୍ୟ ପ୍ରବେଶ ଦ୍ୱାର ଛିଡା ହୋଇ ପ୍ରତ୍ୟେକ ବରିଷ୍ଠ ନାଗରିକ ମାନଙ୍କୁ ସ୍ୱାଗତ ଓ ସମ୍ମାନ ଜଣାଇ ସଭାସ୍ଥଳ କୁ ପାଛୋଟି ନେଉଥିଲେ । ବୀର ମହାରାଜ ପୁର ବ୍ଲକ NAC ଘୋଷଣା ଦାବି ସୁବର୍ଣ୍ଣପୁର ରିଙ୍ଗ ରୋଡକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପୂର୍ଣ୍ଣ କରିବା, ଅଡିଟୋରିୟମ ନିର୍ମାଣ ଦାବି, ଷ୍ଟାଡିୟମକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ , ବସଷ୍ଟାଣ୍ଡର ଉନ୍ନତିକରଣ , ସୋନପୁର ବ୍ଲକ ଅଙ୍ଗ ଜଳସେଚନ ପ୍ରକଳ୍ପକୁ ତୁରନ୍ତ ସମ୍ପୂର୍ଣ୍ଣ କରିବା ଆଦି ବିଭିନ୍ନ ଦାବି ନେଇ ଅବସର ପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ମାନ୍ୟବର ମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଜିଲ୍ଲା ଓକିଲ ସଂଘର ବହୁ ବରିଷ୍ଠ ପ୍ରାକ୍ତନ କର୍ମବର୍ତ୍ତା, ବହୁ ବରିଷ୍ଠ ସାମ୍ବାଦିକ, ଜିଲ୍ଲାର ବହୁ ସମାଜସେବୀ, ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ ସଭାରେ ବିଭିନ୍ନ ମତାମତ ଦେଇଥିଲେ ।

ଦ୍ୱାଦଶ ଗଞ୍ଜାମ ଜିଲ୍ଲା ପୁସ୍ତକ ମେଳା ପ୍ରସ୍ତୁତି ବୈଠକ

ବ୍ରହ୍ମପୁର, ୧୫/୧୦ (ଶ୍ରୁ.ମି.): ଦ୍ୱାଦଶ ଗଞ୍ଜାମ ଜିଲ୍ଲା ପୁସ୍ତକ ମେଳାର ଏକ ପ୍ରସ୍ତୁତି ବୈଠକ ସଭାପତି ଅଲେଖ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଗୋସାଇଁ ନୂଆଗାଁ, ଗୁଣ୍ଡିଚା ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଦ୍ୱାଦଶ ଗଞ୍ଜାମ ଜିଲ୍ଲା ପୁସ୍ତକ ମେଳା ତରଫରୁ ୧୬ ଡିସେମ୍ବର ୨୦୧୭ଠାରୁ ୨୩ ଡିସେମ୍ବର ୨୦୧୭ ପର୍ଯ୍ୟନ୍ତ ଦୀର୍ଘ ୮ ଦିନ ବ୍ୟାପୀ ଷ୍ଟିଫେନ୍ ଜର୍ଜ ପଡିଆ (ପୁରୁଣା ଆମ୍ବ ବଜାର) ଟାଉନ୍ ହଲ୍ ରୋଡ୍‌ରେ ଆୟୋଜିତ ହେବ। ଏହି ପୁସ୍ତକ ମେଳାରେ ନିଖିଳ ଭାରତର ବହୁ ପ୍ରତିଷ୍ଠିତ ପୁସ୍ତକ ପ୍ରକାଶକ ସେମାନଙ୍କ ସଦ୍ୟ ପ୍ରକାଶିତ ବହୁ ପୁସ୍ତକ ଏହି ମେଳାରେ ବିକ୍ରୀ ଏବଂ ପ୍ରଦର୍ଶିତ କରିବ। ସୂଚିତ ସମୟ ମଧ୍ୟରେ ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ସାରସ୍ୱତ ଆଲୋଚନା କରାଯିବ। ପାଠାଗାର ଆନ୍ଦୋଳନରେ ନିଜକୁ ପ୍ରତିଷ୍ଠିତ କରାଇଥିବା ଜିଲ୍ଲାର ବିବିଧ ଶିକ୍ଷାନୁଷ୍ଠାନକୁ ସମ୍ମାନୀତ କରାଯାଇ ସେମାନଙ୍କ ସଫଳତା ସମ୍ପର୍କରେ ସର୍ବସାଧାରଣଙ୍କୁ ଜଣାଇବା ବ୍ୟବସ୍ଥା କରାଯିବ। ବହୁ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କୁ ସେମାନଙ୍କ ଅବଦାନ ପାଇଁ ସ୍ମୃତି ସମ୍ମାନ ପ୍ରଦାନ କରାଯିବ। ପୁସ୍ତକ ମେଳାର ମୁଖ୍ୟ ଲକ୍ଷ୍ୟ ହେଉଛି ଜନସାଧାରଣଙ୍କ ମଧ୍ୟରେ ଭାଷା ଓ ସାହିତ୍ୟ ସଂସ୍କୃତିର ପ୍ରଚାର ପ୍ରସାର ଅଭିବୃଦ୍ଧି ସହ ଆମ ଭାଷା ପ୍ରତି ସ୍ୱାଭିମାନ ସୃଷ୍ଟି କରାଯିବ। ଏହି ବୈଠକରେ ପୁସ୍ତକ ମେଳାର ଅଧ୍ୟକ୍ଷ ବିଧାୟକ ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଉପଦେଷ୍ଟା ଦେବୀ ପ୍ରସାଦ ସାହୁ ମଞ୍ଚାସୀନ ଥିଲେ। ମେଳାର ପ୍ରତ୍ୟେକ ସନ୍ଧ୍ୟା ସ୍ମୃତି ମଧୁର କରାଯିବ ବୋଲି ସମ୍ପାଦକ ଭବାନୀ ଶଙ୍କର ପାଣିଗ୍ରାହୀ ଅବଗତ କରାଇଥିଲେ। ଦ୍ୱାଦଶ ପୁସ୍ତକମେଳାକୁ ବ୍ୟାପକ ପ୍ରଚାର ପ୍ରସାର କରାଇ ଲୋଭାଭିମୁଖୀ କରାଯିବ ବୋଲି ଗୋପାଳକୃଷ୍ଣ ଡାକୁଆ ଜଣାଇଛନ୍ତି। ଏହି ବୈଠକରେ ଡା. ଚନ୍ଦ୍ରମଣି ସ୍ୱାଇଁ, ଦେବୀ ପ୍ରସାଦ ସାହୁ, ଉପସଭାପତି କୃଷ୍ଣଚନ୍ଦ୍ର ଦାସ, ସାଧାରଣ ସମ୍ପାଦକ ଭବାନୀ ଶଙ୍କର ପାଣିଗ୍ରାହୀ, ଜ୍ୟୋତ୍ସ୍ନାରାଣୀ ସ୍ୱାଇଁ, ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ଡ. ଲମ୍ବୋଦର ପାଣିଗ୍ରାହୀ, ଡ. ମିହିର କୁମାର ତ୍ରିପାଠୀ, ଡା. ଶ୍ରୀବତ୍ସ ଦଳେଇ, ଭବାନୀ ଶଙ୍କର ମିଶ୍ର, ହାଡିବନ୍ଧୁ ମାଳି, ଇଂ. ଉପେନ୍ଦ୍ର ପଟ୍ଟନାୟକ, ମହମ୍ମଦ ଅସଲମ୍, ନୀଳକଣ୍ଠ ସାହୁ, ସୁବାଷ ଚନ୍ଦ୍ର ପଟ୍ଟନାୟକ, ବାସୁଦେବ ରଥ, ମାନସ ଦାଶ, ଦେବୀ ପ୍ରସାଦ ମହାପାତ୍ର, ଗୋଦାବରୀଶ ଦାଶ, ସଂଗଠନ ସମ୍ପାଦକ ନାରାୟଣ ମହାକୁଡ, ପି. ସୁବାଶ ପାତ୍ର, ରାସବିହାରୀ ଦାଶ, ରବୀନ୍ଦ୍ର କୁମାର ନାୟକ, ପୂର୍ଣ୍ଣଚନ୍ଦ୍ର ଆଚାର୍ଯ୍ୟ, ସନତ ପଣ୍ଡା, ମନମୋହନ ପାଢ଼ୀ, ସଞ୍ଜୟ ପାଳ, ସହ ସମ୍ପାଦକ ବିଜୟ କୁମାର ପାଢ଼ୀ, ଗୋପାଳକୃଷ୍ଣ ଡାକୁଆ ପ୍ରମୁଖ ଯୋଗଦାନ କରିଥିଲେ। ବୈଠକ ଶେଷରେ ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

ଅବଦୁଲ କାଲାମଙ୍କ ୮୫ ତମ ଜୟନ୍ତୀରେ ବୃକ୍ଷରୋପଣ ଓ ଚାରା ବଣ୍ଟନ

ଚଣ୍ଡିଖୋଲ, ୧୫/୧୦(ଶ୍ରୁ.ମି):ଭାରତର ପୂର୍ବତନ ରାଷ୍ଟ୍ରପତି ଭାରତ ରତ୍ନ ଅବଦୁଲ କାଲାମଙ୍କ ୮୫ ତମ ଜନ୍ମ ଜୟନ୍ତୀ ଅବସରରେ ଉଦୀୟମାନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ରୋଟାରୀ କ୍ଲବ୍ ଚଣ୍ଡିଖୋଲ ମିଳିତ ଆନୁକୂଲ୍ୟରେ ଚଣ୍ଡିଖୋଲ ଛକ ସ୍ଥିତ ବିଜୁପଟ୍ଟନାୟକ ଉଦ୍ୟାନ ପରିସରରେ ବୃକ୍ଷରୋପଣ ଓ ଚାରା ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କଟକ ସାଂସଦ ଭର୍ତ୍ତୃହରୀ ମହତାବ୍, ମୁଖ୍ୟବକ୍ତା ସୁରେନ୍ଦ୍ର ନାଥ ନାୟକ, ସମ୍ମାନୀତ ଅତିଥି ଭାବେ ରାଜ୍ୟ ସରକାରଙ୍କ ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥି ଯୋଗଦେଇଥିଲେ। ଆରମ୍ଭରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ବୃକ୍ଷରୋପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚଣ୍ଡିଖୋଲ ରୋଟାରୀ କ୍ଲବ୍‌ର ସଭାପତି ରୋଟାରୀଆନ ଚନ୍ଦନ ନାୟକ, ସଂପାଦକ ଅବିନାଶ ଜେନା, ଅରବିନ୍ଦ ସାମଲ, ବରିଷ୍ଠ ସାମ୍ବାଦିକ ମହେଶ୍ୱର ବର, ଜ୍ୟୋତି ପ୍ରକାଶ ଆଚାର୍ଯ୍ୟ, ମିହିର ବେହେରା, ବିରେନ ବିଶ୍ୱାଳ, ସୁଜିତ ମହାନ୍ତି, ଉତ୍ତମ କୁମାର ଜେନା, ସରପଞ୍ଚ ଋତାଲିନ୍ ସ୍ୱାଇଁ, ଉଦୀୟମାନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସମ୍ପାଦକ ଅନିଲ ଦାସ୍, ଟ୍ରକ ମାଲିକ ସଂଘ ସଭାପତି ସନ୍ତୋଷ ରାଉତ୍, ଉପ ସଭାପତି ଅଟଳ ଜେନା, ରୋଟାରୀଆନ ବିନୋଦ ପରିଡ଼ା, ଡ଼ଃ ଦଲିପ୍ ନାୟକ,କାର୍ତ୍ତିକ ଚନ୍ଦ୍ର ଜେନା, ଫରେଷ୍ଟର ସଚିକାନ୍ତ ବେହେରା, ମଦନ ମୋହନ ପରମାଣିକ, ଆଇନଜୀବୀ ଜାଗୃତି ବାରିକ୍, ଛାତ୍ର ସଂସଦ ସଭାନେତ୍ରୀ ସରିତା ସ୍ୱାଇଁ, ଲିପିକା ସ୍ୱାଇଁ, ଚିନ୍ମୟୀ ଓଝା ପ୍ରମୁଖ ଯୋଗଦେଇଥିଲେ। ୫୦୦ରୁ ଉର୍ଦ୍ଧ ଫଳ, ଫୁଲ ଓ ଔଷଧୀୟ ବୃକ୍ଷ ରୋପଣ ହେବା ସହିତ ଚାରା ବଣ୍ଟନ ହୋଇଥିଲା। ଶେଷରେ ପରିବେଶ ସଚେତନତା ସମ୍ପର୍କୀତ ବିଭିନ୍ନ ସ୍ଲୋଗାନ ଓ ପ୍ଲାକ୍ କାର୍ଡ଼ ଧରି ବଜାର ପରିକ୍ରମା କରିଥିଲେ।

ଭାରସାମ୍ୟ ହରାଇ ଟ୍ରକ୍ ଓଲଟିଲା ଲକ୍ଷାଧିକ ଟଙ୍କା, ଜିନିଷ ଲୁଟ

ଗଞ୍ଜାମ, ୧୫/୧୦(ଶ୍ରୁ.ମି.): ଗଞ୍ଜାମ ବ୍ଲକ ଅନ୍ତର୍ଗତ ସୁବୁଲିଆ ସ୍ଥିତ ଜାତୀୟ ରାଜପଥରେ ଗତକାଲି ମଧ୍ୟରାତ୍ରରେ ଏକ ଟ୍ରକ ନମ୍ବର- OD02AK8440 ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଘଟଣା ସ୍ଥଳରୁ ଟ୍ରକ ମଧ୍ୟରେ ଥିବା ଲକ୍ଷାଧିକ ଟଙ୍କାର କୋଲଡ୍ରିଙ୍କ,ମୋବାଇଲ ଓ ଅନ୍ୟାନ୍ୟ ଦାମି ଜିନିଷ ଅନ୍ଧାରର ସୁଯୋଗ ନେଇ ଲୁଟି ନେଇଥିଲେ ଦୁର୍ବୁର୍ତ୍ତମାନେ। ଖବର ପାଇ ରମ୍ଭା ପୋଲିସ ପହଞ୍ଚିଲା ବେଳକୁ ଟ୍ରକରେଥିବା ଗୋଟିଏବି ଜିନିଷ ନଥିଲା। ଏହି ଘଟଣାର ତଦନ୍ତ ଚାଲିଛି ବୋଲି ଜଣା ପଡିଛି।

ନିଯୁକ୍ତି ଦେବାରେ ଚଞ୍ଚକତା

ପ୍ରତିବାଦରେ ଅଧ୍ୟକ୍ଷ ଓ କିରାଣୀଙ୍କୁ ତାଲା ପକାଇଲେ ଜଣେ କର୍ମଚାରୀ

କେସିଙ୍ଗା, ୧୫/୧୦ (ଶ୍ରୁ.ମି.): କେସିଙ୍ଗା କଲେଜରେ ୪ଟି ଚତୁର୍ଥ ଶ୍ରେଣୀ କର୍ମଚାରୀ ଓ ୩ଟି ଲାବୋରେଟୋରୀ ଆସିଷ୍ଟାଣ୍ଟ୍ ନିଯୁକ୍ତିରେ ଚଞ୍ଚକତା କରାଯାଇଥିବା ଅଭିଯୋଗ ହୋଇଛି। ଏମିତିକି କଲେଜର ଜଣେ କର୍ମଚାରୀ ତାଙ୍କ ପୁଅ ନିଯୁକ୍ତି ପାଇ ନଥିବାରୁ ଅଧ୍ୟକ୍ଷ ଓ କିରାଣୀଙ୍କ ବିରୋଧରେ ବିଷୋଦ୍‌ଗାର କରିବା ସହ ଅଫିସ୍‌ରେ ତାଲା ପକାଇ ଦେଇଥିଲେ। ଏହି ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ଅଭିଯୋଗ ଅନୁସାରେ, କଲେଜ ପକ୍ଷରୁ ଯୁକ୍ତ ତିନି ସେଲ୍‌ଫ ଫାଇନାନ୍ସ କୋର୍ସରେ ତିନି ଜଣ ଡେମୋନ୍‌ଷ୍ଟ୍ରେଟର ଓ ଚାରିଜଣ ପିଅନ ପଦ ପାଇଁ ଦୁଇ ଦିନ ତଳେ ନିଯୁକ୍ତି ଦିଆଯାଇଛି।

ଏଥିରେ କଲେଜର କିଛି କର୍ମଚାରୀଙ୍କ ପୁଅ, ପୁତୁରା, ବିଗତ ଦିନର ବିଜେଡି କର୍ମୀମାନେ ନିଯୁକ୍ତି ପାଇବା ପରେ ଏହି ଘଟଣା ଚର୍ଚ୍ଚା ଜୋର୍ ଧରିଛି। ଏହି କଲେଜର ଅନ୍ୟ ଜଣେ କର୍ମଚାରୀଙ୍କ ପୁଅ ଆବେଦନ କରିଥିଲେ ମଧ ତାଙ୍କୁ ନିଯୁକ୍ତି ନମିଳିବାରୁ ଏହି ଘଟଣା ସାମ୍ନାକୁ ଆସିଥିଲା। ଏହି ନିଯୁକ୍ତି ପାଇଁ ପ୍ରଚାର ପ୍ରସାର କରାଯାଇନଥିବାରୁ ସହରର ବହୁ ଲୋକ ଜାଣିପାରିନାହାନ୍ତି। ବିନା ନୋଟିସରେ ନିଯୁକ୍ତି ଦିଆଯାଇଥିବା ଅଭିଯୋଗ ହୋଇଛି । ଏମିତିକି କଲେଜରେ ଚାକିରି କରୁଥିବା କିଛି କର୍ମଚାରୀ ମଧ ଟେର୍ ପାଇନଥିବା ପ୍ରକାଶ କରିଛନ୍ତି । ଏହି ଘଟଣା ନେଇ କଲେଜ କର୍ମଚାରୀ ଓ ଅଧ୍ୟାପକମାନେ ଏକ ଜରୁରୀ ବୈଠକ ଡାକି ଆଲୋଚନା କରିଥିଲେ।

ଏ ସମ୍ପର୍କରେ ପରିଚାଳନା କମିଟି ଅଧ୍ୟକ୍ଷ ତଥା ବିଧାୟକ ଅନାମ ନାଏକଙ୍କୁ ପଚାରିବାରୁ କିଏ ନିଯୁକ୍ତି ପାଇଛନ୍ତି ସେ ଜାଣିନଥିବା ଏବଂ ନିୟମ ଅନୁସାରେ ନିଯୁକ୍ତି ହୋଇଥିବା ପ୍ରକାଶ କରିଛନ୍ତି। ସେହିପରି କଲେଜ ଅଧ୍ୟକ୍ଷ କୈଳାସ ସାହାଙ୍କୁ ପଚାରିବାରୁ ଏହି ନିଯୁକ୍ତି ପାଇଁ ବିଜ୍ଞାପନ ଦିଆଯାଇନଥିବା କଥା ସ୍ୱୀକାର କରିବା ସହ ନିୟମ ଅନୁସାରେ ନିଯୁକ୍ତି ହୋଇଥିବା ପ୍ରକାଶ କରିଥିଲେ। କଲେଜରେ ବିଜ୍ଞାନ ଛାତ୍ର ପାଇଁ ଅସୁବିଧା ହେଉଥିବାରୁ ନିଯୁକ୍ତି ପାଇଁ ପଦକ୍ଷେପ ନିଆଯାଇଥିଲା ବୋଲି ସେ କହିଥିଲେ। କର୍ମଚାରୀଙ୍କ ଗାଳିଗୁଲଜ ଏବଂ ଏଥିପାଇଁ ଜରୁରୀ ବୈଠକ ହୋଇଥିବା କଥାକୁ ମଧ ଅଧ୍ୟକ୍ଷ ସ୍ୱୀକାର କରିଥିଲେ।

ତିନି ଦିନିଆ ଜାପାନ ଗସ୍ତରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଷଷ୍ଠ ବାର୍ଷିକ ଏଲଏନଜି ଉତ୍ପାଦକ ଗ୍ରାହକ ସମ୍ମିଳନୀରେ ଯୋଗ ଦେବେ

ଦକ୍ଷତା ବିକାଶ କ୍ଷେତ୍ରରେ ସହଯୋଗ ନେଇ କରିବେ ଆଲୋଚନା

ନୂଆଦିଲ୍ଲୀ /ଭୁବନେଶ୍ୱର, ୧୫/୧୦(ଶ୍ରୁ.ମି.) : କେନ୍ଦ୍ର ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତିନି ଦିନିଆ ଜାପାନ ଗସ୍ତରେ ଯାଇଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ ଷଷ୍ଠ ବାର୍ଷିକ ଏଲଏନଜି ଉତ୍ପାଦକ ଗ୍ରାହକ ସମ୍ମିଳନୀରେ ଯୋଗ ଦେବା ସହ ଦକ୍ଷତା ବିକାଶ କ୍ଷେତ୍ରରେ ଉଭୟ ଦେଶ ମଧ୍ୟରେ ସହଯୋଗ ନେଇ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଜାପାନର ପ୍ରଧାନମନ୍ତ୍ରୀ ଶିଂଜୋ ଆବେଙ୍କ ଗତ ସେପ୍ଟେମ୍ବରରେ ଭାରତ ଗସ୍ତ ପରେ ଶ୍ରୀ ପ୍ରଧାନ ଜାପାନ ଗସ୍ତରେ ଯାଉଛନ୍ତି । ଏହି ଗସ୍ତ ତୈଳ ଓ ପ୍ରାକୃତିକ ଗ୍ୟାସ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି କରିବା ଦିଗରେ ସହାୟକ ହେବ । ଏକ ସ୍ୱଚ୍ଛ, ବୈଶ୍ୱିକ ଓ ସମନ୍ୱିତ ଏଲଏନଜି ବଜାର ସ୍ଥାପନା ପାଇଁ ସହଯୋଗ ବୃଦ୍ଧି କରିବା ଏହି ଗସ୍ତ ଅନ୍ୟତମ ଉଦ୍ଦେଶ୍ୟ । ଏଲଏନଜି ଉତ୍ପାଦକ- ଗ୍ରାହକ ସମ୍ମିଳନୀ ବୈଶ୍ୱିକ ସ୍ତରରେ ବାର୍ଷିକ ଆୟୋଜିତ ହୋଇଥାଏ । ଏଥିରେ ଏଲଏନଜି ଉତ୍ପାଦକ, ଗ୍ରାହକ ଓ ଅନ୍ୟ ଅଂଶଧାରକ ମାନଙ୍କ ମଧ୍ୟରେ ଆଲୋଚନା ହୋଇଥାଏ । ବୈଶ୍ୱିକ ଏଲଏନଜି ବଜାର ବିକଶିତ କରିବା ସହ ବଜାରର ଟ୍ରେଂଡକୁ ଗଭୀର ଭାବେ ବୁଝିବା ଏହି ସମ୍ମିଳନୀର ମୂଳ ଉଦ୍ଦେଶ୍ୟ । ବିଭିନ୍ନ ଦେଶର ମନ୍ତ୍ରୀ ଓ ବୈଶ୍ୱିକ ଗ୍ୟାସ ଶିଳ୍ପର ନେତା ମାନଙ୍କ ସମ୍ମୁଖରେ ଭାରତୀୟ ଗ୍ୟାସ କ୍ଷେତ୍ର ଓ ପୁଂଜି ନିବେଶ ସମ୍ପର୍କରେ ନୂତନ ନୀତିଗତ ସଂସ୍କାର ସମ୍ପର୍କରେ ଅବଗତ କରାଇବାକୁ ଏହି ସମ୍ମିଳନୀ ଏକ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ପ୍ରଦାନ କରିବ । ଏହି ଅବସରରେ ଶ୍ରୀ ପ୍ରଧାନ ଏସିଆରେ ଏଲଏନଜି ବଜାରର ବିକାଶ – ଏକ ସରକାରୀ ପର୍ସେପେକ୍ଟିଭ ପ୍ରସଙ୍ଗରେ ମନ୍ତ୍ରୀ ସ୍ତରୀୟ ଅଧିବେଶନରେ ଉଦବୋଧନ ଦେବେ । କାତାର, ନାଇଜେରିଆ, ଜାପାନ, ବଙ୍ଗଳାଦେଶର ଶକ୍ତି ମନ୍ତ୍ରୀ ଓ ଅନ୍ୟ ହାଇଡ୍ରୋ କାର୍ବନ ବିଶେଷଜ୍ଞ ମାନେ ଏଥିରେ ସାମିଲ ହେବେ । ଏହି ଗସ୍ତ ସମୟରେ ଶ୍ରୀ ପ୍ରଧାନ ଜାପାନର ଅର୍ଥ, ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ହିରୋସିଂଗେ ସେକୋଙ୍କୁ ମଧ୍ୟ ଭେଟି ଆଲୋଚନା କରିବେ । ଏହି ଅବସରରେ ହାଇଡ୍ରୋ କାର୍ବନ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କରେ ଆଲୋଚନା ହେବ । ଶ୍ରୀ ପ୍ରଧାନ ଏହି ଗସ୍ତ ସମୟରେ ଜାପାନର ବିଭିନ୍ନ କମ୍ପାନୀ ଯଥା ଓସାକା ଗ୍ୟାସ, ମିତ୍ସୁବ ଓଏସକେ ଲାଇନ , ଜାପେକ୍ସ ଓ ଅନ୍ୟ କମ୍ପାନୀର ପ୍ରତିନିଧି ମାନଙ୍କ ସହ ମଧ୍ୟ ଆଲୋଚନା କରିବେ । "ଶ୍ରୀ ପ୍ରଧାନ ଜାପାନର ସ୍ୱାସ୍ଥ୍ୟ, ଶ୍ରମ ଓ କଲ୍ୟାଣ ମନ୍ତ୍ରୀ କେ. କାଟୋଙ୍କ ସହ ମଧ୍ୟ ଦକ୍ଷତା ବିକାଶ କ୍ଷେତ୍ରରେ ଉଭୟ ଦେଶ ମଧ୍ୟରେ ସହଯୋଗର ସମ୍ଭାବନାକୁ ନେଇ ଆଲୋଚନା କରିବେ । ଟେକ୍ନିକାଲ ଇଂଟର୍ନ ଟ୍ରେନିଂ ପ୍ରୋଗ୍ରାମକୁ ନେଇ ଏକ ମେମୋରେଂଡମ ଅଫ କୋଅପରେସନ ମଧ୍ୟ ସ୍ୱାକ୍ଷରିତ ହେବାର ସମ୍ଭାବନା ରହିଛି ।

4th NALINI KANTA MOHANTY MEMORIAL STATE OPEN RANKING BADMINTON TOURNAMENT-2017
ORGANISED BY:
Amateur Badminton Club (ABC), Bhubaneswar
APPROVED BY: ODISHA STATE BADMINTON ASSOCIATION

୪ର୍ଥ ନଳୀନିକାନ୍ତ ମହାନ୍ତି ସ୍ମାରକି ଷ୍ଟେଟ୍ ଓପନ୍ ର୍‌ୟାଙ୍କିଙ୍ଗ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ-୨୦୧୭ ଅବସରରେ ମହାମହିମ ରାଜ୍ୟପାଳ ଡଃ. ଏସ.ସି. ଜମିରଙ୍କ ସହ ନାଲକୋର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଡଃ. ତପନ କୁମାର ଚାନ୍ଦ ଅତିଥି ଭାବରେ ଯୋଗଦେଇ ବ୍ୟାଡମିଣ୍ଟନ ଖେଳକୁ ଏକ ପେସାଦାର ଖେଳ ଭାବେ ତିଆରି କରିବା ପାଇଁ ପ୍ରୋତ୍ସାହନର ଆବଶ୍ୟକ ଅଛି ।

ଆପ୍ରେଣ୍ଟିସ୍ କମିଟି ପକ୍ଷରୁ ଆଲୋଚନା ସଭା

ଅନୁଗୁଳ, ୧୫/୧୦(ଶ୍ରୁ.ମି.) : ଜେ.ଏସ୍.ପି.ଏଲ୍. ଆପ୍ରେଣ୍ଟିସ୍ ଏଣ୍ଡ ଟ୍ରେନିଜ୍ ଆକ୍ସନ୍ କମିଟି ପକ୍ଷରୁ ଏକ ଆଲୋଚନା ସଭା ଜରଡା ଠାରେ ଅନୁଷ୍ଠିତ ହୋଇଯାଇଛି । କମିଟିର ସଭାପତି ମାନସ ପାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଉପଦେଷ୍ଟା ଜୟସେନ୍ ମେହେର, ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ଜିଲ୍ଲା କମିଟି ସଭ୍ୟ ନବକିଶୋର ପ୍ରଧାନ, ସୁବାସ ପ୍ରଧାନ ପ୍ରମୁଖ ଯୋଗଦେଇ ଶ୍ରମିକଶ୍ରେଣୀ ନେତୃତ୍ୱରେ ୧୯୧୭ ମସିହରେ ବିଶ୍ୱରେ ପ୍ରଥମେ ସଂଗଠିତ ହୋଇଥିବା ମହାନ୍ ନଭେମ୍ବର ବିପ୍ଳବର ସ୍ମୃତିଚାରଣ କରିବାସହ ତାର ଶତବର୍ଷ ପରିପ୍ରେକ୍ଷୀରେ ଶ୍ରମିକ କର୍ମଚାରୀମାନେ ସେମାନଙ୍କର ନ୍ୟାଯ୍ୟ ଅଧିକାର ସମ୍ପର୍କରେ ସଚେତନ ହେବାକୁ ଆହ୍ୱାନ କରିଥିଲେ । ଜେ.ଏସ୍.ପି.ଏଲ୍.ରେ କାର୍ଯ୍ୟରତ ତାଲିମପ୍ରାପ୍ତ ଯୁବକ-ଯୁବତୀମାନଙ୍କ ସ୍ଥାୟୀ ନିଯୁକ୍ତି ସମ୍ପର୍କରେ ବିଭିନ୍ନ ଦିଗରୁ ଆଲୋଚନା ହୋଇଥିଲା । ଆଗାମୀ ଦିନରେ ନ୍ୟାୟ ସଙ୍ଗତ ଦାବିନେଇ ସଂଗଠନକୁ ମଜଭୂତ କରିବାସହ ଶ୍ରମିକ ମାନଙ୍କୁ ସଂଗଠିତ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ସଂଗଠନର କର୍ମକର୍ତ୍ତା କେଶବ ସାହୁ, ଦୁଷ୍ମନ୍ତ ସିଂ, ନିତ୍ୟାନନ୍ଦ ସାହୁ, ନାରାୟଣ ବେହେରା, ସିଲୁ ପ୍ରଧାନ, ବିଜୟ ପ୍ରଧାନ, କୁବେର ପ୍ରଧାନ ପ୍ରମୁଖଙ୍କ ସମେତ ବହୁ ସଭ୍ୟ ଉପସ୍ଥିତ ଥିଲେ ।

କୋଲ ଇଣ୍ଡିଆ ଅଧ୍ୟକ୍ଷଙ୍କ ଲଖନପୁର ଖଣିକ୍ଷେତ୍ର ପରିଦର୍ଶନ

Welcome to
DBH SCHOOL
andhbahal, Odisha

ତାଳଚେର/ସମ୍ବଲପୁର, ୧୫/୧୦(ଶ୍ରୁ.ମି): କୋଲ ଇଣ୍ଡିଆ ଅଧ୍ୟକ୍ଷ ଗୋପାଲ ସିଂ ପ୍ରଥମେ ତାଳଚେରର ଭରତପୁର, ଅନନ୍ତ ଓ ଜଗନ୍ନାଥ ଖୋଲାମୁହାଁ କୋଇଲାଖଣି ପରିଦର୍ଶନ କରିବାପରେ ଗତ ୧୩ ତାରିଖରେ ସନ୍ଧ୍ୟାରେ ଏମ୍.ସି.ଏଲ ଲଖନପୁର କ୍ଷେତ୍ରର ସମଲେଶ୍ୱରୀ ଖୋଲାମୁହାଁ ଖଣି ପରିଦର୍ଶନ କରିବା ସଙ୍ଗେସଙ୍ଗେ ଖଣିର ଉତ୍ପାଦନ ଓ ଓଭରବର୍ଡ଼ନ ସ୍ଥାନାନ୍ତର ସମ୍ପର୍କରେ ଲଖନପୁର ମହାପ୍ରବନ୍ଧକ ଆର.ପି ଗୁପ୍ତା ଓ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀଙ୍କ ସହ ଆଲୋଚନା କରିଥିଲେ । ଶ୍ରୀ ସିଂ ୧୪ତାରିଖ ପୂର୍ବାହ୍ନରେ ଲଖନପୁରସ୍ଥିତ ଖଡ଼ାମା ଗ୍ରାମବାସୀଙ୍କ ସହ ସେମାନଙ୍କର ସମସ୍ୟା ସମ୍ପର୍କରେ ବିସ୍ତୃତ ଆଲୋଚନା କରିବାସହ କମ୍ପାନୀ ପକ୍ଷରୁ ସମସ୍ତ ପ୍ରକାର ସୁବିଧା, ସହଯୋଗ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହାପରେ ସେ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଖଣି ପରିଦର୍ଶନ ସମ୍ବନ୍ଧରେ ଆଲୋଚନା କରିବାସହ ସୋମନଙ୍କ ଦାବୀ ମୁତାବକ ସ୍ଥାନୀୟ ଅଂଚଳରେ ରାସ୍ତାଘାଟ ଏବଂ ପାନୀୟଜଳ ଯୋଗାଣ ସମସ୍ୟା ସହ କର୍ମଚାରୀଙ୍କ ସମେତ ସମସ୍ତ ଜନସାଧାରଣଙ୍କୁ ଏମ୍.ସି.ଏଲ ଡିସପେନସାରୀରେ ଚିକିତ୍ସା ସେବା ଯୋଗାଇ ଦେବାକୁ ଅଧିକାରୀମାନେ ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ । ସେହିପରି ବିସ୍ଥାପିତଙ୍କର ସମସ୍ୟା ଏବଂ ସ୍ଥାନୀୟ ସମସ୍ୟାର ସମାଧାନ ନିମନ୍ତେ ଅକ୍ଟୋବର ୧୯ତାରିଖ ସୁଦ୍ଧା ସମସ୍ତ କ୍ଷେତ୍ରୀୟ ମହାପ୍ରବନ୍ଧକ କାର୍ଯ୍ୟାଳୟମାନଙ୍କରେସମାଧାନ କକ୍ଷ ଖୋଲିବା ନେଇ ସୂଚନା ଦେଇଥିଲେ । ଏହି ଅବସରରେ ଶ୍ରୀ ସିଂ ଲଖନପୁରସ୍ଥିତ ଏମ୍.ସି.ଏଲ ଡିଏଭି ସ୍କୁଲରେ ୨୭ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଅତ୍ୟାଧୁନିକ ପ୍ରେକ୍ଷାଳୟ(ଅଡ଼ିଟୋରିୟମ)କୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏହି ଉଦ୍‌ଘାଟନୀ ଉତ୍ସବରେ ସେ ସମସ୍ତଙ୍କୁ ଉଦ୍‌ବୋଧନ ଦେଇ ଏମ୍.ସି.ଏଲ.ର ଏହି ଡିଏଭି ସ୍କୁଲରେ ଅତ୍ୟାଧୁନିକ ଶିକ୍ଷା ପଦ୍ଧତି ପ୍ରଚଳନ କରିବାସହ ଛାତ୍ରଛାତ୍ରୀମାନଙ୍କୁ ଉନ୍ନତମାନର କୋଚିଙ୍ଗ ଦେଇ ଡାକ୍ତର ଓ ଇଞ୍ଜିନିୟର ପଢ଼ାଇବାପାଇଁ ବାହାରକୁ ପଠାଇବାକୁ ପରାମର୍ଶ ଦେଇଥିଲେ । ପରେପରେ ଶ୍ରୀ ସିଂ ସ୍ଥାନୀୟ ଅତିଥି ଭବନରେ ଏମ୍.ସି.ଏଲ.ର ଉଚ୍ଚପଦସ୍ଥ ଅଧିକାରଙ୍କ ସହ ଏକ ସମୀକ୍ଷା ବୈଠକ କରିଥିଲେ । କୋଲ ଇଣ୍ଡିଆର ଏକ ଶୀର୍ଷ କମ୍ପାନୀ ଭାବେ ଏମ୍.ସି.ଏଲ ଏକ ଚତୁର୍ଥାଂଶ କୋଇଲା ଉତ୍ପାଦନ କରି ଦେଶର ବିକାଶରେ ଉଲ୍ଲେଖନୀୟ ଅବଦାନ କରି ଆସୁଛି । ଚଳିତ ଆର୍ଥିକ ବର୍ଷରେ ଏମ୍.ସି.ଏଲ ମୋଟ ୧୫୮ମିଲିୟନ ଟନ୍ କୋଇଲା ଉତ୍ପାଦନ କରିବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ ହାସଲ କରିପାରିବ ବୋଲି ଶ୍ରୀ ସିଂ ଆଶାବ୍ୟକ୍ତ କରିଥିଲେ । ଅଧ୍ୟକ୍ଷଙ୍କ ଏହି ଗସ୍ତ ସମୟରେ ଏମ୍.ସି.ଏଲ.ର ସି.ଏମ୍.ଡି ଅନିଲ କୁମାର ଝା,ନିର୍ଦ୍ଦେଶକ ବୈଷୟିକ(ସଂଚାଳନ) ଜେ.ପି.ସିଂ, ସି.ଏମ୍.ପି.ଡି.ଆଇ.ର ସି.ଏମ୍.ଡି ଶେଖର ଶରନ, ନିର୍ଦ୍ଦେଶକ, ବୈଷୟିକ(ଯୋଜନା ଏବଂ ପରିଯୋଜନା) ଓ.ପି.ସିଂ, ଲଖନପୁର ମହାପ୍ରବନ୍ଧକ ଆର.ପି.ଗୁପ୍ତା ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

୨୮ ବର୍ଷ ପରେ ହକି ବିଶ୍ୱକପ ଲାଗି ଯୋଗ୍ୟତା ହାସଲ କଲା ଫ୍ରାନ୍ସ

ଲୁସାନେ, ୧୫/୧୦(ଏଜେନ୍ସି): ଓସିନିଆ କପରେ ଭଲ କରିଥିବାରୁ ଦୀର୍ଘ ୨୮ ବର୍ଷର ଲମ୍ବା ବ୍ୟବଧାନ ପରେ ୨୦୧୮ରେ ହେବାକୁ ଥିବା ପୁରୁଷ ହକି ବିଶ୍ୱକପ ଲାଗି ଯୋଗ୍ୟତା ହାସଲ କରିବାରେ ସଫଳ ହୋଇଛି । ଆନ୍ତର୍ଜାତୀୟ ହକି ମହାସଂଘ (ଏଫଆଇଏଚ) ଏହି ବିଷୟରେ ବିଧିବଦ୍ଧ ଭାବରେ ଘୋଷଣା କରିଛି । ନ୍ୟୁଜିଲାଣ୍ଡ ପ୍ରଶାନ୍ତ ଦ୍ୱୀପବାସି ପାପୁଆ ନ୍ୟୁଗିନିକୁ ପରାସ୍ତ କରି ଅଷ୍ଟ୍ରେଲିଆ ବିପକ୍ଷରେ ହେବାକୁ ଥିବା ଓସିନିଆ କପର ଫାଇନାଲରେ ପ୍ରବେଶ କଲା ପରେ ବିଶ୍ୱକପ ଲାଗି ଫ୍ରାନ୍ସର ବାଟ ଫିଟି ଯାଇଥିଲା । ଏଫଆଇଏଚର ନିୟମାନୁଯାୟୀ ଯେଉଁ ଦଳ ମହାଦ୍ୱୀପ କ୍ୱାଲିଫାୟାରର ବିଜେତା ହେବ ସ୍ୱାଭାବିକ ରୂପରେ ସେହି ଦଳ ବିଶ୍ୱକପ ପାଇଁ କ୍ୱାଲିଫାଇ କରିବ । କିନ୍ତୁ ଚଳିତ ବର୍ଷ ଆରମ୍ଭରେ ଜୋହାନ୍ସବର୍ଗରେ ହେଇଥିବା ହକି ବିଶ୍ୱ ଲିଗ (ଏଚଡବ୍ଲୁଏଲ) ସେମିଫାଇନାଲରେ ତୃତୀୟ ଓ ଷଷ୍ଠ ସ୍ଥାନ ହାସଲ କରିବା ପରେ କାରଣରୁ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ପ୍ରଥମରୁ ବିଶ୍ୱକପ ପାଇଁ ଯୋଗ୍ୟତା ଅର୍ଜନ କରିସାରିଛନ୍ତି । ଏହି କାରଣରୁ ଫ୍ରାନ୍ସ ପାଇଁ ବିଶ୍ୱକପରେ ଖେଳିବାର ରାସ୍ତା ପରିଷ୍କାର ହୋଇଯାଇଥିଲା । ଏଚଡବ୍ଲୁଏଲ ସେମିଫାଇନାଲର ପ୍ରଦର୍ଶନକୁ ଆଧାରରେ ଫ୍ରାନ୍ସ କ୍ୱାଲିଫାଇ କରିବାର ନିକଟବର୍ତ୍ତୀ ଥିଲା । ଏଫଆଇଏଚ ହିରୋ ବିଶ୍ୱ ର୍‌ୟାଙ୍କିଙ୍ଗରେ ଥିବା ଫ୍ରାନ୍ସ ଏଚଡବ୍ଲୁଏଲ ସେମିଫାଇନାଲରେ ମିଶରକୁ ହରାଇ ନିଜର ଶେଷ ମ୍ୟାଚରେ ୩-୦ରେ ବିଜୟ ହାସଲ କରି ପ୍ରତିଯୋଗିତାରେ ସପ୍ତମ ସ୍ଥାନ ହାସଲ କରିଥିଲା । ଫ୍ରାନ୍ସ ଆର ବର୍ଷ ହେବାକୁ ଥିବା ବିଶ୍ୱକପ ଲାଗି ଯୋଗ୍ୟତା ଅର୍ଜନ କରିଥିବା ୧୪ତମ ଦେଶ ହୋଇଛି । ଫ୍ରାନ୍ସ ୧୯୯୦ରେ ଲାହୋର ଠାରେ ହେଇଥିବା ବିଶ୍ୱକପରେ ଶେଷଥର ପାଇଁ ଖେଳିଥିଲା ।

ତାନଜ୍ଞିନ ଓପନ ଜିତିଲେ ସାରାପୋଭା

ତାନଜ୍ଞିନ, ୧୫/୧୦(ଏଜେନ୍ସି): ୧୫ ମାସର ନିଲମ୍ବନ ପରେ ଟେନିସ କୋର୍ଟକୁ ଫେରି ପ୍ରଥମ ଟାଇଟଲ ହାସଲ କରିଛନ୍ତି ମାରିଆ ସାରାପୋଭା । ତାନଜ୍ଞିନ ଓପନର ରୋମାଞ୍ଚକର ଫାଇନାଲରେ ଋଷର ସାରାପୋଭା ବେଲାଋଷର ଆରୟାନା ସାବାଲେଙ୍କାଙ୍କୁ ୭-୫, ୭-୬ରେ ପରାଜିତ କରି ଟାଇଟଲ ବିଜେତା ହୋଇଛନ୍ତି । ସୂଚନାଯୋଗ୍ୟ ୨୦୧୬ ଅଷ୍ଟ୍ରେଲିଆ ଓପନରେ ଡୋପିଂ ପରୀକ୍ଷାରେ ତାଙ୍କ ନମୁନାରେ ନିଷେଦ୍ଧ ଔଷଧ ମେଲଡୋନିଅମର ମାତ୍ରା ମିଳିବାରୁ ତାଙ୍କୁ ୧୫ ମାସ ଲାଗି ନିଲମ୍ବିତ କରାଯାଇଥିଲା । ଏହାପରେ ସାରାପୋଭା ଆଘାତ କାରଣରୁ ଟେନିସ କୋର୍ଟରୁ ଦୂରେଇ ରହିଥିଲେ । ନିଲମ୍ବନ ଓ ଆଘାତ ସମସ୍ୟାରୁ ପ୍ରତ୍ୟାବର୍ତ୍ତନ ପରେ ପ୍ରଥମ ଟାଇଟଲ ହାସଲ କରିବାରେ ସଫଳ ହୋଇଛନ୍ତି । ବିଶ୍ୱର ୧୦୨ତମ ସିଡେଡ୍ ସାବାଲେଙ୍କା ଏହି ଫାଇନାଲ ମ୍ୟାଚରେ ପ୍ରଥମ ସେଟରେ ୪-୧ ଏବଂ ଦ୍ୱିତୀୟ ସେଟରେ ୫-୧ରେ ଆଗୁଆ ରହିଥିଲେ । କିନ୍ତୁ ପାଞ୍ଚଥର ଗ୍ରାଣ୍ଡସ୍ଲାମ ଚାମ୍ପିଅନ ସାରାପୋଭା ନାଟକୀୟ ଭାବରେ ଦୁଇଥର ଯାକ ତାଙ୍କଠାରୁ ସେଟ ଛଡାଇ ନେଇଥିଲେ । ବିଶ୍ୱ ର୍‌ୟାଙ୍କିଙ୍ଗର ୮୬ତମ ଖେଳାଳୀର ମାନ୍ୟତା ପାଇଥିବା ୩୦ ବର୍ଷ ବୟସ୍କା ସାରାପୋଭାଙ୍କୁ ଏହି ବିଜୟ ତାଙ୍କର ଆତ୍ମବିଶ୍ୱାସ ଫେରାଇ ଆଣିବାରେ ସହାୟକ ହେବ । ଉଲ୍ଲେଖନୀୟ ଯୋଗ୍ୟ ଚଳିତ ବର୍ଷ ୟୁଏସ ଓପନରେ ୱାଇଲଡ କାର୍ଡ ମାଧ୍ୟମରେ ପ୍ରବେଶ କରି ବର୍ତ୍ତମାନ ର୍‌ୟାଙ୍କିଙ୍ଗର ୧ ନମ୍ବର ଖେଳାଳୀ ସିମୋନା ହାଲେପଙ୍କୁ ପ୍ରଥମ ମ୍ୟାଚରେ ହରାଇବା ସହ ଚତୁର୍ଥ ପର୍ଯ୍ୟାୟ ପର୍ଯ୍ୟନ୍ତ ପହଞ୍ଚିଥିଲେ । ୨୦୦୪ ୱିମ୍ବଲଡନ ବିଜେତା ସାରାପୋଭା ତାନଜ୍ଞୀନ ଓପନ ପୂର୍ବରୁ ୨୦୧୫ ମେ ମାସରେ ଇଟାଲି ଓପନ ଟାଇଟଲ ହାସଲ କରିଥିଲେ ।

ନାଡାଲଙ୍କୁ ହରାଇ ଫେଡରର ଜିତିଲେ ସାଂଘାଇ ମାଷ୍ଟରର୍ସ

ବେଜିଂ, ୧୫/୧୦(ଏଜେନ୍ସି): ସୁଇଜରଲାଣ୍ଡର ମହାନ ଟେନିସ ତାରକା ରୋଜର ଫେଡରର ରବିବାର ଦିନ ସାଂଘାଇ ଓପନ ଟେନିସ ଟୁର୍ଣ୍ଣାମେଣ୍ଟର ପୁରୁଷ ଏକକ ଫାଇନାଲରେ ବିଶ୍ୱର ୧ ନମ୍ବର ଖେଳାଳୀ ରାଫେଲ ନାଡାଲଙ୍କୁ ସିଧା ସେଟରେ ପରାସ୍ତ କରି ସଂଘାଇ ମାଷ୍ଟରର୍ସ ଟାଇଟଲ ହାସଲ କରିଛନ୍ତି । ୨୦୧୪ରେ ସାଂଘାଇ ମାଷ୍ଟରର୍ସ ଟାଇଟଲ ହାସଲ କରିଥିବା ଫେଡରର ୬-୪, ୬-୩ ସେଟରେ ନାଡାଲଙ୍କୁ ପରାସ୍ତ କରି ଦ୍ୱିତୀୟ ଥର ଲାଗି ଏହି ଟାଇଟଲ ଚାମ୍ପିୟନ ହୋଇଛନ୍ତି । ୭୧ ମିନିଟ ଧରି ଚାଲିଥିବା ଏହି ଫାଇନାଲ ମ୍ୟାଚରେ ୧୯ଥର ଗ୍ରାଣ୍ଡସ୍ଲାମ ବିଜେତା ଫେଡରରଙ୍କୁ ନାଡାଲ ପ୍ରଥମ ସେଟରେ କଡା ଟକ୍କର ଦେଇଥିଲେ କିନ୍ତୁ ଫେଡରର ନିଜର ଅଗ୍ରଣୀ ବଜାୟ ରଖି ପ୍ରଥମ ସେଟକୁ ୬-୪ରେ ଜିତିଥିଲେ । ଏହାପରେ ସ୍ପେନର ନାଡାଲ ଦ୍ୱିତୀୟ ସେଟରେ ପ୍ରତ୍ୟାବର୍ତ୍ତନ କରିବାକୁ ଭରପୂର ପ୍ରୟାସ କରିଥିଲେ କିନ୍ତୁ ଫେଡରର ନାଡାଲଙ୍କ ସର୍ଭିସ ବ୍ରେକ କରି ୬-୩ରେ ଦ୍ୱିତୀୟ ସେଟକୁ ନିଜ ନାମରେ କରି ଟାଇଟଲ ବିଜେତା ହୋଇଥିଲେ । ଚଳିତ ସିଜନରେ ଫେଡରରଙ୍କ ଏହା ଚତୁର୍ଥ ଟାଇଟଲ । ସୂଚନାଯୋଗ୍ୟ ବିଶ୍ୱର ୨ ନମ୍ବର ଖେଳାଳୀ ଫେଡରର ଅଷ୍ଟ୍ରେଲିଆ ଓପନ ଓ ମିଆମୀ ମାଷ୍ଟରର୍ସ ଫାଇନାଲରେ ମଧ ନାଡାଲଙ୍କୁ ପରାସ୍ତ କରିଛନ୍ତି ।

ରାଜ୍ୟସ୍ତରୀୟ ପାଲଲହଡ଼ା କପ୍ ଫୁଟବୁଲ ପ୍ରତିଯୋଗିତା ଉଦ୍‌ଯାପିତ

ଯୁବ ଆଦିବାସୀ କ୍ଲବ, ରାଉରକେଲା ଚାମ୍ପିୟନ

ପାଲଲହଡ଼ା/ତାଳଚେର, ୧୫/୧୦(ଶ୍ରୁ.ମି): ଅନୁଗୋଳ ଜିଲ୍ଲା ପାଲଲହଡ଼ା ଷ୍ଟାଡିୟମ ଠାରେ ଗତ ୭ତାରିଖରୁ ଆରମ୍ଭ ହୋଇଥିବା ୨୯ତମ ରାଜ୍ୟସ୍ତରୀୟ ପାଲଲହଡ଼ା କପ୍ ଫୁଟବୁଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଯୁବ ଆଦିବାସୀ କ୍ଲବ,ରାଉରକେଲା ସାଇ ସ୍ପୋର୍ଟସ ହଷ୍ଟେଲ,କଟକକୁ ପେନାଲଟି ସୁଟ ଆଉଟ ମାଧ୍ୟମରେ ହରାଇ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି । ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ମନ୍ତ୍ରୀ ଚନ୍ଦ୍ର ସାରଥି ବେହେରା ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଚାମ୍ପିୟାନ ଓ ରନର୍ସ ଅପ୍ ଦଳକୁ ନଗଦ ଅର୍ଥ ରାଶି ଏବଂ ରାଜା ମେଡ଼ିକାଲସ ପ୍ରାୟୋଜିତ ଟ୍ରଫି ପ୍ରଦାନ କରିବାସହ ବିପୁଳ ସଂଖ୍ୟାରେ ଉପସ୍ଥିତ କ୍ରୀଡ଼ା ପ୍ରେମୀଙ୍କୁ ପ୍ରଶଂସା କରିଥିଲେ । ମନ୍ତ୍ରୀ ଶ୍ରୀ ବେହେରା ପାଲଲହଡ଼ା ଷ୍ଟାଡିୟମ ଠାରେ ଆସନ୍ତା ଆର୍ଥିକ ବର୍ଷ ମଧ୍ୟରେ ଏକ ଦର୍ଶକ ଗ୍ୟାଲେରୀ ନିର୍ମାଣ ପାଇଁ ଆବଶ୍ୟକୀୟ ଅର୍ଥ ବରାଦ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ସମ୍ମାନିତ ଅତିଥି ଭାବେ ପାଲଲହଡ଼ା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ମହେଶ ସାହୁ, ଉପଜିଲ୍ଲାପାଳ ତପନ କୁମାର ଶତପଥି, ଜିଲ୍ଲା କ୍ରୀଡ଼ା ଅଧିକାରୀ ମହେନ୍ଦ୍ର ସାହୁ, କ୍ଲବ ସଭାପତି ସୁଧାଂଶୁ କପର ଦାର, ସମ୍ପାଦକ ଅଶୋକ କୁମାର ପାଣି ପ୍ରମୁଖ ଯୋଗ ଦେଇ ସମସ୍ତ ଖେଳାଳୀଙ୍କୁ ପିୟୁଷ କୁମାର ଟ୍ରଫି ଓ ଅନ୍ୟାନ୍ୟ ପୁରସ୍କାର ବିତରଣ କରିଥିଲେ । ବିଶିଷ୍ଟ କ୍ରୀଡ଼ାବିତ ଅଭୟ କୁମାର ନାଏକ ସ୍ୱାଗତ ସମ୍ଭାଷଣ ଓ ସଂଚାଳନ କରିଥିବା ବେଳେ ହରିହର ବେହେରା କ୍ରୀଡ଼ାବିତ ମାନଙ୍କର ନାମ ଘୋଷଣା କରିଥିଲେ । ଉକ୍ତ କ୍ରୀଡ଼ାକୁ ଓଡ଼ିଶାର ଆନ୍ତର୍ଜାତୀୟସ୍ତରୀୟ ରେଫରୀ ଶିବଶଙ୍କର ପଣ୍ଡା ପରିଚାଳନା କରିଥିଲେ । ଫାଇନାଲ ଖେଳକୁ ଆଖପାଖ ଅଂଚଳର ପ୍ରାୟ ୮ହଜାରୁ ଉର୍ଦ୍ଧ୍ୱ ଦର୍ଶକ ଉପଭୋଗ କରିଥିଲେ ।

Printed, Published and Owned by Sri Sarbeswar Mishra, Published at Plot No-145, Sahid Nagar, Bhubaneswar-751007, Dist-Khordha, Odisha and Printed at Nijukti Khabar Prakashan, Plot No-TS 3/ 193 Mancheswar Industrial Estate, Bhubaneswar- 751010, Dist- Khordha Tel-0674-2549525, 2549725, Fax-0674-2549625, E-mail: srutimedia@gmail.com
Editor-Sarbeswar Mishra
ସମ୍ପାଦକ:ସର୍ବେଶ୍ୱର ମିଶ୍ର